# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
1 MAY 2026

ଶୁକ୍ରବାର
୧ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 343 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୪୩ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


25001/75/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଶାରେ
# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା – ୪ର
## ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ଶିବରାଜ ସିଂହ ଚୌହାନ**
କେନ୍ଦ୍ର ମନ୍ତ୍ରୀ, କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ
ଓ ପାନୀୟ ଜଳ, ଓଡ଼ିଶା

**ଶ୍ରୀ ସପ୍ତଗିରି ଶଙ୍କର ଉଲାକା**
ସାଂସଦ, କୋରାପୁଟ

**ଏବଂ ବିଧାୟକ ବୃନ୍ଦ, ରାୟଗଡ଼ ଜିଲ୍ଲା**

୦୧ ମଇ ୨୦୨୬ | ରାୟଗଡ଼




| ଜିଲ୍ଲା | ରାସ୍ତା ସଂଖ୍ୟା | ଦୈର୍ଘ୍ୟ (କି.ମି.) | ପ୍ରକଳ୍ପ ରାଶି (କୋଟି) | ବସତି ସଂଖ୍ୟା |
|---|---|---|---|---|
| କନ୍ଧମାଳ | ୧୫୩ | ୩୪୯.୬୭ | ୩୩୯.୮୭ | ୧୬୪ |
| କେନ୍ଦୁଝର | ୪୫ | ୧୦୧.୯୯ | ୧୦୭.୪୪ | ୪୭ |
| ଖୋର୍ଦ୍ଧା | ୭ | ୧୫.୦୭ | ୧୪.୭୦ | ୭ |
| କୋରାପୁଟ | ୨୩ | ୩୨.୪୯ | ୩୫.୮୭ | ୨୪ |
| ମାଲକାନଗିରି | ୧୭୮ | ୨୮୧.୫୫ | ୨୭୫.୨୭ | ୧୭୦ |
| ନବରଙ୍ଗପୁର | ୧୩୮ | ୩୨୪.୧୭ | ୩୨୦.୧୯ | ୧୫୩ |
| ରାୟଗଡ଼ | ୨୬୪ | ୫୫୨.୯୧ | ୫୬୨.୧୦ | ୩୧୪ |
| ସମ୍ବଲପୁର | ୧୯ | ୪୪.୮୧ | ୪୨.୬୦ | ୧୯ |
| **ସମୁଦାୟ** | **୮୨୭** | **୧୭୦୧.୮୬** | **୧୬୯୮.୦୪** | **୮୯୮** |

OIPR-25001/25001/2/26-27/0003

## ପ୍ରଗତି ପଥରେ ଓଡ଼ିଶାର ଗାଁ, PMGSY-IV ସାଜିବ ବିକାଶର ନାଁ ।

ଉନ୍ନତ ସ୍ୱାସ୍ଥ୍ୟ ସେବା | ଶିକ୍ଷାର ପ୍ରସାର | ଅର୍ଥନୈତିକ ସମୃଦ୍ଧି | ସାମାଜିକ ବିକାଶ













ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର । ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର

## ମିଛ ଅପପ୍ରଚାର କରୁଛି ବିଜେପି: ନବୀନ

# 'ମୁଁ ଥିଲା ପର୍ଯ୍ୟନ୍ତ ଓଡ଼ିଶାର ହକ୍‌କୁ କେହି ବଞ୍ଚିତ କରିପାରିବେନି'



**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ବିଜୁ ବାବୁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ମହିଳାଙ୍କୁ ୩୩% ସଂରକ୍ଷଣ ଦେଇଥିଲେ। ୨୦୦୦ ମସିହାରେ ମୋ ସରକାର ୫୦% ସଂରକ୍ଷଣ ଦେଇଥିଲା। ବିଜେପି ମିଛ ଅପପ୍ରଚାର କରୁଛି। ମହିଳା ସଂରକ୍ଷଣ ବିଲ୍ ଆସିବା ପୂର୍ବରୁ ମୁଁ ସ୍ୱତନ୍ତ୍ର ଅଧିବେଶନ ପାଇଁ ଚିଠି ଲେଖିଥିଲି। ଆଲୋଚନା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲି। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଏବଂ ସମସ୍ତ ସାଂସଦଙ୍କୁ ଚିଠି ଲେଖିଛି। ସୀମା ନିର୍ଦ୍ଧାରଣ ବିଲ୍ ରାଜ୍ୟର ରାଜନୈତିକ ଅଧିକାରୀ କମେଇବ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। କେବଳ ସେତିକି ନୁହେଁ ଏହି ସମୟରେ ନବୀନ କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ମୁଁ ଭରସା ଦେଉଛି ମୁଁ ଥିଲା ପର୍ଯ୍ୟନ୍ତ ଓଡ଼ିଶାର ହକକୁ କେହି ବଞ୍ଚିତ କରିପାରିବେ ନାହିଁ। ଓଡ଼ିଶାର ବିଜେପି ବିଧାୟକମାନେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମହିଳାଙ୍କ କଙ୍କାଳ ମାଟି ତଳୁ ବାହାର କରି ବ୍ୟାଙ୍କରେ ପ୍ରମାଣ ଦେବା କିଭଳି ମହିଳା ସଶକ୍ତୀକରଣ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ନବୀନ ନିଜର ଅଭିଭାଷଣ ରଖି କହିଛନ୍ତି ଯେ ଓଡ଼ିଶାର ମୁଣ୍ଡ ଲଜ୍ଜାରେ ଝୁଲୁଛି କାରଣ ଜଣେ ମହିଳାଙ୍କ ପରିବାର ଦ୍ୱାରା ତାଙ୍କ ମୃତ୍ୟୁ ପ୍ରମାଣ କରିବା ପାଇଁ ତାଙ୍କ କଙ୍କାଳକୁ ଖୋଳି ବ୍ୟାଙ୍କକୁ ନେଇ ତାଙ୍କର ପ୍ରାପ୍ୟ ଦାବି କରିବାକୁ ପଡ଼ିଥିଲା। ଯଦିଓ ତାଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ବ୍ୟାଙ୍କ ଆନୁଷ୍ଠାନିକ କାର୍ଯ୍ୟ ସମାପ୍ତ କରିବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିବା ପାଇଁ ଅନେକ ଥର ଆସିଥିଲେ, ତଥାପି ଅଧିକାରୀମାନେ ତାଙ୍କ ମୃତ୍ୟୁର ପ୍ରମାଣ ମାଗି ତାଙ୍କୁ ହଇରାଣ କରି ଚାଲିଥିଲେ। ଆହୁରି ଭୟଙ୍କର କଥା ହେଉଛି ଯେ ପ୍ରମାଣ ସ୍ୱରୂପ ବ୍ୟାଙ୍କରେ ତାଙ୍କ କଙ୍କାଳ ଉପସ୍ଥାପନ କରିବା ପରେ, ତାଙ୍କୁ ପୁଣି ଥରେ ପାଦରେ ଘରକୁ ବୋହି ନେବାକୁ ପଡ଼ିଲା। ଏହା ଏକ ସମ୍ପୂର୍ଣ୍ଣ ଅସମ୍ବେଦନଶୀଳ ରାଜ୍ୟ ସରକାରଙ୍କ ଦ୍ୱାରା ସମର୍ଥିତ ପ୍ରଶାସନର ସମ୍ପୂର୍ଣ୍ଣ ଉଦାସୀନତା ଏବଂ ଶୂନ୍ୟ ଦାୟିତ୍ୱବୋଧତା ଦର୍ଶାଏ।

ପ୍ରଥମ ଥର ପାଇଁ ଆମେରିକା ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଉପରେ ଚିନ୍ତା ପ୍ରକାଶ କରି ଓଡ଼ିଶା ନଯିବା ପାଇଁ ଏହାର ନାଗରିକମାନଙ୍କୁ ଏକ ପରାମର୍ଶ ଜାରି କରିଛି।ରାଜ୍ୟରେ ବିଜେପି ସରକାରଙ୍କର ମହିଳାଙ୍କ ସମ୍ମାନ ଏବଂ ସଶକ୍ତିକରଣ ବିଷୟରେ କହିବାର କୌଣସି ଅଧିକାର ନାହିଁ। ଶାସନ କେବଳ କାହାଣୀ ଏବଂ ଆଲୋକରେ ସଙ୍କୁଚିତ ହୋଇଯାଇଛି।ମୁଖ୍ୟମନ୍ତ୍ରୀ ଆଉ କୌଣସି ବିବୃତ୍ତି ଦେବା ପୂର୍ବରୁ ଆତ୍ମସମୀକ୍ଷା କରିବା ଉଚିତ। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏହି ନୃଶଂସ ଘଟଣା ଘଟିଛି ତାହା ଓଡ଼ିଶାର ଆଶ୍ଚର୍ଯ୍ୟଜନକ ସ୍ଥିତିକୁ ମନେ ପକାଇ ଦେଉଛି।

ସମ୍ବିଧାନ ସଂଶୋଧନ ବିଲ୍ ବିଷୟରେ କହିବାକୁ ଗଲେ, ଆମେ ସ୍ପଷ୍ଟ କରିଦେବାକୁ ଚାହୁଁଛୁ ଯେ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା ହେଉଛି। ଗୋଟିଏ ହେଉଛି ମହିଳା ସଂରକ୍ଷଣ ବିଲ୍ ଯାହା ୨୦୨୩ରେ ସଂସଦରେ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ସଂସଦରେ ବିଜେଡି ଏହି ବିଲ୍‌କୁ ସମର୍ଥନ କରିଥିଲା ଏବଂ ଆଜି ମଧ୍ୟ ଆମେ ଦାବି କରୁଛୁ ଯେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଓଡ଼ିଶାର ସମସ୍ତ ସ୍ଥାନୀୟ ସଂସ୍ଥାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ କରିବାରେ ପ୍ରଥମ ରାଜ୍ୟ ମଧ୍ୟରୁ ଗୋଟିଏ ଥିଲା। ୨୦୧୧ରେ ମୋ ସରକାର ଏହାକୁ ୫୦%କୁ ବୃଦ୍ଧି କରିଥିଲା। ଆମେ ୨୦୧୯ ଏବଂ ୨୦୨୪ରେ ଲୋକସଭା ନିର୍ବାଚନ ପାଇଁ ମଧ୍ୟ ମହିଳାଙ୍କୁ ୩୩% ଟିକେଟ୍ ଦେଇଥିଲୁ। ବିଜେପି କ'ଣ ଏହା କରିଛି ବୋଲି କହିପାରିବ ? ମହିଳା ଅଧିକାର ପାଇଁ ଓଠରେ ପ୍ରଚାର କରିବା ଏବଂ ଜନସାଧାରଣଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ପ୍ରସଙ୍ଗରେ ମିଥ୍ୟା କାହାଣୀ ସୃଷ୍ଟି କରିବା ବ୍ୟତୀତ, ଓଡ଼ିଶାରେ ବିଜେପି ଆଉ କିଛି କରିନାହିଁ। ସଂସଦରେ ପୂର୍ବରୁ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ସୀମା ନିର୍ଦ୍ଧାରଣ ବିଲ୍ ସହିତ ଯୋଡ଼ିବା ତଥ୍ୟ ଆଲୋଚ଼ନା ବିନା ସୀମା ନିର୍ଦ୍ଧାରଣକୁ ଆଗକୁ ବଢାଇବା ପାଇଁ ଏକ ଗୁପ୍ତ କାର୍ଯ୍ୟ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ମୋର ଚିଠି ଏବଂ ଓଡ଼ିଶାର ସମସ୍ତ ୨୧ ଜଣ ସାଂସଦଙ୍କୁ ମୋର ଆବେଦନ ଏହି ବିଷୟରେ ଆମର ମତ ସ୍ପଷ୍ଟ କରିଛି।

ଏହା ଚିନ୍ତାର ବିଷୟ ଯେ ବିଜେପି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭୁଲ ସୂଚନା ପ୍ରସାର କରୁଛି ଯାହା ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ଏବଂ ରାଜନୈତିକ ସ୍ୱରକୁ ପ୍ରଭାବିତ କରେ। ଏହି ସୀମା ନିର୍ଦ୍ଧାରଣ ବିଲ୍ ଆମ ଲୋକଙ୍କ, ବିଶେଷକରି ଭବିଷ୍ୟତ ପିଢ଼ିର ରାଜନୈତିକ ଅଧିକାରକୁ ହ୍ରାସ କରିବାକୁ ଚାହୁଁଛି। ଯଦି ଆମେ ଏହି ସୀମା ନିର୍ଦ୍ଧାରଣକୁ ସମର୍ଥନ କରୁ, ତେବେ ଇତିହାସ ଆମକୁ କ୍ଷମା କରିବ ନାହିଁ। ଓଡ଼ିଆବାସୀଙ୍କୁ ମୋର ଭରସା ଦେବି। ମୁଁ ଥିଲା ପର୍ଯ୍ୟନ୍ତ ଓଡିଶାକୁ ତାର ହକ୍‌ରୁ କେହି ବଞ୍ଚିତ କରି ପାରିବ ନାହିଁ। ଓଡିଶାର ବିଜେପି ବିଧାୟକମାନେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା ବନ୍ଦ୍ କରନ୍ତୁ ବୋଲି ନୀବନ ପଟ୍ଟନାୟକ କହିଛନ୍ତି।

## ବିଜେଡିର ମହିଳା ପ୍ରେମ କେବଳ ଛଳନା



'ନବୀନଙ୍କ ୨୫ ବର୍ଷର ଶାସନରେ ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି'

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ବିଧାନସଭାରେ ଆଜି ମହିଳା ସଂରକ୍ଷଣ ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଜୋରଦାର ତର୍କ ଦେଖିବାକୁ ମିଳିଛି। ମହିଳା ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଧିବେଶନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ନବୀନ ବାବୁଙ୍କ ୨୫ ବର୍ଷର ଶାସନ କାଳରେ ମହିଳାମାନେ ଅବହେଳିତ ହୋଇଥିବା ବେଳେ ଏବେ ସେ 'କୁମ୍ଭୀର କାନ୍ଦଣା' କାନ୍ଦୁଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ନିଜ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅତୀତରେ ଦାନ ମାଝୀ ଘଟଣା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଥିଲା। ସେତେବେଳେ ନବୀନ ବାବୁ କ'ଣ କରୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜୁ ବାବୁଙ୍କ ପ୍ରତି ସମ୍ମାନ ଥିଲେ ମଧ୍ୟ ନବୀନଙ୍କ ୨୫ ବର୍ଷର ଶାସନରେ ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି ଏବଂ ସେମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରାଯାଇଛି। ବିଜେଡିର ମହିଳା ପ୍ରେମ କେବଳ ଛଳନା ବୋଲି ସେ ଅଭିହିତ କରିଛନ୍ତି । ସେହିପରି କଂଗ୍ରେସକୁ ଟାର୍ଗେଟ କରି ସେ କହିଛନ୍ତି ଯେ, ୪୦ ବର୍ଷ ଶାସନରେ ରହି ମଧ୍ୟ କଂଗ୍ରେସ ମହିଳାଙ୍କ ପାଇଁ କିଛି କରିନାହିଁ । କଂଗ୍ରେସ କେବଳ ଗାନ୍ଧୀ ପରିବାରର ମହିଳାଙ୍କୁ ଆଗକୁ ନେବା ଚିନ୍ତାରେ ରହିଥାଏ। ୨୦୨୩ରେ ଆସିଥିବା ବିଲ୍‌କୁ ପୂର୍ବରୁ ସମର୍ଥନ କରି ଏବେ ବିରୋଧ କରୁଥିବା କଂଗ୍ରେସର ନୀତିକୁ ସେ ସମାଲୋଚନା କରିଛନ୍ତି। ସେହିପରି ବିଜେଡି ମଧ୍ୟ ସମାନ ରାସ୍ତାରେ ଯାଉଛି ବୋଲି ସେ କହିଛନ୍ତି। ୨୦୧୮ରେ ବିଧାନସଭାରେ ପ୍ରସ୍ତାବ ଆଣିବା କେବଳ ଭୋଟ୍ ହାତେଇବା ପାଇଁ ଏକ ଚାଲ୍ ଥିଲା ।



ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ବିଜେପି ବିଧାୟକବୃନ୍ଦଙ୍କ ସହ ମୁଖ୍ୟମନ୍ତ୍ରୀ

## ବିଜେପିକୁ ରାମଚନ୍ଦ୍ରଙ୍କ ଟାର୍ଗେଟ

# 'ଦମ୍ ଅଛି ତ ମହିଳା ମୁଖ୍ୟମନ୍ତ୍ରୀ କରି ଦେଖାଅ'



**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** ବିଧାନସଭାରେ ମହିଳା ସଂରକ୍ଷଣ ବିଲ୍ ଉପରେ ଆଲୋଚନା ପ୍ରସଙ୍ଗରେ ଶାସକ ବିଜେପିକୁ କଡ଼ା ଭାଷାରେ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ମହିଳାଙ୍କ ପ୍ରତି ଯଦି ବିଜେପିର ପ୍ରକୃତ ଆନ୍ତରିକତା ଅଛି, ତେବେ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ କରି ଦେଖାନ୍ତୁ ବୋଲି ସେ ଚ୍ୟାଲେଞ୍ଜ କରିଛନ୍ତି। କାଡାମ କହିଛନ୍ତି ଯେ, 'ଯଦି ଦମ୍ ଅଛି, ତେବେ ପ୍ରଭାତୀ ପରିଡ଼ା କିମ୍ବା ବାଚସ୍ପତିଙ୍କୁ ମୁଖ୍ୟମନ୍ତ୍ରୀ କରନ୍ତୁ। ମହିଳାଙ୍କ ପାଇଁ କେବଳ ଭାଷଣ ନୁହେଁ, କାର୍ଯ୍ୟ କରି ଦେଖାନ୍ତୁ।' ମହିଳା ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ଆଣିଥିବା ପ୍ରସ୍ତାବକୁ ନେଇ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ, ଆଜି କାହିଁକି ସରକାରଙ୍କ ଜ୍ଞାନ ଉଦୟ ହେଲା ? ଦେଶ ସ୍ୱାଧୀନତା ପୂର୍ବରୁ ନାରୀମାନଙ୍କର ବଡ଼ ଯୋଗଦାନ ରହିଛି, କିନ୍ତୁ ଆରଏସ୍‌ଏସ୍‌ରେ ମହିଳାଙ୍କ ପାଇଁ କୌଣସି ସୁଯୋଗ ନାହିଁ। ମାଳତୀ ଦେବୀ ଚୌଧୁରୀ ଏବଂ ସାରଳା ଦେବୀଙ୍କ ଭଳି ନାରୀ ଶକ୍ତିଙ୍କ ସଂଗ୍ରାମ କଥା ମନେ ପକାଇ ସେ କହିଛନ୍ତି ଯେ କଂଗ୍ରେସ ସମୟରେ ହିଁ ଦେଶରେ ମହିଳା ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ହୋଇପାରିଥିଲେ। ସ୍ୱର୍ଗତ ରାଜୀବ ଗାନ୍ଧୀ ପ୍ରଥମେ ସଂସଦରେ ମହିଳାଙ୍କ ଅଧିକାର ପାଇଁ କାମ ଆରମ୍ଭ କରିଥିଲେ। ବିଜେପି ସରକାରଙ୍କୁ ଘେରି ସେ ପ୍ରଶ୍ନ କରିଛନ୍ତି ଯେ, ୨୦୨୩ ମସିହାର ମହିଳା ସଂରକ୍ଷଣ ବିଧେୟକକୁ କାହିଁକି ଏପର୍ଯ୍ୟନ୍ତ ଲାଗୁ କରାଗଲା ନାହିଁ ? ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଶକ୍ତିର ଅଭାବ ରହିଛି। ଜାତିଗତ ଜନଗଣନା ହୋଇନଥିବା ବେଳେ ବିଜେପି ଏବେ କାହିଁକି ଏତେ ତରତର ହେଉଛି ? ବିଜେପି ଏବେ ଭୟଭୀତ ହୋଇ କେବଳ 'ପ୍ରହସନ' କରୁଛି ବୋଲି ରାମଚନ୍ଦ୍ର କାଡାମ ଅଭିଯୋଗ କରିଛନ୍ତି।

## ଋଣ ଠକେଇ ମାମଲା

# ୩ ବ୍ୟାଙ୍କ୍ ଅଧିକାରୀ, ଜଣେ ଋଣଗ୍ରହୀତାଙ୍କୁ ଜେଲ୍

**ବାରିପଦା,୩୦।୪/ଏନ୍‌ଏନ୍‌ଏସ୍:** ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଲିମିଟେଡରେ ୧୫.୫୮ ଲକ୍ଷ ଟଙ୍କା ଋଣ ଠକେଇ ମାମଲାରେ ବାରିପଦା ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ଗୁରୁବାର ୩ ଜଣ ପୂର୍ବତନ ବ୍ୟାଙ୍କ ଅଧିକାରୀ ଓ ଜଣେ ଋଣଗ୍ରହୀତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନେ ହେଲେ ପୂର୍ବତନ ଶାଖା ପ୍ରବନ୍ଧକ (ଚାକିରିରୁ ବହିଷ୍କୃତ) ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ରାଇରଙ୍ଗପୁର ଶାଖାର ଆଶୁତୋଷ ମହାନ୍ତି, ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ (ଅବସରପ୍ରାପ୍ତ), ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ବାରିପଦାର କାନ୍ତିଲାଲ ମୁଗ୍ରୀ, ପୂର୍ବତନ ସଭାପତି, ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ବାରିପଦାର କୃପାସିନ୍ଧୁ ମହାନ୍ତ ଓ ମୟୂରଭଞ୍ଜ ରାଇରଙ୍ଗପୁରର ଋଣଗ୍ରହୀତା ସଲିଲ ଅଗ୍ରୱାଲ।

ବାରିପଦା ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ପ୍ରତ୍ୟେକ ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩୦,୦୦୦ ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଅଭିଯୋଗ ଅନୁଯାୟୀ ୩ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣଗ୍ରହୀତା ଶ୍ରୀ ଅଗ୍ରୱାଲଙ୍କୁ ଅନୁକମ୍ପା ଦେଖାଇ ଜାଲ୍ କାଗଜପତ୍ର ଓ ପର୍ଯ୍ୟାପ୍ତ ପରିମାଣର ସିକ୍ୟୁରିଟି ନ ଥାଇ ବିନା ଆଧାରରେ ବ୍ୟାଙ୍କର ଋଣ ନୀତି ଉଲ୍ଲଂଘନ କରି ଋଣ ମଞ୍ଜୁର କରିଥିଲେ। ଏହାଦ୍ୱାରା ସରକାରୀ ଅର୍ଥ ୧୫.୫୮ ଲକ୍ଷ ଟଙ୍କାରୁ ଅଧିକ ହଡ଼ପ ହୋଇଥିଲା। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ କାନ୍ତିଲାଲ ମୁଗ୍ରୀଙ୍କ ପେନସନ୍ ବନ୍ଦ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ।

# ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶର ପ୍ରତିଫଳନ ହେବା ଉଚିତ୍: ଧର୍ମେନ୍ଦ୍ର



**ବେଙ୍ଗାଲୁରୁ,୩୦।୪/ଏଜେନ୍ସି:** ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନ କେନ୍ଦ୍ର ନ ହୋଇ ମାନବ ସମ୍ବଳର ବିକାଶ ଓ ଜାତୀୟ ସଂକଳ୍ପର ପ୍ରତିଫଳନ ହେବା ଉଚିତ ବୋଲି ଆଜି ବେଙ୍ଗାଲୁରୁର ଚାଣକ୍ୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଏସ. ସୋମନାଥଙ୍କ ଉପସ୍ଥିତିରେ 'ସୁଧା ଏବଂ କ୍ରିସ୍ ଗୋପାଳକ୍ରିଷ୍ଣନ ଏକାଡେମିକ ବ୍ଲକ', 'ଡକ୍ଟର କେ. କସ୍ତୁରୀରଙ୍ଗନ ଅଡିଟୋରିୟମ' ଏବଂ 'ସାଟେଲାଇଟ ଗ୍ରାଉଣ୍ଡ ଷ୍ଟେସନ'କୁ ଉଦଘାଟନ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ର ନିର୍ମାଣର ପ୍ରକୃତ ମାପକାଠି ପ୍ରାୟତଃ ସେହି ଅନୁଷ୍ଠାନଗୁଡ଼ିକରେ ପ୍ରତିଫଳିତ ହୁଏ, ଯେଉଁମାନେ ଆଗାମୀ ପିଢ଼ି ପାଇଁ ପୁଞ୍ଜିନିବେଶ କରିବାକୁ ବାଛିଥାନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ହୋଇ ରହିବା ଉଚିତ ନୁହେଁ; ସେଗୁଡ଼ିକ ଏପରି ଏକ ସ୍ଥାନ ଭାବରେ ଉଭା ହେବା ଉଚିତ୍, ଯେଉଁଠାରେ ଜାତୀୟ ଉଦ୍ଦେଶ୍ୟ ମାନବୀୟ ସମ୍ଭାବନାରେ ରୂପାନ୍ତରିତ ହୁଏ ଏବଂ ଯେଉଁଠାରେ ଯୁବବର୍ଗଙ୍କ ମନକୁ ଜ୍ଞାନ ଏବଂ ଚରିତ୍ର ସହିତ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ କରାଯାଏ । ସେ ଆହୁରି କହିଛନ୍ତି, ବେଙ୍ଗାଲୁରୁ ଆଜି ଭାରତର 'ପ୍ରୁଫ୍ ଅଫ୍ କନସେପ୍ଟ' ଭାବରେ ଠିଆ ହୋଇଛି, ଯେଉଁଠାରେ ଇସ୍ରୋ, ଆଇଆଇଏସସି ବେଙ୍ଗାଲୁରୁ, ଡିଆରଡିଓ ଭଳି ଅନୁଷ୍ଠାନ ଏବଂ ଏକ ସମୃଦ୍ଧ ଷ୍ଟାର୍ଟଅପ୍ ବ୍ୟବସ୍ଥା ରହିଛି। ସେହିପରି ଜାତୀୟ ପ୍ରଗତିର ପଥ କେବଳ ଅର୍ଥନୈତିକ ଅଭିବୃଦ୍ଧି ଦ୍ୱାରା ନୁହେଁ, ବରଂ ଆମେ ଗଠନ କରୁଥିବା ମାନସିକତାର ଗୁଣବତ୍ତା ଦ୍ୱାରା ନିର୍ଦ୍ଧାରିତ ହେବ। ଯେତେବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକ ଉତ୍କର୍ଷତା ଏବଂ ଉଦ୍ଦେଶ୍ୟ ଉଭୟକୁ ଅନୁପ୍ରାଣିତ କରନ୍ତି, ସେମାନେ ଭାରତକୁ ଆତ୍ମବିଶ୍ୱାସ, ନବସୃଜନ ଏବଂ ଜାତୀୟ ଦାୟିତ୍ୱବୋଧ ସହିତ ଆଗକୁ ନେଇଯିବା ପାଇଁ ଏକ ସକ୍ଷମ ପିଢ଼ି ସୃଷ୍ଟି କରିବାରେ ସହାୟକ ହୁଅନ୍ତି ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ବେଙ୍ଗାକୋଟେ ସ୍ଥିତ ସ୍ୱର୍ଣ୍ଣ ଟ୍ରଷ୍ଟର 'ମକ୍କାଲା ଧାମ' କ୍ୟାମ୍ପସ ପରିଦର୍ଶନ କରିଥିଲେ। ସେହିପରି ପବିତ୍ର ନୃସିଂହ ଜୟନ୍ତୀ ଅବସରରେ ଶ୍ରୀ ପ୍ରଧାନ ମଲ୍ଲେଶ୍ୱରମ ସ୍ଥିତ ଐତିହାସିକ ଶ୍ରୀ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିରରେ ଦର୍ଶନ କରିବା ସହ ଦେଶର ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ।

## ପ୍ରକାଶ ପାଇଲା ରେଜଲ୍ଟ

# ଆଇସିଏସ୍‌ଇରେ ୯୮.୧୭%, ଆଇଏସ୍‌ସିରେ ୯୮.୭୭% ପାସ୍

**ଭୁବନେଶ୍ୱର,୩୦।୪/ଏନ୍‌ଏନ୍‌ଏସ୍:** କାଉନସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ଏଗଜାମିନେସନ୍ସ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରି ଏଜୁକେସନ୍(ଆଇସିଏସ୍‌ଇ) ତଥା ଦଶମ ଶ୍ରେଣୀ ଏବଂ ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍(ଆଇଏସ୍‌ସି) ତଥା ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ଦେଶର ୧୫୫୩ ବିଦ୍ୟାଳୟର ୧ଲକ୍ଷ ୩ହଜାର ୩୧୬ ଜଣ ପରୀକ୍ଷା ଦେଇଥିବା ବେଳେ ୯୯.୧୩% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଛାତ୍ରଙ୍କ ପାସ୍‌ହାର ୯୯.୧୧% ଓ ଛାତ୍ରୀଙ୍କ ପାସ୍‌ହାର ୯୯.୩୭% ହୋଇଛି। ସେହିପରି ଓଡ଼ିଶାର ଆଇସିଏସ୍‌ଇ ପାଠ୍ୟକ୍ରମ ଥିବା ୯୭ଟି ବିଦ୍ୟାଳୟର ୮,୯୪୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮,୭୮୪ ଜଣ ଅର୍ଥାତ୍ ୯୮.୧୭% ପାସ୍ କରିଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ପରୀକ୍ଷା ଦେଇଥିବା ୪,୬୭୬ ଜଣ ଛାତ୍ରଙ୍କ ମଧ୍ୟରୁ ୪,୫୬୮ ଅର୍ଥାତ୍ ୯୭.୬୯% ଏବଂ ୪,୨୭୨ଜଣ ଛାତ୍ରୀଙ୍କ ମଧ୍ୟରୁ ୪,୨୧୬ଜଣ ଅର୍ଥାତ୍ ୯୮.୬୯% ପାସ୍ କରିଛନ୍ତି। ପରୀକ୍ଷା ଦେଇଥିବା ସାଧାରଣ ବର୍ଗର ୫,୪୩୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୯.୦୬% ଓ ଓବିସି ବର୍ଗର ୧୬୨୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୮.୭୭% କୃତକାର୍ଯ୍ୟ ହୋଇଛନ୍ତି। ଦେଶର ୨,୯୫୭ ବିଦ୍ୟାଳୟର ୨ ଲକ୍ଷ ୫୮ ହଜାର ୭୨୧ ଜଣ ପରୀକ୍ଷା ଦେଇଥିବା ବେଳେ ୯୯.୧୮% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଛାତ୍ରଙ୍କ ପାସ୍‌ହାର ୯୮.୯୩% ଓ ଛାତ୍ରୀଙ୍କ ପାସ୍‌ହାର ୯୯.୪୬% ରହିଛି। ସେହିପରି ଆଇଏସ୍‌ଇ ପାଠ୍ୟକ୍ରମ ଥିବା ୩୪ଟି ବିଦ୍ୟାଳୟର ୧,୫୮୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧,୫୭୧ ଜଣ ଅର୍ଥାତ୍ ୯୯.୨୪% ପାସ୍ କରିଛନ୍ତି। ଏଥିରେ ବି ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉନ୍ନତ ପ୍ରଦର୍ଶନ କରିଛନ୍ତି।

ପରୀକ୍ଷା ଦେଇଥିବା ୭୯୦ଜଣ ଛାତ୍ରଙ୍କ ମଧ୍ୟରୁ ୭୮୩ ଅର୍ଥାତ୍ ୯୯.୧୧% ଏବଂ ୭୯୩ଜଣ ଛାତ୍ରୀଙ୍କ ମଧ୍ୟରୁ ୭୮୮ଜଣ ଅର୍ଥାତ୍ ୯୯.୩୭% ପାସ୍ କରିଛନ୍ତି। ପରୀକ୍ଷା ଦେଇଥିବା ସାଧାରଣ ବର୍ଗର ୧,୦୮୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୯.୨୬% ଓ ଓବିସି ବର୍ଗର ୧୬୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୯.୩୮% ପାସ୍ କରିଛନ୍ତି। ଚଳିତବର୍ଷ ଆଇସିଏସ୍‌ଇରେ ପରୀକ୍ଷା ୬୭ ଟି ଲିଖିତ ବିଷୟରେ ପରିଚାଳିତ ହୋଇଥିଲା। ଯେଉଁଥିରୁ ୨୦ ଟି ଭାରତୀୟ ଭାଷା, ୧୪ ଟି ବିଦେଶୀ ଭାଷା ଏବଂ ୧ ଟି ଶାସ୍ତ୍ରୀୟ ଭାଷା ରହିଛି। ଆଇଏସ୍‌ସି ପରୀକ୍ଷା ୪୫ଟି ଲିଖିତ ବିଷୟରେ ପରିଚାଳିତ ହୋଇଛି। ଯେଉଁଥିରୁ ୧୩ଟି ଭାରତୀୟ ଭାଷା, ୨ଟି ବିଦେଶୀ ଭାଷା ଏବଂ ୨ଟି ଶାସ୍ତ୍ରୀୟ ଭାଷା ରହିଥିଲା।

## କେନ୍ଦୁଝରର 'କଙ୍କାଳ ଲଜ୍ଜା' ଘଟଣା

# ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କଲେ ଆର୍‌ଡିସି

**କେନ୍ଦୁଝର,୩୦।୪/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍‌ର ଜିତୁ ମୁଣ୍ଡାଙ୍କୁ ନେଇ ସବୁଆଡ଼େ ଚର୍ଚ୍ଚା। ବ୍ୟାଙ୍କରୁ ଜମା ଟଙ୍କା ଉଠାଣ ପାଇଁ ମୃତ ଭଉଣୀ କଲରା ମୁଣ୍ଡାଙ୍କ କଙ୍କାଳକୁ ଧୁ ଧୁ ଖରାରେ ୩ କିଲୋମିଟର କାନ୍ଧରେ ବୋହି ନେବା ଘଟଣା ସମଗ୍ର ମାନବଜାତିକୁ ସ୍ତବ୍ଧ କରିଦେଇଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ତଦନ୍ତ ଆରମ୍ଭ ହୋଇଯାଇଛି। ବହୁ ଚର୍ଚ୍ଚିତ ଜିତୁ ମୁଣ୍ଡା ଘଟଣାରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦୋଷ ସ୍ୱୀକାର କରି ନଥିବା ବେଳେ ଗୁରୁବାର ଉତ୍ତରାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଏହା ସହିତ ନିଶ୍ଚିତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଆଜି ମଲ୍ଲୀପଶି ସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ତଦନ୍ତ କରିବା ପରେ ଆରଡିସି ଶ୍ରୀ ମହାପାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ, ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବହେଳା କରିଛନ୍ତି। ଜିଲ୍ଲାପାଳ ଓ ମୁଁ ସିସିଟିଭିକୁ ୧ ଘଣ୍ଟାରୁ ଅଧିକ ସମୟ ତନଖି କରି ସବିଶେଷ ଦେଖିଛୁ। ସିସିଟିଭିର ଅଡିଓ ଭର୍ସନ ନଥିବାରୁ କ'ଣ କଥାବାର୍ତ୍ତା ହୋଇଛି ଜଣାପଡୁନି। ଜିତୁ ମୁଣ୍ଡା ୧୧ଟା ୨୬ରେ ବ୍ୟାଙ୍କକୁ ଆସିଥିଲେ ଓ ୧୧ଟା ୫୮ରେ ସେଠାରୁ ଫେରିଗଲେ। ତା' ଭିତରେ ସେ ୪ ଥର ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀଙ୍କୁ ଭେଟିଥିଲେ। ବ୍ୟାଙ୍କ କ୍ୟାସିୟର ଓ ମ୍ୟାନେଜରଙ୍କୁ ସେ ଭେଟିଥିଲେ। ବ୍ୟାଙ୍କ ମ୍ୟାନେଜର ଫେରାଇ ଦେବା ପରେ ସେ କ୍ଷୁବ୍ଧ ହୋଇ ଫେରିଯାଇଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ କ'ଣ କଥାବାର୍ତ୍ତା ହୋଇଥିଲା, ତାହା ଜଣାପଡ଼ିନି। ଜିତୁ ମୁଣ୍ଡାଙ୍କ ସହିତ ଆଉ ଜଣେ ଭଦ୍ରବ୍ୟକ୍ତି ଥିଲେ। ସେ ତାଙ୍କ ପାଖାପାଖେ ରହିଥିଲେ। ଆରଡିସି କହିଛନ୍ତି, ଜିତୁ ମୁଣ୍ଡା ଓ ତାଙ୍କ ଭଉଣୀ ଏହି ବ୍ୟାଙ୍କକୁ ନିୟମିତ ଭାବେ ଆସୁଥିଲେ। ତାଙ୍କୁ ଏମାନେ (ବ୍ୟାଙ୍କ କର୍ତ୍ତୃପକ୍ଷ) ଚିହ୍ନିଛନ୍ତି। କାରଣ ତାଙ୍କ ଏକାଉଣ୍ଟରୁ ପ୍ରାୟ ୮ ଥର ଟଙ୍କା ଉଠିଛି। କେତେବେଳେ ୨୦୦ ଟଙ୍କାର, କେତେବେଳେ ୫୦୦, ୧୦୦ ଓ ୩୦୦ ଟଙ୍କା ସେମାନେ ଉଠାଇଛନ୍ତି। ମକର ପୂର୍ବରୁ ୨୬.୧୨.୨୦୨୫ରେ ମଧ୍ୟ ୫୦୦ ଟଙ୍କା ଉଠିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଭାଇ,ଭଉଣୀଙ୍କୁ ଜାଣିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଅବହେଳା ରହିଛି। ତଦନ୍ତ ଚାଲିଛି।

ସେ ଆହୁରି କହିଛନ୍ତି, ମୃତ୍ୟୁ ସାର୍ଟିଫିକେଟ ଦେବାରେ କାହିଁକି ବିଳମ୍ବ ହେଲା ବୋଲି ପିଏଚ୍‌ସିକୁ ପଚରାଯିବ। ଫେବୃଆରୀ ମାସରେ ଜିତୁଙ୍କ ଭଉଣୀଙ୍କ ମୃତ୍ୟୁ ହୋଇଥିବା ନେଇ ପଞ୍ଜୀକରଣ ହୋଇଥିଲା। ପାଟଣା ଡାକ୍ତରଖାନାରେ ତାଙ୍କ ଭଉଣୀଙ୍କୁ ଆଡ଼ମିଟ ମଧ୍ୟ କରାଯାଇଥିଲା। ଜିତୁ ମୁଣ୍ଡା ପାଠ ପଢ଼ି ନାହାନ୍ତି ବୋଲି ତାଙ୍କର ବ୍ୟାଙ୍କ ଉପରେ ଧାରଣା ନାହିଁ ବୋଲି ଭାବିବା ଠିକ୍ ନୁହେଁ। ପ୍ରାୟ ୮ ଥର ସେ ତାଙ୍କ ଭଉଣୀ ସହିତ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇଛନ୍ତି। ବ୍ୟାଙ୍କରେ କାହାକୁ ଦେଖା କରିବାକୁ ପଡ଼ିବ, କିଏ ଟଙ୍କା ଉଠାଇ ତାଙ୍କୁ ଦେବେ, ସେ ବାବଦରେ ଜିତୁ ମୁଣ୍ଡାଙ୍କର ଜ୍ଞାନ ଅଛି। ଏମାନେ (ବ୍ୟାଙ୍କ କର୍ମଚାରୀ) ମଧ୍ୟ ତାହା ଜାଣିଛନ୍ତି। ତେଣୁ ଅବହେଳା ନିଶ୍ଚିତ ରହିଛି। ନିଶ୍ଚିତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଆରଡିସି ଶ୍ରୀ ମହାପାତ୍ର କହିଛନ୍ତି।

ଆରଡିସିଙ୍କ ସୂଚନା ଅନୁସାରେ ଏହି ଘଟଣାରେ ପୁଲିସ ଉପରେ ବି କାର୍ଯ୍ୟାନୁଷ୍ଠାନ ହୋଇପାରେ। କାରଣ ଜିତୁ ମୁଣ୍ଡା ବ୍ୟାଙ୍କରୁ ତାଙ୍କ ଭଉଣୀଙ୍କ କଙ୍କାଳକୁ ଫେରାଇ ନେବା ବେଳେ ପୁଲିସ ନିଜ ଗାଡ଼ି ଦେଇ ନଥିଲା କି ଗାଡ଼ିର ବ୍ୟବସ୍ଥା କରି ନଥିଲା। ସେ କଥା ଆରଡିସିଙ୍କ ନଜରକୁ ଆସିଛି। ଏନେଇ ସେ ପୁଲିସକୁ ମଧ୍ୟ ପଚରାଉଚରା କରିଛନ୍ତି। ଏ ସଂପର୍କରେ ମଧ୍ୟ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ଆରଡିସି କହିଛନ୍ତି।

## ସରକାରୀ ସହାୟତା ପାଇଲେ ଜିତୁ ମୁଣ୍ଡା



ଜିତୁ ମୁଣ୍ଡାଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିକୁ ନେଇ ବିଭିନ୍ନ ପ୍ରସଙ୍ଗ ମୁଣ୍ଡ ଟେକିଛି। ଅତିଦରିଦ୍ର ନିରକ୍ଷର ଜିତୁ ମୁଣ୍ଡାଙ୍କୁ ସରକାରଙ୍କ କୌଣସି ଯୋଜନାରେ ସାମିଲ କରାଯାଇନଥିବା ବିଷୟ ଏବେ ଲୋକଲୋଚନକୁ ଆସିଛି। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ହରଡ଼ଘଣାରେ ପଡ଼ିଛି। ଆଜି ଉତ୍ତରାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ସହିତ ଜିଲ୍ଲାପାଳ ବିଶାଳ ସିଂହଙ୍କ ସମେତ ଜିଲ୍ଲାସ୍ତରୀୟ ପଦାଧିକାରୀ ତଦନ୍ତ କରିବା ପରେ ପ୍ରଶାସନ ପକ୍ଷରୁ ଜିତୁ ମୁଣ୍ଡାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରିବା ସହିତ ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଓ ଅନ୍ତୋଦୟ ଯୋଜନାରେ ମଧ୍ୟ ସାମିଲ କରାଯାଇଛି। ପ୍ରକାଶ ଥାଉକି ୨ମାସ ତଳେ ମୃତ୍ୟୁବରଣ କରିଥିବା ଜିତୁ ମୁଣ୍ଡାଙ୍କ ଭଉଣୀ କଲରା ମୁଣ୍ଡାଙ୍କ ନାମରେ ଅନ୍ତୋଦୟ କାର୍ଡ଼ ଥିଲା। ସେ ମୃତ୍ୟୁବରଣ କରିବା ପରେ ଜିତୁ ମୁଣ୍ଡାଙ୍କୁ ରାସନ ଚାଉଳ ପ୍ରଦାନ ବନ୍ଦ ହୋଇଯାଇଥିଲା। ଏଥି ମଧ୍ୟରେ ବ୍ୟାଙ୍କରେ ଜମି ଥିବା ଅର୍ଥ ୧୯,୪୦୨ ଟଙ୍କା ଓ ରେଡ୍ କ୍ରସରୁ ୩୦ହଜାର ଟଙ୍କା ଜିତୁ ମୁଣ୍ଡାଙ୍କୁ ପ୍ରଶାସନ ପ୍ରଦାନ କରିଛନ୍ତି।

NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY 1 MAY 2026
ଶୁକ୍ରବାର ୧ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 343 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୪୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ଆଜି ଓଡ଼ିଶା ଆସିବେ ଶିବରାଜ ସିଂହ ଚୌହାନ

**ଲୋକାର୍ପଣ କରିବେ ୧୬୯୮.୦୪ କୋଟିର ଗ୍ରାମୀଣ ସଡ଼କ ପ୍ୟାକେଜ୍**



**ଭୁବନେଶ୍ୱର,୩୦।୪/ ଏନ୍ଏନ୍ଏସ୍:**

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିବେ। ତାଙ୍କ ଗସ୍ତ ସମୟରେ ସେ ରାୟଗଡ଼ାରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ସେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା- ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ କରିବେ ଯାହା ରାଜ୍ୟକୁ ଏକ ପ୍ରମୁଖ ବିକାଶମୂଳକ ପ୍ରୋତ୍ସାହନ ପ୍ରଦାନ କରିବ। ଏହି ପଦକ୍ଷେପ ଅଧୀନରେ, ୧,୬୯୮.୦୪ କୋଟି ଟଙ୍କା ବ୍ୟୟରେ ମୋଟ ୧,୭୦୧.୮୪ କିଲୋମିଟର ଲମ୍ବ ବିଶିଷ୍ଟ ୮୨୭ଟି ସଡ଼କ ପ୍ରକଳ୍ପକୁ ହାତକୁ ନିଆଯିବ। ଏହାଦ୍ୱାରା ୮୯୮ଟି ବସତିକୁ ପ୍ରଥମ ଥର ପାଇଁ ସବୁଦିନିଆ ସଡ଼କ ସଂଯୋଗ ସମ୍ଭବ ହେବ। ଏହା ବିଦ୍ୟାଳୟ, ଡାକ୍ତରଖାନା, ବଜାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାଗୁଡ଼ିକର ସୁଦୃଢ଼ୀକରଣ କରିବା ସହିତ ସାମାଜିକ- ▶▶ ୬

## କାର୍‌ରେ ନିଆଁ, ୫ ଜୀବନ୍ତ ଦଗ୍ଧ



**ଅଲୱାର,୩୦।୪/ଏନ୍ଏନ୍ଏସ୍:**

ରାଜସ୍ଥାନର ଅଲୱାର ଜିଲ୍ଲାର ମୋଜପୁର ନିକଟ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଚଳନ୍ତା କାରରେ ଅଗ୍ନିକାଣ୍ଡ ଘଟିବାରୁ ୫ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ମୃତକମାନେ ମଧ୍ୟପ୍ରଦେଶର ଶିଓପୁରର ବାସିନ୍ଦା। ସେମାନେ ରାତି ପ୍ରାୟ ୧୧ଟାରେ ବୈଷ୍ଣୋ ଦେବୀଙ୍କ ଦର୍ଶନ ସାରି କାର୍ ଯୋଗେ ଘରକୁ ଫେରୁଥିଲେ। ଗ୍ୟାସ୍ ଲିକ୍ ହେବା ଯୋଗୁଁ କାରରେ ନିଆଁ ଲାଗିଥିଲା ଓ ହଠାତ୍ ଜଳିବାକୁ ଲାଗିଥିଲା। ଗାଡ଼ିରେ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଏଥିରେ ୫ ଜଣ ▶▶ ୬

### ବିଧାନସଭାରେ ମହିଳାଙ୍କ ପାଇଁ ମହାବିତର୍କ

# ମହିଳା ସଶକ୍ତୀକରଣରେ ବିରୋଧୀ କଣ୍ଟା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୪/ଏନ୍ଏନ୍ଏସ୍:**

ଆମ ଦେଶ ଏକ ବିଶେଷ ପରିସ୍ଥିତି ଦେଇ ଗତି କରୁଛି। ସମ୍ବିଧାନ ପ୍ରଣିତ ହେବାର ୭୫ ବର୍ଷ ପୂରିଛି, ଦେଶରେ ଅନେକ ପ୍ରଗତି ହୋଇଛି। କିନ୍ତୁ, ଦେଶର ଅଧା ଜନସଂଖ୍ୟା ଆଜି ନିଜକୁ ଠକି ହେଲା ପରି ମନେ କରୁଛନ୍ତି। ଗତ କିଛି ଦଶନ୍ଧି ଧରି ସବୁ ରାଜନୈତିକ ଦଳ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା କରୁଛନ୍ତି। କିନ୍ତୁ, ତାଙ୍କ ପାଇଁ ମହିଳା ସଶକ୍ତିକରଣର ସଂଜ୍ଞା ଅତି ସଙ୍କୁଚିତ। କାରଣ, ତାଙ୍କ ପାଇଁ ମହିଳା ସଶକ୍ତିକରଣର ଅର୍ଥ ହେଉଛି କେବଳ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳତା। ତେଣୁ, ଏସ୍ଏଚ୍‌ଜି ଗଠନ କରି କିଛି ଟଙ୍କା ଦେଇଦେଲେ ସେମାନେ ଭାବନ୍ତି ଯେ' ମହିଳାମାନେ ସଶକ୍ତ ହୋଇଗଲେ। କିନ୍ତୁ, ଏହା ଏକ ଭ୍ରାନ୍ତ ଧାରଣା। ସଶକ୍ତୀକରଣର ପ୍ରକୃତ ସଂଜ୍ଞା ହେଉଛି ନିଜେ ନିଜ ପାଇଁ, ପରିବାର ପାଇଁ ଏବଂ ସମାଜ ପାଇଁ ନିଷ୍ପତ୍ତି ନେବାର ଅଧିକାର। ତେଣୁ, ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହେବା ହିଁ ହେଉଛି ପ୍ରକୃତ ଅର୍ଥରେ ମହିଳା ସଶକ୍ତିକରଣ। ଅଥଚ ବିରୋଧୀ ଏହାର କଣ୍ଟା ସାଜିଛନ୍ତି। ହେଲେ ୨୦୨୯ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାଙ୍କ ପାଇଁ ନିଶ୍ଚୟ ସଂରକ୍ଷଣ କରିବେ। ବିଧାନସଭାରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ପୂର୍ବାହ୍ନ ଠିକ୍ ୧୧ଟାରୁ ବାଚସ୍ପତି ସୁରମା ପାଢ଼ୀ ଆରମ୍ଭ କରିଥିଲେ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ। 'ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ'ସମ୍ପର୍କରେ ବସିଥିବା ଏହି ସ୍ୱତନ୍ତ୍ର ଆଲୋଚନା ବିଳମ୍ବିତ ରାତ୍ରୀଯାଏ ବେଶ୍ ସରଗରମ ଥିଲା। ଶାସକ -ବିରୋଧୀ ସଭ୍ୟ ମୁହାଁମୁହିଁ ହୋଇଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କୁ କଟୁ ସମାଲୋଚନା କରିଥିବାବେଳେ କଂଗ୍ରେସ ସଭ୍ୟମାନେ ସରକାରଙ୍କ ଅପରାଗତାକୁ ଦାୟୀ କରିଥିଲେ। ଗୃହ ଆରମ୍ଭରୁ କଂଗ୍ରେସ ବିଧାୟକମାନେ ହୋହଲ୍ଲା କରିଥିଲେ। କେନ୍ଦୁଝର ଜିଲ୍ଲା ପାଟଣାରେ ଟଙ୍କା ପାଇଁ ବ୍ୟାଙ୍କକୁ ନିଜ ଭଉଣୀର କଙ୍କାଳ ନେଇଯିବା ଘଟଣାରେ ବାଚସ୍ପତିଙ୍କ ପୋଡ଼ିୟମ ନିକଟରେ ନାରାବାଜି ବି କରିଥିଲେ। ଏହାପରେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ହେଲେ କିଛି ସମୟ ପରେ ସେମାନେ ଗୃହକୁ ଫେରି ଆଲୋଚନାରେ ଭାଗ ନେଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ▶▶ ୬

> **କଂଗ୍ରେସ ସଭ୍ୟଙ୍କ କକ୍ଷତ୍ୟାଗ, ଗାନ୍ଧୀ ମୂର୍ତ୍ତି ତଳେ ଧାରଣା**
>
> **ସରକାରଙ୍କୁ ଘେରିଲେ ବିରୋଧୀ ବିଜେଡି ସଭ୍ୟ**
>
> **ମହିଳା ସଂରକ୍ଷଣ କଥା ଆସିଲେ ବିରୋଧୀ ପଛଘୁଞ୍ଚା ଦେଉଛନ୍ତି: ସିଏମ୍**



## ୨ରେ ମାଟ୍ରିକ୍ ରେଜଲ୍ଟ

**କଟକ,୩୦।୪/ଏନ୍ଏନ୍ଏସ୍:**

ଆସନ୍ତା ମେ' ୨ ତାରିଖରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ। ଅପରାହ୍ନ ୪ଟାରେ ପ୍ରକାଶ ପାଇବ ରେଜଲ୍ଟ। ଏନେଇ ଗୁରୁବାର ପ୍ରେସ୍ ରିଲିଜ୍ ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ଏହା ସହିତ ଉକ୍ତ ଦିନ ଷ୍ଟେଟ୍ ଓପନ୍ ସ୍କୁଲ ଓ ମଧ୍ୟମା ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ। ଯଦିଓ ଅପରାହ୍ନ ୪ଟାରେ ଆନୁଷ୍ଠାନିକ ଭାବେ ରେଜଲ୍ଟ ପ୍ରକାଶ ପାଇବ କିନ୍ତୁ ସନ୍ଧ୍ୟା ୬ଟା ପରଠାରୁ ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟରେ ତାଙ୍କର ଫଳାଫଳ ଦେଖିପାରିବେ। ଯେଉଁ ସ୍ଥାନରେ ଇଣ୍ଟରନେଟ୍ ସୁବିଧା ନାହିଁ ସେଠାରେ ଛାତ୍ରଛାତ୍ରୀ ଏସ୍ଏମ୍ଏସ୍ ମାଧ୍ୟମରେ ରେଜଲ୍ଟ ପାଇପାରିବେ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ୍ ନମ୍ବରକୁ ୫୬୭୬୭୫୦କୁ ପଠାଇ ରେଜଲ୍ଟ ଜାଣିପାରିବେ। ସେଥିପାଇଁ ମୋବାଇଲ୍‌ରେ ଓଆର୧୦ (ରୋଲ୍‌ନମ୍ବର) ଲେଖି ୫୬୭୬୭୫୦କୁ ▶▶ ୬

**'ନିତିଦିନ'ର ଛୁଟି**

ମେ' ୧ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ 'ନିତିଦିନ'ର କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ମେ' ୩ ତାରିଖ ରବିବାର ପ୍ରକାଶ ପାଇବ।

- ପ୍ରକାଶକ

## ୟୁଜିସି-ନେଟ୍ ପରୀକ୍ଷା | ସାମିଲ୍ ହେଲା ପରିସଂଖ୍ୟାନ ଓ ବନବିଜ୍ଞାନ

**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:**

ଦେଶର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ୟୁଜିସି-ନେଟ୍ ପରୀକ୍ଷାର ବିଷୟ ତାଲିକାରେ 'ପରିସଂଖ୍ୟାନ' ଏବଂ 'ବନ ବିଜ୍ଞାନ'କୁ ନୂତନ ବିଷୟ ଭାବେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଦୁଇଟି ବିଷୟରେ ଆଗ୍ରହୀ ଛାତ୍ରଛାତ୍ରୀ ଜୁନ୍ ୨୦୨୬ ଅଧିବେଶନରୁ ପରୀକ୍ଷା ଦେଇପାରିବେ। ଏହି ବିଷୟଗୁଡ଼ିକର ବିସ୍ତୃତ ପାଠ୍ୟକ୍ରମ ୟୁଜିସି-ନେଟର ୱେବସାଇଟରେ ଉପଲବ୍ଧ ଅଛି। ବିଶେଷକରି ପରିସଂଖ୍ୟାନ ବିଷୟ ପାଇଁ ଏକ ସ୍ୱତନ୍ତ୍ର ନେଟ୍ ପରୀକ୍ଷାର ଆବଶ୍ୟକତା ଦୀର୍ଘ ଦିନରୁ ରହିଥିଲା, କାରଣ ପୂର୍ବରୁ ଛାତ୍ରଛାତ୍ରୀ ଗଣିତ ବିଜ୍ଞାନ ଅଧୀନରେ ପରୀକ୍ଷା ଦେବାକୁ ବାଧ୍ୟ ହେଉଥିଲେ, ଯେଉଁଠାରେ ସିଲାବସର ପ୍ରାୟ ୮୫% ଅଂଶ ପରିସଂଖ୍ୟାନ ବିଷୟ ବାହାରୁ ରହୁଥିଲା। ଏହି କାରଣରୁ ଛାତ୍ରଛାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ ଗବେଷଣା (ଜେଆରଏଫ) କ୍ଷେତ୍ରରେ ବଞ୍ଚିତ ହେଉଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ▶▶ ୬

> **ଜୁନ୍‌ରୁ ହେବ କାର୍ଯ୍ୟକାରୀ**

## କାଳବୈଶାଖୀ ବର୍ଷା | ତାତିରେ ଲାଗିଲା ବ୍ରେକ୍

**ଭୁବନେଶ୍ୱର,୩୦।୪/ଏନ୍ଏନ୍ଏସ୍:**

ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଗୁରୁବାର ରାଜ୍ୟରେ ମାତ୍ର ୬ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଥିବା ବେଳେ ଅପରାହ୍ନ ପରଠାରୁ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଛି। ଗୁରୁବାର ବଲାଙ୍ଗିରରେ ସବୁଠୁ ଅଧିକ ଖରା ହୋଇଥିଲା। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ରହିଥିଲା। ସେହିପରି ନୂଆପଡ଼ାରେ ୪୧.୬ ଡିଗ୍ରୀ, ଟିଟିଲାଗଡ଼ରେ ୪୧.୩, ଢେଙ୍କାନାଳରେ ୪୦.୯,ଭବାନୀପାଟଣାରେ ୪୦.୬ ଓ ସୋନପୁରରେ ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ଦୁଇ ଦିନ ତଳେ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ପାର ହୋଇଯାଇଥିବା ବେଳେ ଆଜି ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯.୪ ଡିଗ୍ରୀ ରହିଥିଲା। ସେହିପରି ତାଳଚେର, ହୀରାକୁଦ ଓ ଅନୁଗୋଳ ସହରର ତାପମାତ୍ରା ଯଥାକ୍ରମେ ୩୮.୫, ୩୭.୮ ଓ ୩୭.୭ ଡିଗ୍ରୀ ରହିଥିଲା। ବଲାଙ୍ଗିର ସହରରେ ପ୍ରାୟ ୧୫ ଦିନ ହୋଇଗଲାଣି ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଥିବା ବେଳେ ଆଜି ଏଠାରେ ବର୍ଷା ସହ ଝଡ଼ତୋଫାନ ହୋଇଛି। କିଛି ସ୍ଥାନରେ ▶▶ ୬

### ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭପାତ ସୀମାକୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

## ୨୪ ସପ୍ତାହର ସମୟ ସୀମା ପ୍ରତ୍ୟାହାର ହେବା ଉଚିତ୍

**ନୂଆଦିଲ୍ଲୀ, ୩୦।୪/ଏଜେନ୍ସି:**

ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଶୁଣାଣି କରିବା ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ଗର୍ଭବତୀ ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭପାତ ସୀମାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି ଯେ, ଦୁଷ୍କର୍ମ ପୀଡ଼ିତାଙ୍କ କ୍ଷେତ୍ରରେ ଗର୍ଭପାତ ପାଇଁ ଥିବା ସମୟ ସୀମା ସମ୍ପୂର୍ଣ୍ଣ ରୂପେ ହଟାଇ ଦେବା ଉଚିତ୍। ବର୍ତ୍ତମାନର ନିୟମ ଅନୁଯାୟୀ, ଗର୍ଭପାତ ପାଇଁ ୨୪ ସପ୍ତାହର ସମୟ ସୀମା ରହିଛି, କିନ୍ତୁ କୋର୍ଟ କହିଛନ୍ତି ଯେ ଦୁଷ୍କର୍ମ ପୀଡ଼ିତାଙ୍କ ପାଇଁ ଏହି ସୀମା ରହିବା ଅନୁଚିତ୍।

ଜଣେ ୧୫ ବର୍ଷର ନାବାଳିକା ଏକ ଦୁଷ୍କର୍ମ ଘଟଣାର ଶିକାର ହୋଇ ଗର୍ଭବତୀ ହୋଇପଡ଼ିଥିଲେ। ତାଙ୍କର ଗର୍ଭାବସ୍ଥା ୩୦ ସପ୍ତାହ (୭ ମାସରୁ ଅଧିକ) ହୋଇଯାଇଥିଲା। ପୂର୍ବରୁ କୋର୍ଟ ଗର୍ଭପାତ ପାଇଁ ଅନୁମତି ଦେଇଥିଲେ, କିନ୍ତୁ ଏମ୍ସ-ଦିଲ୍ଲୀ ଏକ ଆବେଦନ କରି କହିଥିଲା ଯେ ଏତେ ବିଳମ୍ବରେ ଗର୍ଭପାତ କଲେ ନବଜାତ ଶିଶୁଟି ଅକ୍ଷମ ହୋଇ ଜନ୍ମ ହୋଇପାରେ ଏବଂ ଏହା ନାବାଳିକା ମା' ପାଇଁ ମଧ୍ୟ ବିପଦଜନକ ହୋଇପାରେ। ଏହି ମାମଲା ଏବେ ସୁପ୍ରିମକୋର୍ଟକୁ ଆସିଥିବା ବେଳେ ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚିଙ୍କ ଖଣ୍ଡପୀଠ ଏମ୍ସର ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଜଣେ ନାବାଳିକାକୁ ତାଙ୍କ ଇଚ୍ଛା ବିରୁଦ୍ଧରେ ମା' ହେବା ପାଇଁ ବାଧ କରାଯାଇପାରିବ ନାହିଁ। ସମୟ ସହିତ ଆଇନରେ ପରିବର୍ତ୍ତନ ଆସିବା ଦରକାର। ଦୁଷ୍କର୍ମ ପରି କ୍ଷେତ୍ରରେ କୌଣସି ସମୟ ସୀମା ରହିବା କଥା ନୁହେଁ। ୧୫ ବର୍ଷ ମା' ହେବାର ବୟସ ନୁହେଁ। ଯଦି ଏଦିଗରେ ଆମେ ଆମ କର୍ତ୍ତବ୍ୟ ଠିକ୍ ଭାବେ ନ ତୁଲାଇବା ତେବେ ▶▶ ୬

## ବଦଳିଲେ ୨୯ ଓଏଏସ୍

**ଭୁବନେଶ୍ୱର, ୩୦।୪/ଏନ୍ଏନ୍ଏସ୍:**

ରାଜ୍ୟରେ ଓଏଏସ୍ ସ୍ତରରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ଏକାବେଳେ ୨୯ଜଣ ଓଏଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ଏନେଇ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ବାଲେଶ୍ୱରର ଉପଜିଲ୍ଲାପାଳ ସସ୍ମିତା ମୁର୍ମୁଙ୍କୁ ବାଲେଶ୍ୱର ବାଲିଆପାଳ ତହସିଲଦାର ଭାବେ ଅବସ୍ଥାପିତ କରଯାଇଛି। ସେହିପରି ପ୍ରଣବ ରଞ୍ଜନ ସାହୁଙ୍କୁ ଅନୁଗୁଳ ତହସିଲଦାର, ଲଲଟେନ୍ଦୁ ଦଣ୍ଡସେନାଙ୍କୁ ନୂଆପଡ଼ା ତହସିଲଦାର, ମାନସ ରଞ୍ଜନ ପଣ୍ଡାଙ୍କୁ ପଦ୍ମପୁର ତହସିଲଦାର, ବିଶ୍ୱନାଥ ବିଶ୍ୱାଳଙ୍କୁ ବଡ଼ସାହି ତହସିଲଦାର, ଚିନ୍ମୟ ଦାସଙ୍କୁ କୋଇଡା ତହସିଲଦାର, ଜ୍ୟୋତିରୂପା ଶତପଥୀଙ୍କୁ ଭୁବନ ତହସିଲଦାର, ଶୁଭଙ୍କର ମହାନ୍ତିଙ୍କୁ କଣ୍ଟାପଡା ତହସିଲଦାର, କେ ସାହୁଙ୍କୁ କାମାକ୍ଷାନଗର ତହସିଲଦାର, ଉର୍ମିଳା ପ୍ରଧାନଙ୍କୁ ସାଲେପୁର ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି। ତେବେ ମୋଟ ଉପରେ ୨୯ଜଣ ଓଏଏସଙ୍କ ମଧ୍ୟରୁ ୨୫ଜଣଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ତହସିଲଦାର ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଅବଶିଷ୍ଟ ୪ଜଣଙ୍କୁ ବିଭିନ୍ନ ଜିଲ୍ଲାରେ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି।




**ମଇ ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା-ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-1001/1001/2/26-27/0001

1001/31/2627



**ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ହିମାଂଶୁ ଜୈନ ଏମ୍‌ସିଏଲ୍‌ର ସିଭିଓ

**ଭୁବନେଶ୍ବର,୩୦।୪/ଏନ୍‌ଏନ୍‌ଏସ୍:** ୨୦୦୭ ବ୍ୟାଚ୍ ଭାରତୀୟ ରେଳ ସେବା ଅଧିକାରୀ ହିମାଂଶୁ ଜୈନ ବର୍ତ୍ତମାନ ଏସ୍‌ଇସିଏଲ୍‌ରେ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଭାବେ କାର୍ଯ୍ୟରତ ଥିବାବେଳେ ଏବେ ଏମ୍‌ସିଏଲ୍‌ର ସିଭିଓ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସିଭିଓ, ଏନ୍‌ସିଏଲ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଶ୍ରୀ ଜୈନ ଏନ୍‌ଆଇଟି ରାୟପୁରର ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ବିଭାଗର ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଆଇଆଇଟି ବମ୍ବେର ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ ଅଟନ୍ତି। ସେ ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ସିଗନାଲିଂ



ପ୍ରକଳ୍ପର ନେତୃତ୍ୱ ନେଇଛନ୍ତି ଏବଂ ଡିଜିଏମ୍, ସିପିଆର୍‌ଓ ଏବଂ ଜିଏମ୍‌ଙ୍କ ସଚିବଙ୍କ ସମେତ ଭାରତୀୟ ରେଳ ସେବାରେ ବରିଷ୍ଠ ଭୂମିକା ଗ୍ରହଣ କରିଛନ୍ତି। ସେ ୨୦୧୬ ରେ ଜାତୀୟ ରେଳ ପୁରସ୍କାର, ୨୦୧୯ ରେ ଭାରତୀୟ ରେଳବାଇର ଜାତୀୟ ଏକାଡେମୀରେ ମହାନିର୍ଦ୍ଦେଶକ ପଦକ ଏବଂ ୨୦୧୨ ଓ ୨୦୨୨ ରେ ଜେନେରାଲ ମ୍ୟାନେଜର୍ ପୁରସ୍କାର ସମେତ ଅନେକ ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସିଭିସି ଜାତୀୟ କର୍ମଶାଳାରେ ପ୍ରଦର୍ଶିତ 'ଡିଜିକୋଲ୍' ପଦକ୍ଷେପ ମାଧ୍ୟମରେ ସ୍ୱଚ୍ଛତା ଆଣିବା ପାଇଁ ଶ୍ରୀ ଜୈନଙ୍କ ଅତୁଳନୀୟ ଭୂମିକା ରହିଛି। ତାଙ୍କର ନେତୃତ୍ୱ ଓ ଦୂରଦୃଷ୍ଟିରୁ ଏମ୍‌ସିଏଲ୍ ରାଷ୍ଟ୍ରର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ବିଦାୟ ସମ୍ବର୍ଦ୍ଧନା



**ଭୁବନେଶ୍ବର,୩୦।୪/ଏନ୍‌ଏନ୍‌ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଓ ବରିଷ୍ଠ ଲିପିକାର (ସ୍କ୍ରାଇବ୍) କବିତା ନାୟକଙ୍କୁ ଆଜି ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅଧ୍ୟକ୍ଷତା କରି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଦୀର୍ଘ ସେବାଜୀବନ ଓ ବିଭାଗ ପ୍ରତି ସେମାନଙ୍କ ଅବଦାନକୁ ସ୍ମରଣ କରିଥିଲେ।ସେ ତାଙ୍କର ବିଭାଗ ପ୍ରତି ଅତୁଟ ନିଷ୍ଠାକୁ ପ୍ରଶଂସା କରି ସେମାନଙ୍କୁ ଏକ ଆଦର୍ଶ ଭାବେ ଉଲ୍ଲେଖ କରିଥିଲେ। ଉପ ଶାସନ ସଚିବ ପ୍ରଣବ କୁମାର ଦାସ ଓ ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦୀର୍ଘ ବର୍ଷର ଅନୁଭବ ଓ ବିଭାଗ ପ୍ରତି ସେମାନଙ୍କ ଅବଦାନକୁ ଉଚ୍ଚସ୍ଥାନରେ ଉଲ୍ଲେଖ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର ଓ ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ଓ ପଠାଣି ରାଉତ ଅବସରପ୍ରାପ୍ତ କର୍ମଚାରୀମାନଙ୍କର କାର୍ଯ୍ୟଶୈଳୀ, ଦାୟିତ୍ୱପରାୟଣତା ଓ ସମସ୍ତଙ୍କ ସହ ମଧୁର ସମ୍ପର୍କକୁ ସ୍ମରଣ କରି ସେମାନଙ୍କୁ ବିଭାଗର ଏକ ମୂଲ୍ୟବାନ ସଂପଦ ଭାବେ ଉଲ୍ଲେଖ କରିଥିଲେ। ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ଓ ଅଂଶୁମାନ ସାହୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କବିତା ନାୟକ ଓ ବିଶ୍ୱଜିତ ଦାସ ସେମାନଙ୍କର ଦୀର୍ଘ ଚାକିରି ଜୀବନର ଅନୁଭବ ବଖାଣିବା ସହ ବିଭାଗର ସମସ୍ତ ଅଧିକାରୀ ଓ ସହକର୍ମୀମାନଙ୍କ ସହଯୋଗ, ସମର୍ଥନ ଓ ସ୍ନେହ ପାଇଁ ଆଭାର ଜଣାଇଥିଲେ। ଶେଷରେ ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ଓ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ।

### ଆଇସିଏସ୍‌ଇ ଓ ଆଇଏସ୍‌ସି ରେଜଲ୍ଟ

## ସେଣ୍ଟ୍ ଜୋସେଫ୍ ହାଇସ୍କୁଲ୍‌ରେ ପାସ୍‌ହାର ଶତପ୍ରତିଶତ

**ଭୁବନେଶ୍ବର,୩୦।୪ /ଏନ୍‌ଏନ୍‌ଏସ୍:** ଉଭୟ ଆଇସିଏସ୍‌ଇ ଓ ଆଇଏସ୍‌ସି ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ତେବେ ଭୁବନେଶ୍ବର ସ୍ଥିତ ସେଣ୍ଟ୍ ଜୋସେଫ୍ ସ୍କୁଲ୍‌ରେ ଉଭୟ ଦଶମ ଏବଂ ଯୁକ୍ତଦୁଇରେ ପାସ୍‌ହାର ଶତପ୍ରତିଶତ ରହିଛି। ଦଶମରେ ମୋଟ୍ ୧୯୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୯୦%ରୁ ଅଧିକ ୭୪ଜଣ ପରୀକ୍ଷାର୍ଥୀ ମାର୍କ ହାସଲ କରିଛନ୍ତି। ତେବେ ଶାଶ୍ୱତ ରାଜ ସର୍ବାଧିକ ୯୯% ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବା ବେଳେ ସ୍କୁଲର ୨ୟ ଟପ୍ପର ୱାଇ ଦାସ ୯୮.୮% ଏବଂ ୩ୟ ସ୍ଥାନରେ ଏସ୍‌ଏସ୍ ରଥ ୯୮.୬% ମାର୍କ ହାସଲ ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ଏହି ବିଦ୍ୟାଳୟରେ +୨ରେ ମୋଟ୍ ୬୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୩ଜଣ ପରୀକ୍ଷାର୍ଥର ୯୦% ରୁ ଅଧିଖ ମାର୍କ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ହ୍ୟୁମାନିଟିଜ୍‌ରେ ଟିଟି ପାଣ୍ଡବ ସର୍ବାଧିକ ୯୭.୫% ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବା ବେଳେ ୨ୟ ସ୍ଥାନରେ ଯୁଗ୍ମ ଭାବେ ଏସ୍ ରାଉତରାୟ ଏବଂ ୱାଇ ମହାନ୍ତି ଉଭୟ ୯୭% ମାର୍କ ହାସଲ କରିଛନ୍ତି। ସେହିପରି ତୃତୀୟ ସ୍ଥାନରେ ସାଇ ରିଷ୍ଟା ୯୬.୭୫% ମାର୍କ ରହିଛନ୍ତ। ବିଜ୍ଞାନରେ ଏସ୍ ପଣ୍ଡା ୯୭% ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବା ବେଳେ ୨ୟ ସ୍ଥାନରେ ଏସ୍ ସାହୁ ୯୬.୨% ଏବଂ ତୃତୀୟ ସ୍ଥାନରେ ଡି ସାହୁ ୯୪.୭% ମାର୍କ ହାସଲ କରିଛନ୍ତି। ବାଣିଜ୍ୟରେ ପ୍ରିୟଙ୍କା ପ୍ରିୟଦର୍ଶୀନୀ ୯୬.୫% ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବା ବେଳେ ୨ୟ ଟପ୍ପର ଭାବେ ସିଭମ ଧଳ ୯୧.୭୫% ଏବଂ ଡି ଷଡ଼ଙ୍ଗୀ ୮୯.୭୫% ମାର୍କ ତୃତୀୟ ଟପ୍ପର ହୋଇଛନ୍ତି।

# ରିଲାଏନ୍ସ ରିଟେଲ୍ ପକ୍ଷରୁ ପ୍ରିୟଙ୍କା ଚୋପ୍ରାଙ୍କ ବ୍ରାଣ୍ଡ୍ ଏନୋମଲି ଅଧିଗ୍ରହଣ

### ରିଟେଲ୍ ନେଟ୍‌ୱାର୍କ ଓ 'ଟିରା' ମାଧ୍ୟମରେ ହେବ ସମ୍ପ୍ରସାରିତ

**ମୁମ୍ବାଇ,୩୦।୪/ଏଜେନ୍ସି :** ରିଲାଏନ୍ସ ରିଟେଲ୍ ଲିମିଟେଡ୍ ପକ୍ଷରୁ ପ୍ରିୟଙ୍କା ଚୋପ୍ରା ଜୋନାସଙ୍କ କେଶ ଯତ୍ନ ବ୍ରାଣ୍ଡ ଏନୋମଲିକୁ ଅଧିଗ୍ରହଣ କରାଯାଇଥିବା ଘୋଷଣା କରାଯାଇଛି। ଏହି ଚୁକ୍ତିରେ ବ୍ରାଣ୍ଡର ଟ୍ରେଡମାର୍କ, ବ୍ରାଣ୍ଡ ସମ୍ବନ୍ଧିତ ସମ୍ପତ୍ତି ଏବଂ ଡିଜିଟାଲ୍ ପ୍ଲାଟଫର୍ମ ଅନ୍ତର୍ଭୁକ୍ତ ରହିଛି। ଏହି ଅଧିଗ୍ରହଣ ରିଲାଏନ୍ସ ରିଟେଲ୍ ଲିମିଟେଡର ସୌନ୍ଦର୍ଯ୍ୟ ବ୍ୟବସାୟକୁ ମଜଭୁତ କରିବ। ଏନୋମଲି ୨୦୨୧ ମସିହାରେ ଆରମ୍ଭ ହୋଇଥିଲା। ଏହା ଏକ ସ୍ୱଚ୍ଛ, ଭେଗାନ୍ ଏବଂ ଉଚ୍ଚ-ଗୁଣବତ୍ତା କେଶ ଯତ୍ନ ବ୍ରାଣ୍ଡ ଯାହା ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଥାଏ। ଏହା ପୂର୍ବରୁ ଅନେକ ପ୍ରମୁଖ ଅନ୍ତର୍ଜାତୀୟ ବଜାରରେ ବିକ୍ରି ହେଉଛି। ଏହି ଅଧିଗ୍ରହଣ ପରେ, ରିଲାଏନ୍ସ ରିଟେଲ୍ ଲିମିଟେଡ୍ ବ୍ରାଣ୍ଡର ପୂର୍ଣ୍ଣ ମାଲିକାନା ଅଧିକାର ଧାରଣ କରିବ। କମ୍ପାନୀ ଏବେ ଏହାର ବ୍ୟାପକ ରିଟେଲ ନେଟ୍‌ୱାର୍କ ଏବଂ 'ଟିରା' ଭଳି ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଏନୋମଲିର ଦ୍ରୁତ ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରିବ। ସୌନ୍ଦର୍ଯ୍ୟ





ଏବଂ ବ୍ୟକ୍ତିଗତ ଯତ୍ନ କ୍ଷେତ୍ରରେ ଏହାର ଉପସ୍ଥିତି ମଜବୁତ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

ଏହି ଚୁକ୍ତି ସମ୍ପର୍କରେ ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି, "ଆମର ପୋର୍ଟଫୋଲିଓରେ ଏନୋମଲିର ପ୍ରବେଶ ନୂତନ ଯୁଗର ସୌନ୍ଦର୍ଯ୍ୟ ବ୍ରାଣ୍ଡ୍ ସେଗମେଣ୍ଟରେ ଆମର ଉପସ୍ଥିତି ବିସ୍ତାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏନୋମଲିର ଦୃଢ଼ ବିଶ୍ୱସ୍ତରୀୟ ପରିଚୟ, ସ୍ୱଚ୍ଛ ଫର୍ମୁଲେସନ୍ ଏବଂ ସୁଲଭ ମୂଲ୍ୟ ଏହାକୁ ଏକ ଆକର୍ଷଣୀୟ ବ୍ରାଣ୍ଡ କରିଥାଏ। ଆମେ ନିଶ୍ଚିତ ଯେ ପ୍ରିୟଙ୍କାଙ୍କ ସହିତ ମିଶି, ଆମେ ଭାରତରେ ଏହି ବ୍ରାଣ୍ଡର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବା ସହିତ ଏହାର ଅନ୍ତର୍ଜାତୀୟ ପ୍ରସାରକୁ ମଧ୍ୟ ମଜବୁତ କରିପାରିବୁ।"

ରିଲାଏନ୍ସ ରିଟେଲ୍ ଲିମିଟେଡ୍ ଏବେ ଏନୋମଲିର ଭାରତୀୟ ବଜାରରେ ଉପସ୍ଥିତି ବଢ଼ାଇବା ଉପରେ ଗୁରୁତ୍ୱ ଦେବ। ଭାରତୀୟ କେଶ ଏବଂ ମୁଣ୍ଡର ତ୍ୱଚା ଅନୁଯାୟୀ ନୂତନ ଉତ୍ପାଦଗୁଡ଼ିକ ବିକଶିତ କରାଯିବ। ଏହା ସହିତ, ବ୍ରାଣ୍ଡଟି ଆମେରିକା, ଇଂଲଣ୍ଡ ଏବଂ ମଧ୍ୟପ୍ରାଚ୍ୟ ଭଳି ବଜାରରେ ବ୍ୟବସାୟକୁ ଆହୁରି ବିସ୍ତାର କରିବ।

ପ୍ରିୟଙ୍କା ଚୋପ୍ରା ଜୋନାସ୍ ବ୍ରାଣ୍ଡର କ୍ରିଏଟିଭ ଡାଇରେକ୍ଟର ଭାବରେ ଦାୟିତ୍ୱରେ ରହିବେ ଏବଂ ନୂତନ ଉତ୍ପାଦ ବିକାଶ, ଚିନ୍ତନ ଏବଂ ସୃଜନଶୀଳତା ଉପରେ କାର୍ଯ୍ୟ କରିବେ। ସେ କହିଛନ୍ତି ଯେ, 'ଏହା ଏନୋମଲି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଯାହା ଏକ ବ୍ୟକ୍ତିଗତ ଯାତ୍ରା ଭାବରେ ଆରମ୍ଭ ହୋଇଥିଲା ତାହା ଏବେ ଏକ ଉଦ୍ଦେଶ୍ୟପୂର୍ଣ୍ଣ ତଥା ବିଶ୍ୱସ୍ତରୀୟ ମହତ୍ତ୍ୱାକାଂକ୍ଷା ସହିତ ଏକ ବ୍ରାଣ୍ଡରେ ପରିଣତ ହୋଇଛି, ଏବଂ ରିଲାଏନ୍ସ ରିଟେଲ୍ ଦ୍ୱାରା ଏହି ଅଧିଗ୍ରହଣ ଏକ ନୂତନ ଏବଂ ରୋମାଞ୍ଚକର ଅଧ୍ୟାୟର ଆରମ୍ଭ। ସେମାନଙ୍କର ବ୍ୟାପକ ନେଟୱାର୍କ ଏବଂ ରିଟେଲ ଅଭିଜ୍ଞତା ଆମକୁ ସାରା ଭାରତ ଏବଂ ବିଶ୍ୱସ୍ତରରେ ବ୍ୟାପକ ଗ୍ରାହକଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ କରିବ। ମୁଁ ବିଶେଷ ଭାବରେ ଇଶା ଅମ୍ବାନୀଙ୍କ ସହିତ କାମ କରିବାକୁ ବିଶେଷ ଉତ୍ସାହିତ ରହିଛି। କ୍ରିଏଟିଭ ଡ଼ାଇରେକ୍ଟର ଭାବରେ, ମୁଁ ବ୍ରାଣ୍ଡର ଅଭିବୃଦ୍ଧିରେ ସକ୍ରିୟ ଭାବରେ ଯୋଡି ହୋଇ ରହିବି।'

ରିଲାଏନ୍ସ ରିଟେଲ୍ ଲିମିଟେଡ୍ ନୂତନ ଏବଂ ଦ୍ରୁତ ଗତିରେ ବଢୁଥିବା ସୌନ୍ଦର୍ଯ୍ୟ ବ୍ରାଣ୍ଡ ଉପରେ ବିଶେଷ ଧ୍ୟାନ ଦେଉଛି। ଏହାର ବିଶେଷଜ୍ଞତା, ବିଶାଳ ନେଟୱାର୍କ ଏବଂ ଏକ ମିଳିତ ଅନଲାଇନ୍-ଅଫଲାଇନ୍ ରଣନୀତିକୁ ବ୍ୟବହାର କରି, କମ୍ପାନୀ ଭାରତ ଏବଂ ବିଶ୍ୱସ୍ତରରେ ଏନୋମଲିର ପ୍ରସାରକୁ ପ୍ରୋତ୍ସାହିତ କରିବ।

## ମେ'ରୁ ଆରମ୍ଭ ହେବ 'ସ୍ୱୟଂଚାଳିତ ଅପିଲ୍' ବ୍ୟବସ୍ଥା

**ଭୁବନେଶ୍ବର,୩୦।୪ /ଏନ୍‌ଏନ୍‌ଏସ୍:** ଓଡ଼ିଶା ଲୋକସେବା ଅଧିକାର ଆଇନକୁ ସୁଦୃଢ଼ କରିବା ଏବଂ ସରକାରୀ ସେବାଗୁଡ଼ିକୁ ସମୟସୀମା ମଧ୍ୟରେ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ଚଳିତ ମେ'ରୁ ଏହି ଆଇନ ଅଧୀନରେ "ସ୍ୱୟଂଚାଳିତ ଅପିଲ ପ୍ରଣାଳୀ" କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି କରୁଛନ୍ତି। ଓଡ଼ିଶା ଲୋକସେବା ଅଧିକାର ଆଇନ ସମ୍ବନ୍ଧୀୟ ୩୨ଟି ବିଭାଗର ନୋଡାଲ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ସଂପର୍କିତ ବୈଠକରୁ ଜଣାଯାଇଛି। ଏହି ପଦକ୍ଷେପ ରାଜ୍ୟର ପ୍ରଶାସନିକ ଦାୟିତ୍ୱବୋଧରେ ଏକ ମାଇଲ ଖୁଣ୍ଟ ହେବାକୁ ଯାଉଛି। ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ଏହି ବୈଠକରେ ନୋଡାଲ ଅଧିକାରୀମାନଙ୍କୁ ସମ୍ବୋଧନ କରି ଶ୍ରୀ ବଶିଷ୍ଠ କହିଥିଲେ ଯେ, ନିକଟରେ ଓଡ଼ିଶା ସରକାରଙ୍କ କ୍ୟାବିନେଟ୍ ବୈଠକରେ "ସ୍ୱୟଂଚାଳିତ ଅପିଲ ପ୍ରଣାଳୀ"କୁ ଅନୁମୋଦନ କରାଯାଇଛି। ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଅଭିଯୋଗ ଫଇସଲା ପ୍ରକ୍ରିୟାରେ ବିଳମ୍ବକୁ ଦୂର କରିବା। ଏହା ଫଳରେ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଦନାମିତ ଅଧିକାରୀ ସେବା ପ୍ରଦାନ କରିବାରେ ବିଫଳ ହୁଅନ୍ତି, ତେବେ ସେହି ଆବେଦନ ସ୍ୱୟଂଚାଳିତ ଭାବେ ଉଚ୍ଚତର ଅପିଲ କର୍ତ୍ତୃପକ୍ଷଙ୍କ ପାଖକୁ ପ୍ରେରିତ ହେବ। ସ୍ୱୟଂଚାଳିତ ଅପିଲ ପ୍ରଣାଳୀର କାର୍ଯ୍ୟାନ୍ୱୟନ ଓଡ଼ିଶାର ପ୍ରଶାସନିକ ଉତ୍ତର ଦାୟିତ୍ୱବୋଧତାର ଏକ ନୂତନ ଯୁଗର ଆରମ୍ଭ ସୂଚିତ କରୁଛି। ୨୦୨୬ ମଇ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରଣାଳୀ ଯେ କୌଣସି ନାଗରିକଙ୍କୁ ତାଙ୍କର ଆଇନସମ୍ମତ ଅଧିକାର ଅନୁସାରେ ପାଇବାକୁ ଥିବା ଯୋଗ୍ୟ ସେବା ପାଇଁ ଯେପରି ଦୀର୍ଘଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ , ତାହାକୁ ସୁନିଶ୍ଚିତ କରିବ ବୋଲି ଶ୍ରୀ ବଶିଷ୍ଠ ପ୍ରକାଶ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ ଶାସନ ବ୍ୟବସ୍ଥାରେ "ସ୍ୱୟଂଚାଳିତ ଅପିଲ" ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଓ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଓଡ଼ିଶା ଲୋକସେବା ଅଧିକାର ଆଇନ ଅନେକ ସେବା ପ୍ରଦାନକୁ ସୁବ୍ୟବସ୍ଥିତ କରିଥିବା ବେଳେ "ସ୍ୱୟଂଚାଳିତ ଅପିଲ" ବ୍ୟବସ୍ଥା ନାଗରିକଙ୍କ ସମୟୋପଯୋଗୀ ସେବା ପାଇବାର ଅଧିକାରକୁ ସୁରକ୍ଷା ଦେବାକୁ ନିଶ୍ଚିତ କରିବ। ଅତିରିକ୍ତ ଶାସନ ସଚିବ ଆହୁରି ମଧ୍ୟ ନୋଡାଲ ଅଧିକାରୀମାନଙ୍କୁ ମେ ୨୦୨୬ ସମୟସୀମା ମଧ୍ୟରେ ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ ସେମାନଙ୍କର ବିଭାଗୀୟ ଡାଟାବେସଗୁଡ଼ିକୁ କେନ୍ଦ୍ରୀୟ ପୋର୍ଟାଲ ସହ ସମ୍ପୂର୍ଣ୍ଣ ଭାବେ ସମନ୍ୱିତ ହେବା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ସେ ଏ ଦିଗରେ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସକୁ ସ୍ୱୀକାର କରି ଓଡ଼ିଶାକୁ ଡିଜିଟାଲ ଶାସନ ଓ ସାର୍ବଜନିକ ଦାୟିତ୍ୱବୋଧତା ଦିଗରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାରେ ସମସ୍ତଙ୍କର ଅବଦାନକୁ ପ୍ରଶଂସା କରିଥିଲେ।

ଏହି ବୈଠକରେ ଓଡ଼ିଶା ଲୋକସେବା ଅଧିକାର ଆଇନର ପ୍ରକଳ୍ପ ସଂଯୋଜକ ପିନାକି ମହାନ୍ତିଙ୍କ ସଂଯୋଜନାରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମହାନ୍ତି ବିଭିନ୍ନ ବିଭାଗରେ ଓଡ଼ିଶା ଲୋକସେବା ଅଧିକାର ଆଇନର କାର୍ଯ୍ୟାନ୍ୱୟନର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ସେ ଆହୁରି "ସ୍ୱୟଂଚାଳିତ ଅପିଲ ପ୍ରଣାଳୀ"ର ଗଠନାତ୍ମକ ଢାଞ୍ଚା ବିଷୟରେ ବିବରଣୀ ଦେଇଥିଲେ ଏବଂ ଡିଜିଟାଲ ସମନ୍ୱୟ କିପରି ରହୁଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକୁ ସୁନିଶ୍ଚିତ କରିବ, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଏହି ବ୍ୟବସ୍ଥା ନିର୍ଦ୍ଧାରିତ ସମୟ ସୀମା ଭିତରେ ଅପିଲ ଶୁଣାଣି ନହେଲେ ନାଗରିକମାନେ ପୁନଃ ଆବେଦନ କରିବାକୁ ପଡ଼ିବ ନାହିଁ ଏବଂ ସ୍ୱୟଂଚାଳିତ ଅପିଲ ଆରମ୍ଭ ହେବ। ୩୨ଟି ବିଭାଗ ମଧ୍ୟରେ ଫାଇଲର ଗତିବିଧିକୁ ସମୟାନୁଭିତ୍ତିରେ ତତକ୍ଷଣାତ ବା ରିୟଲ ଟାଇମ ଭିତ୍ତିରେ ଟ୍ରାକ୍ କରିବାର ପାରଦର୍ଶିତା ବୃଦ୍ଧି କରିବ। ନାଗରିକମାନେ ତାଙ୍କର କାମ ସଂପର୍କରେ ବୁଝିବା ପାଇଁ ବାରଂବାର କାର୍ଯ୍ୟାଳୟକୁ ଯିବାର ପ୍ରୟୋଜନକୁ କମାଇବ ବୋଲି ସେ ପ୍ରକାଶ କରିଥିଲେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ସମରେନ୍ଦ୍ର ଷଡ଼ଙ୍ଗୀ ଏହି ସମୀକ୍ଷା ବୈଠକକୁ ସଂଯୋଜନା କରିଥିଲେ।

## ଇଭି ପ୍ରତି ସରକାରୀ କର୍ମଚାରୀ ଅନାଗ୍ରହୀ

**ଭୁବନେଶ୍ବର,୩୦।୪/ଏନ୍‌ଏନ୍‌ଏସ୍:** ବୈଦ୍ୟୁତିକ ଯାନ କିଣିବାକୁ ରାଜ୍ୟ ସରକାର ନିଜର କର୍ମଚାରୀମାନଙ୍କୁ ସୁଧ ମୁକ୍ତ ଅଗ୍ରିମ ଦେୟ ବ୍ୟବସ୍ଥା ପ୍ରଚଳନ ସହିତ ତାହାର ଅବଧି ସମାପ୍ତ କରିଥିବାବେଳେ ସରକାରୀ କର୍ମଚାରୀମାନେ କିନ୍ତୁ ଇଭି ଖରିଦ ପାଇଁ ସେଭଳି ଆଗ୍ରହ ଦେଖାଇ ନାହାନ୍ତି । ଖୋଦ୍ ରାଜ୍ୟ ସରକାର ନିଜ ନିଜ ବିଭାଗ ପାଇଁ ଇଭି ଖରିଦ କରୁନଥିବାରୁ କର୍ମଚାରୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରିନଥିବା ଜଣାଯାଇଛି। ୨୦୨୧ର ଇଭି ନୀତିରେ ବୈଦ୍ୟୁତିକ ଯାନ ଖରିଦ କରିବା ପାଇଁ ରାଜ୍ୟ ସରକାର ନିଜର କର୍ମଚାରୀମାନଙ୍କ ପାଇଁ ସୁଧମୁକ୍ତ ଅଗ୍ରୀମ ବ୍ୟବସ୍ଥା କରିଥିଲେ। ପ୍ରଥମେ ଏହା ୨୦୨୫ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଇତି ମଧ୍ୟରେ ସରକାର ଏହି ରିହାତି ଯୋଜନାକୁ ଚଳିତବର୍ଷ ଅପ୍ରେଲ ପହିଲାରୁ ବନ୍ଦ କରିଥିବା ନେଇ ଅବଗତ କରିଛନ୍ତି। ତେବେ ଏତେଦିନ ଧରି ଯୋଜନା କାର୍ଯ୍ୟକାରୀ ସତ୍ତ୍ୱେ କର୍ମଚାରୀମାନେ ଯେଉଁ ହାରରେ ଇଭି ଖରିଦ କରିବାକଥା ତାହା କରିନାହାନ୍ତି। ହାତ ଗଣତି କେତେକ ସରକାରୀ କର୍ମଚାରୀଙ୍କୁ ବାଦ୍ ଦେଲେ ଏହି ସୁଧ ମୁକ୍ତ ଅଗ୍ରିମ ଯୋଜନାରୁ ଲାଭ ଉଠାଇବାକୁ ଅନେକ ଚାହିଁ ନାହାନ୍ତି। ଚାରି ଚକିଆ ତ ଦୂରର କଥା ଦୁଇ ଚକିଆ ଇଭି ବି ଖରିଦ କରିନାହାନ୍ତି। ଲୋକସେବାଭବନ ଭିତରେ ଥିବା ଯାନବାହାନକୁ ଦେଖିଲେ ଏହା ଜଳ ଜଳ ହୋଇ ଦିଶୁଛି। ତେବେ ଏହାର ମୁଖ୍ୟ କାରଣ ଖୋଦ୍ ସରକାର ବୋଲି କିଛି କର୍ମଚାରୀ ମତ ଦେଉଛନ୍ତି। ଯେହେତୁ ସରକାର ନିଜ ନିଜ ବିଭାଗ ପାଇଁ ଇଭି ଖରିଦ କଲେ ନାହିଁ, ତେଣୁ ସେମାନେ ବି ଏଥିପାଇଁ ଆଗେଇ ଆସିଲେ ନାହିଁ। ସେମାନଙ୍କ ମନରେ ଇଭି ଯାନ ପ୍ରତି ବିଶ୍ୱାସ ଜନ୍ମିଲା ନାହିଁ। ଯେଉଁମାନେ ଚାରିଚକିଆ ଯାନ କିଣିଲେ ସେମାନେ ମୁଖ୍ୟତଃ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଖରିଦ କରିବାକୁ ଆଗ୍ରହ ଦେଖାଇଲେ। ସରକାରୀ ବିଭାଗ ମଧ୍ୟରେ ଜଙ୍ଗଲ ଓ ପରିବେଶ, ପରିବହନ, ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗରେ ହାତ ଗଣତି କେତୋଟି ଇଭି ଖରିଦ ହୋଇ ଚାଲୁଛି। ଅନ୍ୟ ବିଭାଗଗୁଡିକ ଇଭି ବଦଳରେ ପେଟ୍ରୋଲ ଡିଜେଲ୍ ଗାଡ଼ି ଖରିଦ କରିବାରେ ଲାଗିଛନ୍ତି। ସରକାରୀ ବିଭାଗଗୁଡ଼ିକ ଟେଣ୍ଡର ଜରିଆରେ ଯେଉଁ ଭଡ଼ାଗାଡ଼ି ଆଣୁଛନ୍ତି ସେଥିରେ ବି ଇଭି ଯାନ ସାମିଲ କରୁନାହାନ୍ତି। ଅନ୍ୟମାନଙ୍କୁ ପରିବେଶ ସୁରକ୍ଷାର ପାଠ ପଢ଼ାଇ ଇଭି ଚଢ଼ିବାକୁ ପରାମର୍ଶ ଦେଉଥିବା ସରକାର କାହିଁକି ନିଜେ ଇଭି ଯାନ କିଣୁନାହାନ୍ତି ତାହାକୁ ନେଇ ଅନେକ ସନ୍ଦେହ ପ୍ରକାଶ କରୁଛନ୍ତି। ତେବେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କିନ୍ତୁ ତାଙ୍କର ସମସ୍ତ ଯାନ ଇଭିକୁ ରୂପାନ୍ତରିତ କରିଥିବାବେଳେ ଲୋକଭବନର କର୍ମଚାରୀମାନଙ୍କୁ ଦୁଇ ଚକିଆ ଇଭି ବ୍ୟବହାର ପାଇଁ ପ୍ରୋତ୍ସାହିତ କରୁଛନ୍ତି। ରାଜ୍ୟପାଳଙ୍କର ଏଭଳି ପଦକ୍ଷେପର ପ୍ରଭାବ ସରକାରୀ ବିଭାଗ ଉପରେ ନପଡ଼ିବା ଫଳରେ ସରକାରୀ କର୍ମଚାରୀମାନେ ଇଭି କିଣା ପାଇଁ ସୁଧ ରହିତ ଯୋଜନା ପ୍ରତି ଯେଭଳି ଆଗ୍ରହ ପ୍ରକାଶ କରିବାକଥା ତାହା କଲେନାହିଁ ବୋଲି ମତପ୍ରକାଶ ପାଉଛି।

### ବିଜେବି କଲେଜରେ ଗୋଷ୍ଠୀ ସଂଘର୍ଷ

**ଭୁବନେଶ୍ବର,୩୦।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ବରର ବିଜେବି କଲେଜରେ ଗୋଷ୍ଠୀ ସଂଘର୍ଷ। ଦୁଇ ଛାତ୍ର ଗୋଷ୍ଠୀରେ ମଧ୍ୟରେ ସଂଘର୍ଷ ହୋଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣରେ ଏକାଧିକ ଛାତ୍ର ଆହତ ହୋଇଛନ୍ତି। ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ବଡଗଡ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ କମେଣ୍ଟ ମରାକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ପରିସ୍ଥିତିକୁ ଶାନ୍ତ କରିବା ପାଇଁ ଉଭୟ ପକ୍ଷକୁ ପ୍ରିନ୍ସପାଲଙ୍କ ଚାମ୍ବରକୁ ଡକାଯାଇଥିଲା। କିନ୍ତୁ ଆଲୋଚନା ଚାଲିଥିବା ସମୟରେ ହଠାତ୍ କିଛି ଛାତ୍ର ମାରଣାସ୍ତ୍ର ନେଇ ଚାମ୍ବର ଭିତରକୁ ପଶି ଆକ୍ରମଣ କରିଥିଲେ। ସଂଘର୍ଷରେ ଅନେକ ଛାତ୍ର ଆହତ ହୋଇଛନ୍ତି। ଘଟଣା ପରେ କଲେଜ ପରିସରରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲେ ମଧ୍ୟ ପୁଲିସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଛି।

### ରାଜନୀତି କ୍ଷେତ୍ରରେ ଆଗକୁ ଯିବା ପାଇଁ ଇଚ୍ଛା ଅଛି : ଦୂତି

**ଭୁବନେଶ୍ବର,୩୦।୪/ଏନ୍‌ଏନ୍‌ଏସ୍:** ରାଜନୀତିରେ ପ୍ରବେଶ କରିବେ ଅନ୍ତର୍ଜାତୀୟ କ୍ରୀଡ଼ାବିତ ଦୂତି ଚାନ୍ଦ। ପୂର୍ବରୁ ଏନେଇ ଘୋଷଣା କରିଥିବା ଦୂତିଙ୍କୁ ଆଜି ବିଧାନସଭାରେ ଦେଖିବାକୁ ମିଳିଛି। ଓଡ଼ିଶା ବିଧାନସଭାରେ ଆଗତ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନାକୁ ଗ୍ୟାଲେରୀରେ ବସି ଶୁଣିଛନ୍ତି ଦୂତି । ଅବସର ପରେ ଯେଉଁ ଦଳ ସମାଜ, ରାଜ୍ୟ ବିକାଶ ପାଇଁ କାମ କରୁଥିବ, ସେହିପରି ରାଜନୈତିକ ଦଳ ଚୟନ କରିବି ବୋଲି କହିଛନ୍ତି । ସେ କହିଛନ୍ତି, 'ପ୍ରତ୍ୟେକ କ୍ଷେତ୍ରରେ ମହିଳା ଆଗକୁ ଯାଉଛନ୍ତି। ରାଜନୀତି କ୍ଷେତ୍ରରେ ମହିଳାଙ୍କୁ ଯେତିକି ସୁଯୋଗ ମିଳିବା କଥା, ତାହା ଦିଆ ଯାଉନାହିଁ। ସେଥିପାଇଁ ରାଜନୀତିରେ ୩୩ % ସଂରକ୍ଷଣ ଜରୁରୀ। ରାଜନୀତିରେ ପ୍ରବେଶ ପାଇଁ ମୁଁ ପୂର୍ବରୁ ଘୋଷଣା କରିସାରିଛି। ବ୍ୟକ୍ତିଗତ ଭାବେ ରାଜନୀତି କ୍ଷେତ୍ରରେ ଆଗକୁ ଯିବା ପାଇଁ ଇଚ୍ଛା ଅଛି । ସୁଯୋଗ ମିଳିଲେ ଆଗକୁ ଆସିପାରିବି ବୋଲି ଦୂତ କହିଛନ୍ତି ।

## ପୂର୍ବତଟ ରେଳପଥ ପକ୍ଷରୁ ଅତିରିକ୍ତ କୋଚ୍ ସଂଯୋଗ

**ଭୁବନେଶ୍ବର,୩୦।୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମ ଋତୁରେ ଯାତ୍ରୀଙ୍କ ଅତ୍ୟଧିକ ଚାହିଦାକୁ ଦୃଷ୍ଟିରେ ରଖି ଭୁବନେଶ୍ବର ଏବଂ ସମ୍ବଲପୁରରୁ ଛାଡୁଥିବା ଅନେକ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।



ଏହି ପଦକ୍ଷେପ ଅନୁଯାୟୀ ଭୁବନେଶ୍ବର-କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ (୧୮୪୬୩)ରେ ୧ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ବେଙ୍ଗାଲୁରୁ-ଭୁବନେଶ୍ବର ପ୍ରଶାନ୍ତି ଏକ୍ସପ୍ରେସ (୧୮୪୬୪)ରେ ୨ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ଯୋଡ଼ାଯିବ। ଭୁବନେଶ୍ବର- ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (୧୨୮୧୯)ରେ ୩ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଆନନ୍ଦ ବିହାର ଟର୍ମିନାଲ -ଭୁବନେଶ୍ବର ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (୧୨୮୨୦) ରେ ୫ ମଇରୁ ୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ଭୁବନେଶ୍ବର-ତିରୁପତି ସୁପରଫାଷ୍ଟ ଏକ୍ସପ୍ରେସ ( ୨୨୮୭୯) ୨ ମଇରୁ ୩୦ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସହିତ ଚାଲିବ। ତିରୁପତି-ଭୁବନେଶ୍ବର ସୁପରଫାଷ୍ଟ ଏକ୍ସପ୍ରେସ (୨୨୮୮୦)ରେ ୩ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।

ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ (୧୮୩୦୧/୧୮୩୦୨)୧ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସହିତ ଚାଲିବ। ସମ୍ବଲପୁର- ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସ (୨୦୮୩୨)ରେ ୩ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ସ୍ଲିପର କୋଚ୍ ସଂଯୋଗ କରାଯିବ। ଶାଲିମାର-ସମ୍ବଲପୁର ( ୨୦୮୩୧) ୪ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ସ୍ଲିପର କୋଚ୍ ସହିତ ଚାଲିବ। ଭୁବନେଶ୍ବର-ପୁରୁଣାକଟକ ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନଂ. ୧୨୮୯୩)ରେ ୧ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ସେହିପରି ପୁରୁଣାକଟକ-ଭୁବନେଶ୍ବର (୧୨୮୯୪) ୨ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଦୁଇଟି ଅତିରିକ୍ତ ସାଧାରଣ ଶ୍ରେଣୀ କୋଚ୍ ସହିତ ଚଳାଚଳ କରିବ।

ଭୁବନେଶ୍ବର- ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ (୧୮୪୪୭)ରେ ୧ ମଇରୁ ୧୨ ମଇ ଏବଂ ୧୪ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।ସେହିପରି ଜଗଦଲପୁର-ଭୁବନେଶ୍ବର (୧୮୪୪୮) ରେ ୨ ମଇରୁ ୧୩ ମଇ ଏବଂ ୧୫ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ। ପୁରୀ-ଗୁଣୁପୁର ଏକ୍ସପ୍ରେସ (୧୮୪୧୭)ରେ ୧ ମଇରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ଏକ ଅତିରିକ୍ତ ଦ୍ୱିତୀୟ ଶ୍ରେଣୀ ଏସି-ଚେୟାର କାର୍ ସଂଯୋଗ କରାଯିବ। ସେହିପରି ଗୁଣୁପୁର-ପୁରୀ ଏକ୍ସପ୍ରେସ (୧୮୪୧୮) ୨ ମଇରୁ ୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଅତିରିକ୍ତ ଏସି-ଚେୟାର କାର୍ ସହିତ ଚଳାଚଳ କରିବ। ଏହି ଅସ୍ଥାୟୀ କୋଚ୍ ସଂଯୋଗ ଦ୍ୱାରା ଟ୍ରେନର ଯାତ୍ରୀ ଧାରଣ କ୍ଷମତା ବୃଦ୍ଧି ପାଇବ ଏବଂ ଗ୍ରୀଷ୍ମକାଳୀନ ଭ୍ରମଣ ସମୟରେ ଅପେକ୍ଷାରତ ଯାତ୍ରୀଙ୍କ ଟିକେଟ୍ କନଫର୍ମ ହେବାର ସୁଯୋଗ ବୃଦ୍ଧି ପାଇବ।

## ପୁରୀରେ 'ଫାର୍ମ ବି'ପକ୍ଷରୁ ଦେବଭୋଗ ବଣ୍ଟନ

**ପୁରୀ,୩୦।୪/ଏନ୍‌ଏନ୍‌ଏସ୍:** ପୁରୀ ଶ୍ରୀଜଗନ୍ନାଥ ଧାମଠାରେ ଅଗ୍ରଣୀ ଖାଦ୍ୟ ଉଦ୍ୟୋଗ 'ଫାର୍ମ ବି' ଓ 'ରେଜ୍ ଫାଉଣ୍ଡେସନ୍' ପକ୍ଷରୁଏକ ନିଆରା ମହାଭୋଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାରମ୍ପରିକ ରସୋଇରୁ ପ୍ରେରିତହୋଇ 'ଦେବ ଭୋଗ ଖେଚୁଡ଼ି ଓ ସାଗୁଖିରି' ପ୍ରସ୍ତୁତ କରାଯାଇ ପବିତ୍ର ବଡ଼ଦାଣ୍ଡ ପରିସରରେ ହଜାର ହଜାର ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ପାତ୍ରରେ ଥିଲା ଶୁଦ୍ଧତା, ଭରସା ଓ ଆଧ୍ୟାତ୍ମିକତାର ସ୍ପର୍ଶ। ଏହି ପବିତ୍ର ପ୍ରୟାସ କେବଳ ଖାଦ୍ୟ ବଣ୍ଟନ ନୁହେଁ ବରଂ ଓଡ଼ିଶାର ଧାର୍ମିକ ଓ ପରମ୍ପରାକୁ ପୁନର୍ଜୀବିତ କରିବାର ଏକ ସାର୍ଥକଚେଷ୍ଟା। ଭକ୍ତମାନେ ଏହାକୁ ମହାପ୍ରଭୁଙ୍କର ପ୍ରସାଦ ଭାବେ ଗ୍ରହଣ କରି 'ଫାର୍ମ ବି'ପ୍ରତି ତାଙ୍କର ଆନନ୍ଦ ଓ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ଭକ୍ତମାନେ କହିଥିଲେ ଏହା କେବଳ ଖାଦ୍ୟ ନୁହେଁ ବରଂ ମହାପ୍ରଭୁଙ୍କ ପ୍ରସାଦର ଅନୁଭୂତି





ଦେଉଛି। 'ଫାର୍ମ ବି' ପକ୍ଷରୁ ନିଆଯାଇଥିବା ଏହି ପବିତ୍ର ପଦକ୍ଷେପ ଓଡ଼ିଶାର ଧାର୍ମିକ ଓ ପାକଶାଳୀୟ ପରମ୍ପରାକୁ ନୂତନ ଆଲୋକରେ ଉପସ୍ଥାପନା କରିଛି । ସେବା, ସମର୍ପଣ ଓ ସଂସ୍କୃତି ପ୍ରତି ଆଦରକୁ ଆଗରେ ରଖି 'ଫାର୍ମ ବି' ଏହି ଉଦ୍ୟମ ମାଧ୍ୟମରେ ସମାଜ ସହ ଏକ ଗଭୀର ଆତ୍ମୀୟ ସମ୍ପର୍କ ସୃଷ୍ଟି କରିଛି। ଏହା ପୁନର୍ବାର ପ୍ରମାଣ କରିଛି ଏକତା, ଭକ୍ତି ଓସେବାରେ ହିଁ ରହିଛି ସତ୍ୟ ଓ ସଫଳତାର ମାର୍ଗ । 'ଫାର୍ମ ବି' ଓ 'ରେଜ୍ ଫାଉଣ୍ଡେସନ୍'ର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିବା ସହ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

**ନିତି ଭାରତୀ**

ମୁଁ ମୋ ନିଜକୁ ଜଣେ ଶ୍ରମିକ ବୋଲି କୁହେ, କାରଣ ଚରଖା ଚଳାଇବା, ସୂତା କାଟିବା, ଚାଷକାମ କରିବା ଏବଂ ସଫେଇ କର୍ମଚାରୀ କହିବାରେ ଗର୍ବ ଅନୁଭବ କରେ।
- ମହାତ୍ମା ଗାନ୍ଧୀ

NITIDIN ନିତିଦିନ
ଶୁକ୍ରବାର, ୧ ମେ' ୨୦୨୬

# ଶ୍ରମିକମାନେ ଗୁରୁତ୍ୱପୂର୍ଣ୍ଣ


ସନ୍ତୋଷ କୁମାର ମହାପାତ୍ର

ଆନ୍ତର୍ଜାତିକ ଶ୍ରମ ଦିବସ, ଯାହା ଶ୍ରମିକ ଦିବସ ବା ମେ' ଦିବସ ଭାବରେ ମଧ ଜଣା, ସମସ୍ତ କ୍ଷେତ୍ରର ଶ୍ରମିକଙ୍କ ଅବଦାନ ଏବଂ ଅଧିକାରକୁ ସମ୍ମାନ ଜଣାଇବା ପାଇଁ ବିଶ୍ୱବ୍ୟାପି ପାଳନ କରାଯାଏ। ଏହା ସମାନତା, ମର୍ଯ୍ୟାଦା ଏବଂ ଶୋଷଣରୁ ମୁକ୍ତି ପାଇଁ ବ୍ୟାପକ ସଂଘର୍ଷର ମଧ ପ୍ରତୀକ, ବିଶେଷକରି ଦୁର୍ବଳ ବର୍ଗ ପାଇଁ। ଏହା ନ୍ୟାୟପୂର୍ଣ୍ଣ ମଜୁରୀ ଏବଂ ନିରାପଦ କାର୍ଯ୍ୟ ପରିବେଶର ଆବଶ୍ୟକତାକୁ ଉଜ୍ଜ୍ୱଳ କରେ; ଶ୍ରମିକ ଏବଂ ନିଯୁକ୍ତିଦାତାଙ୍କ ମଧ୍ୟରେ ଆଲୋଚନାକୁ ଉତ୍ସାହିତ କରେ। ଆନ୍ତର୍ଜାତିକ ଶ୍ରମ ସଂଗଠନ ସାଧାରଣତଃ ଉତ୍ତମ କାର୍ଯ୍ୟ, ସାମାଜିକ ନ୍ୟାୟ ଏବଂ ଆନ୍ତର୍ଜାତିକ ଶ୍ରମ ମାନଦଣ୍ଡକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଏ। ଏହା ଶ୍ରମିକଙ୍କ ଅଧିକାର ପାଇଁ ଚାଲିଥିବା ସଂଘର୍ଷକୁ ସ୍ମରଣ କରାଏ। ଏହା ଏକ ସରଳ, କିନ୍ତୁ ଶକ୍ତିଶାଳୀ ଧାରଣା ଉପରେ ଗୁରୁତ୍ୱ ଦିଏ: ଆର୍ଥିକ ପ୍ରଗତି ମାନବିକ ମର୍ଯ୍ୟାଦା ସହିତ ହାତ ମିଳାଇ ଚାଲିବା ଉଚିତ।

୨୦୨୬ ପାଇଁ, ଜାତିସଂଘ ସ୍ୱେଚ୍ଛାସେବା ଉପରେ ମୁଖ୍ୟ ଗୁରୁତ୍ୱ ଦେଇ ସାମୂହିକ କାର୍ଯ୍ୟ, ସ୍ଥାୟିତ୍ୱ ଏବଂ ଶ୍ରମିକ ସଶକ୍ତିକରଣ ଉପରେ ଏକ ବ୍ୟାପକ ଧ୍ୟାନ କେନ୍ଦ୍ରିତ କରିଛି। ଯଦିଓ ଆନ୍ତର୍ଜାତିକ ଶ୍ରମ ସଂସ୍ଥା (ଆଇଏଲଓ) ଦ୍ୱାରା ନିର୍ଦ୍ଦିଷ୍ଟ ଅନ୍ତର୍ଜାତିକ ଶ୍ରମିକ ଦିବସ (ମେ' ୧) ବାର୍ତ୍ତା ପ୍ରାୟତଃ ତାରିଖ ନିକଟରେ ଚୂଡ଼ାନ୍ତ କରାଯାଇଥାଏ, ୨୦୨୬ ପାଇଁ ପ୍ରଚଳିତ ଜାତିସଂଘର ବିଷୟବସ୍ତୁ ହେଉଛି: 'ଆମେ ଚାହୁଁଥିବା ଭବିଷ୍ୟତ ପାଇଁ ଆଉ ଅପେକ୍ଷା କରିବା ନାହିଁ। ଏକ ଉନ୍ନତ ବିଶ୍ୱ ସମ୍ଭବ, ଏବଂ ଏହା ଆମ ପାଖରେ ଅଛି।'

ମେ' ଦିବସ ଆମକୁ ମନେ ପକାଇ ଦିଏ ଯେ ଏକ ରାଷ୍ଟ୍ରର ପ୍ରଗତି କେବଳ ପୁଞ୍ଜି ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ହୁଏ ନାହିଁ, ବରଂ ଏହାର ଲୋକଙ୍କ ଶ୍ରମ, ସ୍ଥିରତା ଏବଂ ଦକ୍ଷତା ଦ୍ୱାରା ପରିଚାଳିତ ହୁଏ। ଶ୍ରମ ପ୍ରତି ସମ୍ମାନ ଏକ ନ୍ୟାୟପୂର୍ଣ୍ଣ ଏବଂ ସମାନ ସମାଜର ମୂଳଦୁଆ। ଭାରତରେ ମେ' ଦିବସର ପ୍ରକୃତ ଆତ୍ମା ସେତେବେଳେ ସାକାର ହେବ, ଯେତେବେଳେ ଅଣଆନୁଷ୍ଠାନିକ ବା ଅନୌପଚାରିକ କ୍ଷେତ୍ରରେ କାମ କରୁଥିବା ସମସ୍ତ ଶ୍ରମିକ ସାମାଜିକ ସୁରକ୍ଷା ଏବଂ ନ୍ୟାୟପୂର୍ଣ୍ଣ ମଜୁରୀ ଏବଂ ନିରାପଦ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରାଯାଏ। ମହିଳା ଶ୍ରମିକମାନଙ୍କୁ ସମାନ ସୁଯୋଗ ଏବଂ ଦରମା ଦିଆଯାଏ। ଆର୍ଥିକ ଅଭିବୃଦ୍ଧି ମାନବ ମର୍ଯ୍ୟାଦା ଏବଂ ସମାନତା ସହିତ ସଂଯୁକ୍ତ। ଏହି ଦିବସ ସର୍ବନିମ୍ନ ମଜୁରୀ, ନିୟନ୍ତ୍ରିତ କାର୍ଯ୍ୟ ନିର୍ଘଣ୍ଟ, ନିରାପଦ କାର୍ଯ୍ୟ ପରିସ୍ଥିତି ଏବଂ ସାମାଜିକ ସୁରକ୍ଷା ପାଇଁ ପ୍ରବେଶ ଭଳି ଶ୍ରମ ଅଧିକାରର ଗୁରୁତ୍ୱକୁ ଦୃଢ଼ କରେ।

ଏହି ଦିବସଟି ପୂର୍ବ ସଫଳତାଗୁଡ଼ିକୁ ପାଳନ କରୁଥିବା ବେଳେ, ଏହା ସମସ୍ତଙ୍କ ପାଇଁ ନିରପେକ୍ଷ, ସୁରକ୍ଷିତ ଏବଂ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସ ପାଇଁ ମଧ ଆହ୍ୱାନ କରେ। ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ବିଶ୍ୱର ପ୍ରତ୍ୟେକ କୋଣରେ ୧୦୫ ନିୟୁତରୁ ଅଧିକ ଶ୍ରମିକଙ୍କ ପ୍ରତିନିଧିତ୍ୱ କରୁଥିବା ସବୁଠାରୁ ଐତିହାସିକ ଆନ୍ତର୍ଜାତିକ ବାଣିଜ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଂଘ ମଜୁରୀ ବୃଦ୍ଧି ଏବଂ ପୂର୍ଣ୍ଣ ଅଧିକାର ସହିତ ସାମୂହିକ ଶ୍ରମ ଚୁକ୍ତିନାମା ଦାବି କରେ। ଉଚ୍ଚ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ବିରୁଦ୍ଧରେ ସୁରକ୍ଷା ପାଇଁ ପ୍ରଭାବଶାଳୀ ପଦକ୍ଷେପ, ସମସ୍ତଙ୍କ ପାଇଁ ସାର୍ବଜନୀନ ଏବଂ ମାଗଣା ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସାମାଜିକ ସୁରକ୍ଷା, କାର୍ଯ୍ୟ ସମୟ ହ୍ରାସ, ସ୍ଥିର କାର୍ଯ୍ୟ ଘଣ୍ଟା ସହିତ ସ୍ଥାୟୀ ନିଯୁକ୍ତି, ନମନୀୟ ଶ୍ରମର ଉଚ୍ଛେଦ ଏବଂ ଡିଜିଟାଲ ପ୍ଲାଟଫର୍ମରେ ଶ୍ରମିକମାନଙ୍କ ପାଇଁ ସୁରକ୍ଷା, ସମସ୍ତ କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ବ୍ୟବସ୍ଥା, ଟ୍ରେଡ୍ ୟୁନିଅନ୍ ଅଧିକାର ଏବଂ ଗଣତାନ୍ତ୍ରିକ ସ୍ୱାଧୀନତା ପ୍ରତି ସମ୍ମାନ, ପ୍ରବାସୀମାନଙ୍କ ସୁରକ୍ଷା ଏବଂ ସମସ୍ତ ଶ୍ରମିକଙ୍କ ପାଇଁ ସମାନ ଅଧିକାରକୁ ଗୁରୁତ୍ୱ ଦିଏ। କ୍ଷମତାଧାରୀମାନଙ୍କ ଯୁଦ୍ଧଖୋର ମନୋଭାବ ପ୍ରତି ଶ୍ରମିକମାନଙ୍କର କୌଣସି ଆଗ୍ରହ ନାହିଁ। ବିପରୀତରେ, ଏକତା, ସଂହତି ଏବଂ ସାଧାରଣ ସଂଘର୍ଷରୁ ସେମାନଙ୍କ ପାଖରେ ସବୁକିଛି ପାଇବାକୁ ଅଛି।

୨୦୨୬ ମେ' ଦିବସ ପାଇଁ ପ୍ରମୁଖ ବିଷୟବସ୍ତୁ ଏବଂ ସ୍ଲୋଗାନଗୁଡ଼ିକ ଶ୍ରମିକ ସଂହତି, ଆର୍ଥିକ ନ୍ୟାୟ ଏବଂ ଶୋଷଣ ପ୍ରତିରୋଧ ଉପରେ କେନ୍ଦ୍ରିତ। ମୁଖ୍ୟ ସ୍ଲୋଗାନଗୁଡ଼ିକ ମଧ୍ୟରେ 'ଅରବପତିଙ୍କ ଉପରେ ଶ୍ରମିକ', 'ସାଧାରଣ ଭାବରେ ଆଉ ବ୍ୟବସାୟ ନାହିଁ', ଏବଂ 'ଏକ ଉନ୍ନତ ବିଶ୍ୱ ସମ୍ଭବ' ଅନ୍ତର୍ଭୁକ୍ତ। 'କାମ ନାହିଁ, ସ୍କୁଲ ନାହିଁ, ଦୋକାନ ନାହିଁ', କାର୍ଯ୍ୟ ଦିବସ ଉପରେ ଗୁରୁତ୍ୱାରୋପ। ବିଶ୍ୱ ଟ୍ରେଡ୍ ୟୁନିଅନ୍ ଫେଡରେସନ୍ ୨୦୨୬ ଥିମ୍‌କୁ 'ସଂହତି ଏବଂ ଅନ୍ତର୍ଜାତୀୟତା ହେଉଛି ଶ୍ରମିକ ଶ୍ରେଣୀର ଅସ୍ତ୍ର' ଭାବରେ ଘୋଷଣା କରିଛି, ଯାହା ସାମ୍ରାଜ୍ୟବାଦୀ ଯୁଦ୍ଧ ଏବଂ ଶୋଷଣ ବିରୁଦ୍ଧରେ ଲଢ଼ିବା ଉପରେ କେନ୍ଦ୍ରିତ। 'ଅରବପତିଙ୍କ ଉପରେ ଶ୍ରମିକ' ସ୍ଲୋଗାନ ଆମ ସମୟର ଏକ ପରିଭାଷିତ ଆହ୍ୱାନ ଭାବରେ ଉଭା ହୋଇଛି। ଏହା ଏକ ଶ୍ରମିକ-କେନ୍ଦ୍ରିତ ର୍‍ୟାଲିର ସ୍ୱର, ବିଶେଷକରି ମେ' ଦିବସ ୨୦୨୬ରେ ମେ' ଦିବସ ଷ୍ଟ୍ରଙ୍ଗ ନେଟୱର୍କ ଏବଂ ଡେମୋକ୍ରାଟିକ୍ ସମାଜବାଦୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି, ଯାହାର ଲକ୍ଷ୍ୟ ସମ୍ପତ୍ତି ଅସମାନତା ଏବଂ କର୍ପୋରେଟ୍ ପ୍ରଭାବକୁ ମୁକାବିଲା କରିବା। ବର୍ନି ସାଣ୍ଡର୍ସଙ୍କ ଭଳି ନେତାଙ୍କ ଦ୍ୱାରା ବିଶ୍ୱ ରାଜନୈତିକ ଆଲୋଚନାରେ ଲୋକପ୍ରିୟ ଏହା ରାଜନୈତିକ ଅର୍ଥନୀତିରେ ଏକ ମୌଳିକ ବିତର୍କକୁ ସଂଗୃହୀତ କରେ: ଅର୍ଥନୈତିକ ବ୍ୟବସ୍ଥା କିଛି ଲୋକଙ୍କ ପାଇଁ ସମ୍ପତ୍ତି ସଂଗ୍ରହକୁ ପ୍ରାଥମିକତା ଦେବା ଉଚିତ, ନା ଅନେକଙ୍କ ପାଇଁ ମର୍ଯ୍ୟାଦା ଏବଂ ସୁରକ୍ଷା ଏହି ସ୍ଲୋଗାନଟି ବର୍ଦ୍ଧିତ ଅସମାନତା, ମଜୁରୀ ସ୍ଥିରତା ଏବଂ ଏକ କ୍ଷୁଦ୍ର ଉଚ୍ଚ ବର୍ଗଙ୍କ ମଧ୍ୟରେ ସମ୍ପତ୍ତିର କେନ୍ଦ୍ରୀକରଣ ବିଷୟରେ ଚିନ୍ତାକୁ ପ୍ରତିଫଳିତ କରେ ଏବଂ ଉଚ୍ଚ ସର୍ବନିମ୍ନ ମଜୁରୀ, ପ୍ରଗତିଶୀଳ କର, ସାର୍ବଜନୀନ ସେବା ଏବଂ ଦୃଢ଼ ଶ୍ରମ ସୁରକ୍ଷା ଭଳି ନୀତିଗୁଡ଼ିକୁ ସମର୍ଥନ କରେ। ସମର୍ଥକମାନେ ଯୁକ୍ତି ଦିଅନ୍ତି ଯେ ଏହିପରି ପଦକ୍ଷେପ ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଅତ୍ୟାବଶ୍ୟକ। ଏହାର ସମର୍ଥକମାନେ ଗଣତାନ୍ତ୍ରିକ ବ୍ୟବସ୍ଥାର 'ବିଲିୟନପତି ଅଧିଗ୍ରହଣ' ଭାବରେ ବର୍ଣ୍ଣନା କରୁଥିବା ବିଷୟକୁ ମୁକାବିଲା କରିବା ପାଇଁ ତୃଣମୂଳ ସ୍ତରରେ ସଂଗଠନ କରିବା ଦିଗରେ ଏକ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ। ଐତିହାସିକ ଭାବରେ, କାର୍ଲ ମାର୍କ୍ସଙ୍କ ପରି ଚିନ୍ତାନାୟକଙ୍କ ଦ୍ୱାରା ପ୍ରଭାବିତ ଆନ୍ଦୋଳନଗୁଡ଼ିକର ସମାନ ଭାବନା କେନ୍ଦ୍ରବିନ୍ଦୁ ରହିଛି, ଯିଏ ଯୁକ୍ତି ଦେଇଥିଲେ ଯେ ପୁଞ୍ଜିବାଦୀ ବ୍ୟବସ୍ଥା ଶ୍ରମିକମାନଙ୍କ ଅପେକ୍ଷା ପୁଞ୍ଜିର ମାଲିକମାନଙ୍କୁ ସମର୍ଥନ କରେ।

ନୂତନ ଆନ୍ତର୍ଜାତିକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ କାର୍ଯ୍ୟସ୍ଥଳରେ ମାନସିକ ସାମାଜିକ ବିପଦ, ଖରାପ କାର୍ଯ୍ୟ ଡିଜାଇନ୍ (ଯଥା, ଅଧିକ କାର୍ଯ୍ୟଭାର, କମ୍ ନିୟନ୍ତ୍ରଣ, ଚାକିରି ଅସୁରକ୍ଷା, ଉତ୍ପୀଡ଼ନ)ରୁ ସୃଷ୍ଟି ହୁଏ, ଯାହା ଯୋଗୁଁ ବାର୍ଷିକ ୮୪୦,୦୦୦ରୁ ଅଧିକ ମୃତ୍ୟୁ ଘଟେ। ଏହା ଗୁରୁତର ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ହୃଦ୍‌ରୋଗ ଏବଂ ମସ୍କୁଲୋସ୍କେଲିକାଲ ବ୍ୟାଧିର କାରଣ ହୁଏ, ଯାହା ଫଳରେ ଉଚ୍ଚ ଅନୁପସ୍ଥିତି ଏବଂ ପରିବର୍ତ୍ତନ ଘଟେ। ବିଶ୍ୱ ସ୍ତରରେ ୨୩ ପ୍ରତିଶତ ଶ୍ରମିକ କାର୍ଯ୍ୟସ୍ଥଳରେ ହିଂସା କିମ୍ବା ଉତ୍ପୀଡ଼ନର ସମ୍ମୁଖୀନ ହୋଇଛନ୍ତି, ଯେତେବେଳେ କି ବିଶ୍ୱ ସ୍ତରରେ ୩୫ ପ୍ରତିଶତ ଶ୍ରମିକ ପ୍ରତି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ ସମୟ କାମ କରନ୍ତି।

ପ୍ରଭାବଶାଳୀ ପରିଚାଳନାରେ ବିପଦ ଚିହ୍ନଟ କରିବା ଏବଂ ଶ୍ରମିକଙ୍କ କ୍ଷତିକୁ ରୋକିବା ପାଇଁ ସଂଗଠନ ସଂସ୍କୃତିକୁ ଉନ୍ନତ କରିବା ଅନ୍ତର୍ଭୁକ୍ତ। ଏହି ମାନସିକ ବିପଦ କାରକଗୁଡ଼ିକ ପ୍ରତି ବର୍ଷ ପ୍ରାୟ ୪୫ ନିୟୁତ ଅକ୍ଷମତା ସମ୍ବଳିତ ଜୀବନ ବର୍ଷ ହରାଇବା ଏବଂ ବିଶ୍ୱ ଜିଡିପିର ୧.୩୭ ପ୍ରତିଶତ ସହିତ ସମାନ ବାର୍ଷିକ କ୍ଷତି ପାଇଁ ମଧ ଦାୟୀ। ଭାରତରେ ବଢୁଥିବା ଅସମାନତା, ବେକାରୀ ଏବଂ ଶ୍ରମ ଆଇନ ସଂସ୍କାର ଉପରେ ଚିନ୍ତା ମଧ୍ୟରେ ଏହି ସ୍ଲୋଗାନ ନୂତନ ପ୍ରାସଙ୍ଗିକତା ହାସଲ କରିଛି। ପ୍ରଗତି ସତ୍ତ୍ୱେ ଭାରତୀୟ ଶ୍ରମିକମାନେ ଗମ୍ଭୀର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି: କମ ଚାକିରି ସୁରକ୍ଷା ସହିତ ଏକ ବୃହତ ଅନୌପଚାରିକ କ୍ଷେତ୍ରର କାର୍ଯ୍ୟ କରିବାର ଅସୁରକ୍ଷା ଭାବନା। କମ୍ ମଜୁରୀ , ଅନିୟମିତ ନିଯୁକ୍ତି, ସ୍ୱାସ୍ଥ୍ୟ ସେବାର ଅଭାବ। ମଜୁରୀ ଏବଂ ସୁଯୋଗରେ ଲିଙ୍ଗଗତ ଅସମାନତା। ଗିଗ୍ ଏବଂ ଡିଜିଟାଲ୍ ଅର୍ଥନୀତିରେ ଉଦୀୟମାନ ଚିନ୍ତା।




ଶ୍ରମିକ, ଚାଷୀ ଏବଂ ଛାତ୍ରମାନେ କ୍ରମାଗତ ଭାବରେ ସାମୂହିକ କାର୍ଯ୍ୟରେ ଏକାଠି ହୋଇଛନ୍ତି, ୨୦୨୦-୨୧ କୃଷକଙ୍କ ପ୍ରତିବାଦ ସମୟରେ ଦେଖା ଯାଇଥିବା ସମାନ ଆନ୍ଦୋଳନକୁ ପ୍ରତିଫଳିତ କରିଛନ୍ତି। ଟ୍ରେଡ୍ ୟୁନିଅନଗୁଡ଼ିକ ନୂତନ ଶ୍ରମ କୋଡ୍ ଅନୁଯାୟୀ ଶ୍ରମ ସୁରକ୍ଷାକୁ ହ୍ରାସ କରିବା ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି, ସେଗୁଡ଼ିକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ଏବଂ ଶ୍ରମିକମାନଙ୍କ ପାଇଁ ଦୃଢ଼ ସୁରକ୍ଷା ପାଇଁ ଆହ୍ୱାନ କରିଛନ୍ତି।

ଫାଉଣ୍ଡେସନ୍ ଫର୍ ଇକୋନୋମିକ୍ ଡେଭଲପମେଣ୍ଟର ଏକ ରିପୋର୍ଟ ଅନୁଯାୟୀ, ଭାରତର ସର୍ବନିମ୍ନ ମଜୁରୀ ଗଠନ ଅଧିକାଂଶ ଶ୍ରମିକଙ୍କୁ ଆନୁଷ୍ଠାନିକ ନିଯୁକ୍ତିରୁ ବାଦ୍ ଦେଇପାରେ, ଯେଉଁଠାରେ ୬୪ ପ୍ରତିଶତ ଶ୍ରମିକ ଆଇନଗତ ମଜୁରୀ ସ୍ତର ତଳେ ରୋଜଗାର କରନ୍ତି। ସର୍ବନିମ୍ନ ମଜୁରୀ ସବୁଠାରୁ ଦୁର୍ବଳ ଶ୍ରମିକଙ୍କୁ କ୍ଷତି ପହଞ୍ଚାଇଥାଏ ଶୀର୍ଷକ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ସର୍ବନିମ୍ନ ମଜୁରୀ ମୁଣ୍ଡପିଛା ଜିଡିପିର ୭୭ ପ୍ରତିଶତ ହୋଇଥିଲା ବେଳେ ପ୍ରମୁଖ ରପ୍ତାନି ପ୍ରତିଯୋଗୀ ଅର୍ଥନୀତିର ପ୍ରାୟ ୫୦ ପ୍ରତିଶତ। କୌଣସି ଚୁକ୍ତିନାମା, କୌଣସି ପିଏଫ୍, କୌଣସି ଆଇନଗତ ସୁରକ୍ଷା ନଥିବା ଭାରତୀୟ ଶ୍ରମିକଙ୍କ ଅଂଶ ଭିଏତନାମ, ଥାଇଲ୍ୟାଣ୍ଡ, ବାଂଲାଦେଶ କିମ୍ବା ମେକ୍ସିକୋ ଅପେକ୍ଷା ଅଧିକ। ୮୮ ପ୍ରତିଶତ କର୍ମଶକ୍ତି ଅନୌପଚାରିକ। ଶ୍ରମ ଉପରେ ପର୍ଯ୍ୟବସିତ କ୍ଷେତ୍ର ପୁଞ୍ଜି ପର୍ଯ୍ୟବସିତ ଅଭିବୃଦ୍ଧି ପଛରେ ରହିଛି। ଯାହା ହତାଶାଜନକ, ତାହା ହେଉଛି କେବଳ ଚାକିରି ଗୁଣବତ୍ତା କେବଳ ଦୁର୍ବଳ ନୁହେଁ, ମହିଳାମାନଙ୍କର କାମ ପ୍ରାୟତଃ ଅବେତନପ୍ରାପ୍ତ ରହିଛି। ୨୪୭ କାର୍ଯ୍ୟ ସଂସ୍କୃତିର ଚାପ ଜ୍ୱଳନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏବେ ଗମ୍ଭୀର ମାନବିକ ମୂଲ୍ୟ ବହନ କରନ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତରେ କର୍ମଚାରୀମାନେ, ବିଶେଷକରି ଆଇଟି ଭଳି ଉଚ୍ଚ-ଚାପ କ୍ଷେତ୍ରଗୁଡ଼ିକରେ, ଦୀର୍ଘ ସମୟ ଧରି ଅତ୍ୟଧିକ କାର୍ଯ୍ୟ, ଅବାସ୍ତବ ଲକ୍ଷ୍ୟ ଏବଂ ନିରନ୍ତର ଡିଜିଟାଲ୍ ନିରୀକ୍ଷଣ ପରେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିବାର ଘଟଣା ଦେଖାଯାଇଛି। ଶ୍ରମିକ ଶ୍ରେଣୀର ଦୃଢ଼ ବିରୋଧ ସତ୍ତ୍ୱେ କାର୍ଯ୍ୟକାରୀ ହୋଇଥିବା ନୂତନ ଶ୍ରମ ସଂହିତା ନିଯୁକ୍ତି ଏବଂ ବହିଷ୍କାରକୁ ସହଜ କରିବା ଏବଂ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାର ଅଧିକାରକୁ ସୀମିତ କରିବ ଏବଂ ଏହାଦ୍ୱାରା ସେମାନଙ୍କୁ ଦାସ କରିବ।

ଶ୍ରମ କ୍ଷେତ୍ରରେ, ଆନ୍ତର୍ଜାତିକ ଶ୍ରମ ସଂଗଠନ ଏବଂ ପିରିୟଡିକ୍ ଶ୍ରମ ବଳ ସର୍ଭେର ତଥ୍ୟ ଦର୍ଶାଉଛି ଯେ ଭାରତର ପ୍ରାୟ ୮୫-୯୦% କାର୍ଯ୍ୟଶକ୍ତି ଅସଙ୍ଗଠ କ୍ଷେତ୍ରରେ ଅଛନ୍ତି। ଏହି ଶ୍ରମିକମାନଙ୍କ ପାଖରେ ଲିଖିତ ଚୁକ୍ତିନାମା, ଦରମାପ୍ରାପ୍ତ ଛୁଟି, ସ୍ୱାସ୍ଥ୍ୟ ବୀମା କିମ୍ବା ଅବସର ଲାଭର ଅଭାବ ଅଛି। ନିୟମିତ ବେତନଭୋଗୀ କର୍ମଚାରୀଙ୍କ ମଧ୍ୟରେ ମଧ, ଏକ ଗୁରୁତ୍ୱପୂର୍ଣ୍ଣ ଅଂଶର ଆନୁଷ୍ଠାନିକ ଚାକିରି ସୁରକ୍ଷା କିମ୍ବା ସାମାଜିକ ସୁରକ୍ଷା ନାହିଁ। ଅନେକ ବର୍ଗର ଶ୍ରମିକଙ୍କ ପାଇଁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ବାସ୍ତବ ମଜୁରୀ ବୃଦ୍ଧି ମନ୍ଥର ରହିଛି। ବିଶେଷକରି ଉତ୍ପାଦନକୁ ରୋଜଗାର ସହିତ ତୁଳନା କଲେ ମଜୁରୀ ଅସମାନତାର ପ୍ରସଙ୍ଗ ସ୍ପଷ୍ଟ ହୋଇଯାଏ। କର୍ପୋରେଟ୍ ଲାଭ - ବିଶେଷକରି ଅର୍ଥ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ଭଳି କ୍ଷେତ୍ରଗୁଡ଼ିକରେ - ତୀବ୍ର ବୃଦ୍ଧି ପାଇଛି, କିନ୍ତୁ ଜିଡିପି ର ଅଂଶ ଭାବରେ ମଜୁରୀ ତାଳ ଦେଇ ବୃଦ୍ଧି ପାଇନାହିଁ। ଏହା ସୂଚିତ କରେ ଯେ ଆର୍ଥିକ ଲାଭର ଏକ ବଡ଼ ଅଂଶ ଶ୍ରମ ବଦଳରେ ପୁଞ୍ଜି ଦ୍ୱାରା କବଜା କରାଯାଉଛି।ଏହି ତଥ୍ୟଗୁଡ଼ିକ ସାମୂହିକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତାକୁ ରେଖାଙ୍କିତ କରେ: ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଗଠନ କରୁଥିବା ଶ୍ରମିକମାନେ, ସେମାନେ ସୃଷ୍ଟି କରିବାରେ ସାହାଯ୍ୟ କରୁଥିବା ସମ୍ପତ୍ତିର ସମାନୁପାତିକ ଅଂଶ ପାଉନାହାଁନ୍ତି। ବରଂ, ଆର୍ଥିକ ଲାଭ କ୍ରମଶଃ ଏକ କ୍ଷୁଦ୍ର ଉଚ୍ଚବର୍ଗଙ୍କ ମଧ୍ୟରେ କେନ୍ଦ୍ରିତ ହେଉଛି। କର୍ପୋରେଟଗୁଡ଼ିକୁ କର୍ପୋରେଟ ଟିକସ ହ୍ରାସ, ଋଣ ରାଇଟ ଅଫ୍, ଟିକସ ଛାଡ଼ର ସୁବିଧା ଦିଆଯାଉଥିବା ବେଳେ, ପେଟ୍ରୋଲିୟମ ଉତ୍ପାଦ ଉପରେ ଅତ୍ୟଧିକ ଉତ୍ପାଦ ଟିକସ ଓ ଜିଏଷ୍ଟି ଆଦି ପରୋକ୍ଷ କରଦ୍ୱାରା ଶ୍ରମିକମାନେ ଗରିବ ହୋଇପଡୁଛନ୍ତି। ମହାମାରୀ ପରଠାରୁ ଭାରତରେ କର୍ପୋରେଟ ଲାଭ ପ୍ରାୟ ତିନିଗୁଣ ଅର୍ଥାତ୍ ୨୦୨୪-୨୫ ରେ ୭.୧ ଲକ୍ଷ କୋଟିରେ ପହଞ୍ଚିଛି ଏବଂ ଲାଭ-ଜିଡିପି ଅନୁପାତ ୧୭ ବର୍ଷର ସର୍ବୋଚ୍ଚ ୪.୭ ପ୍ରତିଶତରେ ପହଞ୍ଚିଛି। ଶ୍ରମିକ ପ୍ରକୃତ ମଜୁରୀ ନପାଇବା ଏବଂ ଛଟେଇର ଶିକାର ହେଉଥିବା ବେଳେ, କର୍ପୋରେଟଗୁଡ଼ିକ ସମ୍ପଦ ଠୁଳ କରିବାରେ ବ୍ୟସ୍ତ ରୁହନ୍ତି।

ଏହି ବ୍ୟବସ୍ଥାକୁ ପୁନଃସନ୍ତୁଳନ କରିବା ପାଇଁ ପ୍ରମାଣ-ଭିତ୍ତିକ ନୀତିଗତ ବିକଳ୍ପ ଆବଶ୍ୟକ । ଶ୍ରମ ଅଧିକାରକୁ ସୁଦୃଢ଼ କରିବା, ଜୀବନଯାପନ ମଜୁରୀ ସୁନିଶ୍ଚିତ କରିବା, ସାମାଜିକ ସୁରକ୍ଷାକୁ ବିସ୍ତାର କରିବା ଏବଂ ଅଧିକ ପ୍ରଗତିଶୀଳ କର କାର୍ଯ୍ୟକାରୀ କରିବା। ଏପରି ପଦକ୍ଷେପ ବିନା, ଶ୍ରମିକ ଏବଂ ଆରବପତିଙ୍କ ମଧ୍ୟରେ ପାର୍ଥକ୍ୟ ବୃଦ୍ଧି ପାଇବ, ଯାହା ଆର୍ଥିକ ସ୍ଥିରତା ଏବଂ ଗଣତାନ୍ତ୍ରିକ ସମାନତାକୁ ହ୍ରାସ କରିବ।

ସ୍ତମ୍ଭକାର, ମୋ: ୯୪୩୭୨୦୮୭୬୨

# ଓପେକ୍‌ରେ ଫାଟ

ଏମିତି ଏକ ସମୟ, ଯେତେବେଳେ କି ଇରାନ୍ ଯୁଦ୍ଧର ପ୍ରଭାବ ପଶ୍ଚିମ ଏସିଆ ବାହାରେ ବହୁ ଦୂର ଦୂରାନ୍ତ ପର୍ଯ୍ୟନ୍ତ ଅନୁଭୂତ ହେଉଛି, ଠିକ୍ ସେତିକି ବେଳେ ଆଉ ଏକ ଆଘାତ ଲାଗିଛି ସବୁ ଦେଶଙ୍କୁ- ଉପରୋକ୍ତ ଅଞ୍ଚଳ ଭିତରେ ଭୂରାଜନୀତିକ ଝଟ୍‌କାଗୁଡ଼ିକ ଆରବ ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଥିବା ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ବଡ଼ ଫାଟଟିଏ ସୃଷ୍ଟି କରିଛି ଏବଂ ଏହି ସମ୍ପର୍କ ଭାଙ୍ଗି ଯାଇଛି। ମଙ୍ଗଳବାର ଦିନ ସଂଯୁକ୍ତ ଆରବ ଏମିରେଟ୍ (ୟୁଏଇ) ପେଟ୍ରୋଲିୟମ୍ ରପ୍ତାନୀକାରୀ ଦେଶମାନଙ୍କ ସଂଗଠନ (ଓପିଇସି- ଓପେକ୍)ରୁ ଏହାର ପ୍ରସ୍ଥାନ ଘୋଷଣା କରିଛି, ସମ୍ଭବତଃ ବିଶ୍ୱର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଅର୍ଥନୀତିକ ସଂଘ, ଯାହା ବିଶ୍ୱର ମୋଟ ଅଶୋଧିତ ତୈଳର ହାରାହାରି ଏକ ତୃତୀୟାଂଶ ଉତ୍ପାଦନ କରିବା ସହିତ ଅଧା ତୈଳ ରପ୍ତାନୀ କରିଥାଏ। ଏହା ବୈଶ୍ୱିକ ତୈଳ ଯୋଗାଣ କ୍ଷେତ୍ରରେ ଏକ ମୋଡ଼ କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ୧୯୬୦ ଦଶକରେ ଓପିଇସି ସଂଘର ଗଠନ ତୈଳ ଯୋଗାଣ ଏବଂ ଚାହିଦାର ମୌଳିକ ଚିନ୍ତାଧାରାକୁ ଏବଂ ଏପରିକି ବୈଶ୍ୱିକ ଅର୍ଥନୀତିକୁ ମଧ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା, ଯେହେତୁ ଉପସାଗରୀୟ ଦେଶମାନେ ପେଟ୍ରୋଡଲାର ବଳରେ ଉଲ୍ଲେଖନୀୟ ଭାବରେ ବୃଦ୍ଧିଲାଭ କରିଥିଲେ। ଇରାନ୍ ଏହା ସହିତ ଯୁଦ୍ଧ କରୁଥିବା ଆମେରିକା ଏବଂ ଇସ୍ରାଏଲ ବିରୁଦ୍ଧରେ ନିଜର ପ୍ରତିଆକ୍ରମଣ କରିବା ବେଳେ ୟୁଏଇ ଏହାର ଅଧିକାଂଶ ପ୍ରତିଆକ୍ରମଣର ଗ୍ରହଣକାରୀ ସୀମାରେ ରହି ଏହା ପ୍ରତି ଲକ୍ଷ୍ୟବିଦ୍ଧ କରାଯାଇଥିବା ୨,୨୦୦ରୁ ଅଧିକ ଡ୍ରୋନ୍ ଏବଂ ମିସାଇଲ ଆକ୍ରମଣକୁ ସହ୍ୟ କରିଛି। ଏହା ବାଦ୍ ମଧ ସାଉଦି ଆରବଠାରୁ ଦୂରେଇ ଯିବା ନିମନ୍ତେ ଏହା ନିକଟରେ ଅନେକଗୁଡ଼ିଏ କାରଣ ରହିଛି। ତେବେ ଓପେକ୍‌କୁ ପରିତ୍ୟାଗ କରିବା ନିମନ୍ତେ ଏହାର ସାମ୍ପ୍ରତିକ ନିଷ୍ପତ୍ତି ବିଶ୍ୱ ତୈଳ ଦର ଉପରେ ତୁରନ୍ତ ସେପରି କିଛି ଶୀତଳକାରୀ ପ୍ରଭାବ ପକାଇବାର ସମ୍ଭାବନା ନାହିଁ, କାରଣ ଏହା ବର୍ତ୍ତମାନ ହର୍ମୁଜ୍ ପ୍ରଣାଳୀର ବାଧାବିଘ୍ନପୂର୍ଣ୍ଣ ଅବସ୍ଥା ଉପରେ ନିର୍ଭରଶୀଳ ରହିଛି, ଯେହେତୁ ଏହି ଚୋକ୍ ପଏଣ୍ଟଟି ବାସ୍ତବ ଦୃଷ୍ଟିରୁ ଦେଖିବାକୁ ଗଲେ ଇରାନ୍‌ର କାର୍ଯ୍ୟାନୁଷ୍ଠାନ ତଥା ଇରାନ୍‌ର ବନ୍ଦରଗୁଡ଼ିକର ଆମେରିକା ଦ୍ୱାରା ଘେରାବନ୍ଦୀ ଯୋଗୁଁ ବନ୍ଦ ରହିଛି।

ଦୀର୍ଘକାଳୀନ ଭିତ୍ତିରେ ତୈଳ ଉତ୍ପାଦନ କରିବା ଏବଂ ବାହାର ଦେଶମାନଙ୍କୁ ଯୋଗାଇବା ପାଇଁ ଓପେକ୍‌ର ଆଦେଶ ଓ ନିର୍ଦ୍ଦେଶକୁ ମାନିବା ନିମନ୍ତେ ବାଧ ହେବାକୁ ଯାଉ ନଥିବା ଏବଂ ନିଜ ଇଚ୍ଛାରେ ନିଜେ ତୈଳ ଉତ୍ପାଦନ ଓ ରପ୍ତାନୀ କରିବାକୁ ୟୁଏଇର ନିଷ୍ପତ୍ତି ଖାଉଟିମାନଙ୍କ ପାଇଁ ହିତକାରକ ସାବ୍ୟସ୍ତ ହେବ, କାରଣ ଏହା ବୈଶ୍ୱିକ ତୈଳ ଦରକୁ ହ୍ରାସ କରିବ। ଏହାଦ୍ୱାରା ଆମେରିକା ମଧ ଉପକୃତ ହେବ, ଯେହେତୁ ଏହା ନିଜର ଭଣ୍ଡାରକୁ ପୂର୍ଣ୍ଣ କରିବା ନିମନ୍ତେ ଉପସାଗରୀୟ ତୈଳ ମଧ ଆମଦାନୀ କରିଥାଏ, କାରଣ ଏହା ଅଧିକତଃ ହାଲ୍‌କା ଧରଣର ହୋଇଥାଏ, ଯାହା କି ପେଟ୍ରୋଲ ପାଇଁ ଭଲ ହୋଇଥାଏ, କିନ୍ତୁ ଡିଜେଲ ଭଳି ଓଜନଦାର ଜାଳେଣିଗୁଡ଼ିକ ପାଇଁ ନୁହେଁ, ଯେଉଁଥିରେ ଅଧିକ ଶକ୍ତି ଥାଏ। ସାଉଦି ରାଜ ପରିବାର ସହିତ ୟୁଏଇର ସମ୍ପର୍କ ସେବେଠାରୁ ଚାପଗ୍ରସ୍ତ ରହି ଆସିଥିଲା, ଯେବେଠାରୁ ୟେମେନ୍ ଗୃହଯୁଦ୍ଧରେ ଏହି ରାଷ୍ଟ୍ର ଶତ୍ରୁ ଗୋଷ୍ଠୀମାନଙ୍କୁ ସମର୍ଥନ ଦେବା ଆରମ୍ଭ କଲା। ଆହୁରି ମଧ ପାକିସ୍ତାନ ସହିତ ପ୍ରତିରକ୍ଷା ଚୁକ୍ତି ଏବଂ ଇରାନ୍ ଯୁଦ୍ଧରେ ମଧ୍ୟସ୍ଥି ଭାବରେ ଇସଲାମାବାଦର ପ୍ରଶ୍ନ ଉଠିବା ଭଳି ଭୂମିକା, ଯେଉଁଥିରେ ଏହା ଆରବ ରାଷ୍ଟ୍ରମାନଙ୍କ ବିରୁଦ୍ଧରେ ଇରାନ୍‌ର ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନକୁ ଅତି କୋମଳ ଦୃଷ୍ଟିରେ ଦେଖୁଥିବା ପରିଲକ୍ଷିତ ହୋଇଥିଲା, ତା' ଉପରେ ଏମିରେଟ୍‌ଗୁଡ଼ିକରେ କ୍ରୋଧ ପ୍ରକାଶ କରାଯାଇଥିଲା। ଇସ୍ରାଏଲର ଆଗ୍ରହ କ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଆରମ୍ଭ କରିଥିବା ଇରାନ୍ ଯୁଦ୍ଧ ଏତେ ଭୟାବହ ହୋଇଛି ଯେ ସମଗ୍ର ବିଶ୍ୱ ଏଥିପାଇଁ ମୂଲ୍ୟ ଦେଇ ଚାଲିଛି, ବସ୍ତୁତଃ ଏହାର ତୈଳ ତଥା ହର୍ମୁଜ୍ ପ୍ରଣାଳୀକୁ ଆପାତତଃ ବନ୍ଦ କରି ଦିଆଯିବା ଯୋଗୁଁ କଷ୍ଟ ଭୋଗି ଚାଲିଛି। ଯୁଦ୍ଧର ଏକ ସର୍ବାଧିକ ଅବାଞ୍ଛିତ ପରିଣତି ହେଉଛି, ଅନ୍ୟାନ୍ୟ ଏମିରେଟ୍‌ମାନଙ୍କ ମଧ୍ୟରେ ସବୁଠୁ ଅଧିକ ତୈଳ-ସମୃଦ୍ଧ ଆବୁ ଧାବି ଏବଂ ରିୟାଦ୍ ମଧ୍ୟରେ ସମ୍ପର୍କରେ ସୃଷ୍ଟି ହୋଇଥିବା ଫାଟ, ଯେଉଁମାନେ କି ଦଶନ୍ଧି ଦଶନ୍ଧି ଧରି ବସ୍ତୁତଃ ଉତ୍ପାଦନ ହ୍ରାସକୁ କାମରେ ଲଗାଇ ତୈଳର ଦର ନିର୍ଦ୍ଧାରଣ କରି ଆସୁଥିଲେ।

ଆମେରିକା-ଇରାନ୍ ଯୁଦ୍ଧରେ ଅସ୍ତ୍ରବିରତି ଲାଗୁ ହେବା ପୂର୍ବରୁ ୟୁଏଇ ଏବଂ ସାଉଦି ଆରବ ଆକ୍ରମଣକୁ ଅଧିକ ଶାଣିତ କରିବା ସହିତ ଇରାନ୍‌କୁ ପରାସ୍ତ କରିବାକୁ ଆମେରିକାକୁ ଉସୁକାଇ ଆସୁଥିଲେ, କିନ୍ତୁ ତାହା ସେମାନେ ଉପସାଗରୀୟ ସହଯୋଗ ପରିଷଦକୁ (ଜିସିସି) ବା ସର୍ବସମ୍ମୁଖରେ ଖୋଲାଖୋଲି କହିବାକୁ ସାହସ କରୁ ନଥିଲେ, କାରଣ ସେମାନେ ଚାହୁଁ ନଥିଲେ ଇସଲାମୀୟ ସମ୍ବେଦନଶୀଳତା ପ୍ରତି ଆଘାତ ପହଞ୍ଚାଇବାକୁ। ସାମ୍ପ୍ରତିକ ସଂଘର୍ଷଗତ ସ୍ଥିରତା ହୁଏତ ଏହି ଅଞ୍ଚଳ ପାଇଁ ଅନୁକୂଳ ହୋଇ ନପାରେ, କିନ୍ତୁ ତଥ୍ୟ ହେଉଛି, ୟୁଏଇ, ଯାହା ଦୀର୍ଘ ଦିନ ଧରି ଆମେରିକା ଏବଂ ଭାରତ ସହିତ ସମ୍ପର୍କକୁ ଅଧିକରୁ ଅଧିକ ନିବିଡ଼ କରିବା ଉପରେ ଗୁରୁତ୍ୱ ଦେଇ ଆସୁଛି, ତାହା ବର୍ତ୍ତମାନ ସ୍ୱାଧୀନ ଭାବରେ କାମ କରିବା ନିମନ୍ତେ ସକ୍ଷମ ହେବାକୁ ଏକ ସୁଯୋଗକୁ ହାତେଇ ନେଇଛି। ତେବେ ଯେତେ ଶୀଘ୍ର ଯୁଦ୍ଧରେ ଏକ ସ୍ଥାୟୀ ବନ୍ଦୋବସ୍ତ ହୋଇଯିବ, ଏହା ସେତେ ଶୀଘ୍ର ଏହାର ତୈଳକୂପଗୁଡ଼ିକରୁ ତୈଳ ଉତ୍ତୋଳନ କରିବ ଏବଂ ରପ୍ତାନୀ କରିବ। ୧୯୬୦ ଦଶକର ମଧ୍ୟଭାଗରୁ ବଳବତ୍ତର ରହିଥିବା ତୈଳ ଉତ୍ପାଦକମାନଙ୍କ ଏକତାରେ ସଦ୍ୟତମ ଭୂରାଜନୀତିକ ମୋଡ଼ ବିପଦଗ୍ରସ୍ତ ହୋଇଛି; ବର୍ତ୍ତମାନ ସମଗ୍ର ବିଶ୍ୱ ଯେପରି ଢଙ୍ଗରେ ତୈଳ ଖର୍ଚ୍ଚ କରୁଛି, ବିଶେଷକରି ଉପସାଗରୀୟ ଅଞ୍ଚଳରୁ, ସେଥିରେ ଏକ ସ୍ଥାୟୀ ପରିବର୍ତ୍ତନ ଆଣିବା ନିମନ୍ତେ ଯୁଦ୍ଧର ହୁଏତ ଅବଦାନଟିଏ ରହିପାରେ। ସମ୍ପ୍ରତି ଯେହେତୁ ସଂକୀର୍ଣ୍ଣ ଜଳପଥଗୁଡ଼ିକର ବିପଦସବୁର ସମ୍ଭାବନା ସ୍ପଷ୍ଟ ହେବାରେ ଲାଗିଛି, ତେଣୁ ଆଗାମୀ ଦିନମାନଙ୍କରେ ଅଧିକ ବଜାର ସ୍ଥାନାନ୍ତରଣଗୁଡ଼ିକ ଘଟିବାର ସମ୍ଭାବନା ରହିଛି। କିନ୍ତୁ ପ୍ରଥମେ ସମଗ୍ର ବିଶ୍ୱ ଶାନ୍ତିର ରାଜୁତି ଦେଖିବାକୁ ଚାହିଁବ, କିନ୍ତୁ ୟୁଏଇ ଏହାକୁ ଅଧିକ ପରିମାଣରେ ଦେଖିବାକୁ ଚାହିଁବ, ଏଇଥିପାଇଁ ଯେ ଏହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ଅପେକ୍ଷା ଏହା ଅଧିକ ଯନ୍ତ୍ରଣା ସହି ଆସିଛି।

# ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଭୀମ ଭୋଇଙ୍କ ଦାନ


ଉଦ୍ଧବ ଚରଣ ନାୟକ

ଭୀମ ଭୋଇ (୧୮୪୬-୧୮୯୫) ହେଉଛନ୍ତି ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି। ଭୀମ ଭୋଇ ଏକାଧାରାରେ ଥିଲେ କବି-ପଣ୍ଡିତ, ଧର୍ମ ପ୍ରଚାରକ, ସମାଜ ସଂସ୍କାରକ ଓ ବିପ୍ଲବୀ। ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ। ବାର ବର୍ଷ ବୟସରୁ ସେ ହୋଇଥିଲେ କବି। ଏହି ସମୟରେ ସେ ଗୋରୁ ଚରାଉ ଥିବା କାଳରେ ରାଧାକୃଷ୍ଣ ଲୀଳାକୁ ସୁନ୍ଦର ସାବଲୀଳ ଭାଷାରେ ବଉଳ, ଜାଇଫୁଲ, ରସରକେଳି ଓ ଡାଲଖାଇ ବୃତ୍ତରେ ଲୋକଗୀତମାନ ରଚନା କରି ମନକୁ ମନ ବୋଲୁଥିଲେ।


ଜୟନ୍ତୀ ଉପଲକ୍ଷେ

ସେ ଷୋହଳ ବର୍ଷ ବୟସରେ, ଅର୍ଥାତ୍ ୧୮୬୨ ମସିହାରେ ଗାଈ ଚରାଉ ଥିବା ସମୟରେ କୂଅରେ ପଡ଼ି ଯାଇଥିଲେ। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ମହିମା ଗୋସେଇଁ ସେହି ପଥ ଦେଇ ଅତିକ୍ରମ କରୁଥିବା ସମୟରେ ଭୀମଙ୍କୁ କୂଅରୁ ଉଦ୍ଧାର କରି ଦିବ୍ୟଜ୍ଞାନ ପ୍ରଦାନ କରିଥିଲେ, କାରଣ ଭୀମ ଥିଲେ ନିରକ୍ଷର। ଏହାର କିଛିଦିନ ପରେ ମହିମା ଗୋସେଇଁ ତାଙ୍କର ପ୍ରଥମ ପ୍ରିୟ ଶିଷ୍ୟ ଗୋବିନ୍ଦ ବାବାଙ୍କୁ ସାଙ୍ଗରେ ଧରି କାଙ୍କଣପଡ଼ାର ଭୀମ ଭୋଇଙ୍କ ବାସସ୍ଥାନକୁ ଯାଇ ମହିମା ଧର୍ମରେ ଦୀକ୍ଷିତ କରି ମହିମା ଧର୍ମ ସଂପର୍କରେ ଗୀତ ରଚନା କରିବା ନିମନ୍ତେ 'ଆଜ୍ଞା' ବା ଆଦେଶ ଦେଇଥିଲେ। ଫଳରେ ଭୀମ ଭୋଇ ମହିମା ଧର୍ମ ଉପରେ ରାଶି ରାଶି ଭଜନ, ଜଣାଣ, ଚଉତିଶା, ପ୍ରାର୍ଥନା ଓ ଚଉପଦୀ ଆଦି ରଚନା କରିବାରେ ସକ୍ଷମ ହୋଇଥିଲେ।

୧୮୭୬ ମସିହାରେ ଗୁରୁ ମହିମା ଗୋସେଇଁଙ୍କର ମହାପ୍ରୟାଣ ଢେଙ୍କାନାଳର ଯୋରନ୍ଦାଠାରେ ଘଟିଥିଲା। ଭୀମ ଭୋଇ ମହିମା ଧର୍ମର ନୀତି ନିୟମ, ଆଦର୍ଶକୁ ସରଳ ଭାଷାରେ ପ୍ରାଞ୍ଜଳ ଭାବରେ ଲୋକମାନଙ୍କୁ ବୁଝାଇବାରେ ଲାଗିଲେ। ତାଙ୍କର ଅନୁଗାମୀମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା। ମହିମା ଧର୍ମର ମୂଳ ନୀତି ପ୍ରତିମା ପୂଜା ଓ ଜାତିଭେଦ ନିନ୍ଦନୀୟ ବୋଲି ପ୍ରଚାର କଲେ। 'ଅଲେଖ ପରଂବ୍ରହ୍ମ' ଏକମାତ୍ର ଉପାସ୍ୟ ବୋଲି ଲୋକଙ୍କୁ ଦୃଢ଼ ଚିତ୍ତରେ ବୁଝାଇଲେ। ଏହି ଏକେଶ୍ୱର ଅଲେଖ ପରଂବ୍ରହ୍ମ ହିଁ ଏକମାତ୍ର ଉପାସ୍ୟ ବୋଲି ଘୋଷଣା କଲେ। ଏହାଙ୍କର ଉପାସନା କରିବା ନିମନ୍ତେ ସମସ୍ତଙ୍କର ଅଧିକାର ଅଛି ବୋଲି ଦୃଢ଼ କଣ୍ଠରେ ବୟାନ ପ୍ରଦାନ କଲେ। କହିଲେ, 'ଜାତି ଖୋଜିଲେ ମୁକ୍ତି ନାହିଁ, ମୁକ୍ତି ଖୋଜିଲେ ଜାତି ନାହିଁ', ଏକଶୂନ୍ୟ ବ୍ରହ୍ମଙ୍କ ଠାରେ ଶରଣ ପଶିବା ବା ଆତ୍ମସମର୍ପଣ କରିବା ଉଚିତ୍। ଏହାଦ୍ୱାରା ମୁକ୍ତି ପ୍ରାପ୍ତ ହେବ। ଫଳରେ ଲୋକେ ମହିମା ଧର୍ମ ପ୍ରତି ଆକୃଷ୍ଟ ହେଲେ। ମହିମା ଧର୍ମ ହୋଇଗଲା 'ଗଣଧର୍ମ।' ସେହି ଧର୍ମ ମତକୁ ନେଇ ରାଶି ରାଶି ପୁସ୍ତକ ରଚନା କଲେ ଭୀମ ଭୋଇ।

ସର୍ବମୋଟ ୧୩୨ ଖଣ୍ଡ ପୁସ୍ତକ ଭୀମ ଭୋଇ ରଚନା କରିଥିଲେ ମହିମା ଧର୍ମ ସଂପର୍କରେ। ତାଙ୍କର ଜନ୍ମ କଥା ତ କହି ହେଉନାହିଁ, ସେ କିନ୍ତୁ ଆବିର୍ଭୂତ ହୋଇଥିଲେ ୧୮୪୬ ମସିହା ବୈଶାଖ ପୂର୍ଣ୍ଣମୀ ତିଥିରେ ସୋନପୁରର ଜଟାସିଂହା ଗ୍ରାମର ତାଳବଣରେ। ତିରୋଧାନ ତାଙ୍କର ଘଟିଥିଲା ୧୮୯୫ ମସିହା ଶିବ ଚତୁର୍ଦ୍ଦଶୀ ତିଥିରେ ଖଲିଆପାଲିଠାରେ।

ମୋ: ୯୪୩୮୨୯୯୧୭୪

# ବୌଦ୍ଧପୀଠ ରତ୍ନଗିରି: ଏକ ଅଧ୍ୟୟନ କେନ୍ଦ୍ର


ତପନ ବିହାରୀ ଭଞ୍ଜ

ଓଡ଼ିଶା ଭାରତୀୟ ବୌଦ୍ଧ ସଂସ୍କୃତିର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ଓଡ଼ିଶାର ପବିତ୍ର ଭୂମିରେ ବୌଦ୍ଧ ସଂସ୍କୃତିର ହୀରକ୍ ତ୍ରିଭୁଜ-ରତ୍ନଗିରି, ଉଦୟଗିରି ଓ ଲଳିତଗିରି-ମଧ୍ୟରେ ରତ୍ନଗିରି ନିଜସ୍ୱ ଗରିମା ଓ ଗଭୀର ଆଧ୍ୟାତ୍ମିକ ଆକର୍ଷଣ ନେଇ ସ୍ୱତନ୍ତ୍ର ଭାବେ ଉଜ୍ଜ୍ୱଳ। ଏହା କେବଳ ଗୋଟିଏ ପର୍ଯ୍ୟଟନ କେନ୍ଦ୍ର ନୁହେଁ, ଏକ ସଜୀବ ଇତିହାସ-ଯାହାକୁ ନିଜ ଚକ୍ଷୁରେ ଦେଖିଲେ ମାତ୍ର ତାହାର ମହତ୍ତ୍ୱ ଅନୁଭବ କରିହେବ। ଏହି ସ୍ୱର୍ଣ୍ଣ ତ୍ରିଭୁଜରେ ରତ୍ନଗିରି ନିଜର ଆଧ୍ୟାତ୍ମିକ ଗରିମା, ଶିକ୍ଷାତ୍ମକ ପରମ୍ପରା ଓ ସ୍ଥାପତ୍ୟ ମହତ୍ତ୍ୱ ଯୋଗୁଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

ରତ୍ନଗିରି ଅସିଆ ପର୍ବତମାଳାର ପୂର୍ବ ସୀମାନ୍ତରେ ଅବସ୍ଥିତ। ଏହାର ଚାରିପାଖରେ ଥିବା ସବୁଜ ପ୍ରାକୃତିକ ପରିବେଶ ବୌଦ୍ଧ ସାଧନା ଓ ଧ୍ୟାନ ପାଇଁ ଅତ୍ୟନ୍ତ ଅନୁକୂଳ ଥିଲା । ଗବେଷକମାନଙ୍କ ମତାନୁସାରେ, ପ୍ରାଚୀନ ପୁଷ୍ପଗିରି ବୌଦ୍ଧ ବିଶ୍ୱବିଦ୍ୟାଳୟର ଏକ ପ୍ରମୁଖ କେନ୍ଦ୍ର ରତ୍ନଗିରି ହୋଇଥିବା ସମ୍ଭାବନା ଅତ୍ୟନ୍ତ ପ୍ରବଳ। ନାଳନ୍ଦା ଓ ବିକ୍ରମଶୀଳା ସହ ସମକାଳୀନ ଏହି ଶିକ୍ଷାକେନ୍ଦ୍ରରେ ଦର୍ଶନ, ତର୍କଶାସ୍ତ୍ର, ଯୋଗାଚାର ଓ ତନ୍ତ୍ରବିଦ୍ୟାର ଉଚ୍ଚତମ ଶିକ୍ଷା ଦିଆଯାଉଥିଲା।

ଓଡ଼ିଶାର ଯାଜପୁର ଜିଲ୍ଲାର ଚଣ୍ଡିଖୋଲରୁ ପାରାଦ୍ୱୀପ ଜାତୀୟ ରାଜପଥର କୃଷ୍ଣଦାସରପୁର ଛକ ହୋଇ ବହଡ଼ିହ ପାହାଡ଼ ଛୁଇଁ, ଉଦୟଗିରି ଦେଇ ଅତିକ୍ରମ କରିବା ସମୟରେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ମନକୁ ମୋହିତ କରିଥାଏ ଓ ଏହି ଦର୍ଶନୀୟ ସ୍ଥଳୀ ପ୍ରତିବର୍ଷ ଦେଶ-ବିଦେଶର ପର୍ଯ୍ୟଟକ, ବୌଦ୍ଧ ସନ୍ନ୍ୟାସୀ ଓ ଗବେଷକଙ୍କୁ ଆକର୍ଷିତ କରିଥାଏ-ବିଶେଷତଃ ନଭେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ।

ରତ୍ନଗିରିର ପ୍ରାଣ ହେଉଛି ଏଠାରେ ଅବସ୍ଥିତ ଇଟା ନିର୍ମିତ ମହାସ୍ତୂପ ଓ ମହାବିହାର। ପ୍ରାଚୀନ କାଳରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଛାତ୍ର ଓ ଆଚାର୍ଯ୍ୟମାନେ ଖାଦ୍ୟ ଗ୍ରହଣ ପୂର୍ବରୁ ତିନିଥର ସ୍ତୂପ ପ୍ରଦକ୍ଷିଣ କରି ଧୂପ-ଦୀପ ଦାନ କରୁଥିଲେ-ଯାହା ସେତେବେଳର ଆଚାର-ବିଚାରର ଗଭୀରତାକୁ ପ୍ରମାଣ କରେ। ରତ୍ନଗିରିର ଇଟା ନିର୍ମିତ ମହାସ୍ତୂପ, ମହାବିହାର ଓ ଅନ୍ୟାନ୍ୟ ବିହାର ଅବଶେଷଗୁଡ଼ିକ ଏଠାରେ ଥିବା ଉନ୍ନତ ସ୍ଥାପତ୍ୟ ଜ୍ଞାନର ସାକ୍ଷୀ। ମୁଗୁନି ପଥରର ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ବିହାର ଦ୍ୱାର, ବହୁତଳ ବିଶିଷ୍ଟ ଗଠନ ଓ ମଧ୍ୟଭାଗର ପ୍ରାର୍ଥନା ଚଟାଣ ଏହାକୁ ଅନ୍ୟ ବୌଦ୍ଧ ପୀଠମାନଙ୍କୁ ଠାରୁ ଭିନ୍ନ କରେ।ଅବଲୋକିତେଶ୍ୱର, ବଜ୍ରପାଣି, ପଦ୍ମପାଣି, ତାରା, ହେରୁକା ଓ ଭୂମିସ୍ପର୍ଶ ବୁଦ୍ଧଙ୍କ ମୂର୍ତ୍ତିମାନେ ମହାୟାନ ଓ ବଜ୍ରୟାନ ବୌଦ୍ଧ ଧାରାର ସ୍ପଷ୍ଟ ପ୍ରତିଫଳନ। ରତ୍ନଗିରିର ଉଦ୍ଭବ ସମ୍ଭବତଃ ଗୁପ୍ତ ଯୁଗରେ ହୋଇଥିବା ବେଳେ, ପରବର୍ତ୍ତୀ କାଳରେ ପାଳ ବଂଶର ଶାସନକାଳରେ ଏହାର ବିକାଶ ଶିଖରକୁ ପହଞ୍ଚିଥିଲା। ଚୀନ ଭ୍ରମଣକାରୀ ହୁଏନସାଂ ତାଙ୍କ ଭ୍ରମଣବୃତ୍ତାନ୍ତରେ ଓଡ଼ିଶାର ବୌଦ୍ଧ କେନ୍ଦ୍ରଗୁଡ଼ିକ ବିଷୟରେ ଉଲ୍ଲେଖ କରିଥିବା ସତ୍ତ୍ୱେ,ରତ୍ନଗିରିର ସ୍ପଷ୍ଟ ଉଲ୍ଲେଖ ନ ମିଳିଲେ ମଧ ଏହାର ସମ୍ପର୍କ ସେହି ବୃହତ ବୌଦ୍ଧ ପରିପ୍ରେକ୍ଷ୍ୟ ସହ ଯୋଡ଼ିତ ବୋଲି ମନ୍ତବ୍ୟ କରାଯାଏ। ରତ୍ନଗିରିରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ୧୯୫୮-୬୧ ମଧ୍ୟରେ ଖନନକାର୍ଯ୍ୟ କରାଯାଇଥିଲା। ଏହି ଖନନରୁ ଆବିଷ୍କାର ହୋଇଥିବା ମୁଖ୍ୟତଃ ବିଶାଳ ବୌଦ୍ଧ ବିହାର (ମଠ ୧ ଓ ୨) କେନ୍ଦ୍ରୀୟ ମହାସ୍ତୂପ ଓ ଅନେକ କ୍ଷୁଦ୍ର ସ୍ତୂପ, ଅଳଙ୍କାର ସ୍ୱରୂପ ପ୍ରବେଶଦ୍ୱାର, ପ୍ରତିମା ଓ ଶିଳାଲେଖ ବହୁ ସଂଖ୍ୟକ ବୁଦ୍ଧ, ବୋଧିସତ୍ତ୍ୱ ପ୍ରତିମା ଓ ବୋଧିସତ୍ତ୍ୱମାନଙ୍କ ଖଚିତ ଶୀଳ୍ପି ଆଦି ଅତ୍ୟନ୍ତ ଆକର୍ଷଣୀୟ । ଏଥିସହ ଦେବଦେବୀଙ୍କ ମୂର୍ତ୍ତି, ଧ୍ୟାନ ମୁଦ୍ରାରେ ବୁଦ୍ଧଙ୍କ ପ୍ରତିମା ଓ ବୋଧିସତ୍ତ୍ୱମାନଙ୍କ ଆହୁରି ଆକର୍ଷଣୀୟ ଲାଗିଥାଏ। ଆହୁରିମଧ ଏଠାରେ ମିଳିଥିବା ପ୍ରସିଦ୍ଧ ପ୍ରତିମାମାନଙ୍କ ମଧ୍ୟରେ ତାରା, ଅବଲୋକିତେଶ୍ୱର ଓ ବଜ୍ରପାଣିଙ୍କ ମୂର୍ତ୍ତି ଉଲ୍ଲେଖନୀୟ। ଏଠାରେ ମିଳିଥିବା ସ୍ଥାପତ୍ୟ କଳା ବହୁତ୍ ଉନ୍ନତ ଓ ଶୈଳୀଶାଳୀ । ଏହି ତଥ୍ୟମାନ ଦର୍ଶାଏ ଯେ ରତ୍ନଗିରି କେବଳ ଧ୍ୟାନକେନ୍ଦ୍ର ନୁହେଁ, ବରଂ ଏକ ସଂଗଠିତ ବିଶ୍ୱବିଦ୍ୟାଳୟ ମାନଙ୍କ ସମକକ୍ଷ ଶିକ୍ଷାକେନ୍ଦ୍ର ଥିଲା । ରତ୍ନଗିରିରୁ ମିଳିଥିବା କିଛି ମୁଦ୍ରା ଓ ଶିଳାଲେଖରେ ବୌଦ୍ଧ ମନ୍ତ୍ର, ଦାନ ଓ ଧାର୍ମିକ କାର୍ଯ୍ୟର ଉଲ୍ଲେଖ ମିଳିଥାଏ। ଏହି ଶାସନଲିପିଗୁଡ଼ିକ ମୁଖ୍ୟତଃ ସଂସ୍କୃତ ଓ ପ୍ରାକୃତ ଭାଷାରେ ଲିଖିତ ଥିଲା। ଏଥିରେ କିଛି ମୁଦ୍ରାରେ "ଶ୍ରୀ ରତ୍ନଗିରି ମହାବିହାରୀୟ ଆର୍ଯ୍ୟଭିକ୍ଷୁସଂଘସ୍ୟ" ପରି ଶବ୍ଦ ବ୍ୟବହୃତ ହୋଇଥିବାରୁ ଏହାର ସଂଗଠିତ ସଂଘ ବ୍ୟବସ୍ଥା ସ୍ପଷ୍ଟ ହୁଏ। ବଜ୍ରୟାନ ବୌଦ୍ଧଧର୍ମର କେନ୍ଦ୍ର ରତ୍ନଗିରି ବଜ୍ରୟାନ ବୌଦ୍ଧଧର୍ମର ଏକ ଶକ୍ତିଶାଳୀ କେନ୍ଦ୍ର ଭାବେ ପରିଚିତ। ଏହି ପୀଠରେ ଧ୍ୟାନ, ମନ୍ତ୍ରସାଧନା ଓ ଗୁପ୍ତ ତନ୍ତ୍ର ଚର୍ଚ୍ଚା ହେଉଥିବାର ପ୍ରମାଣ ମିଳେ।ରତ୍ନଗିରିର ସ୍ଥାପତ୍ୟ ଶୈଳୀରେ ଗୁପ୍ତ ଓ ପାଳ ଶୈଳୀର ସମନ୍ୱୟ ଦେଖାଯାଏ। ପ୍ରବେଶଦ୍ୱାରରେ ଗଜଲକ୍ଷ୍ମୀ, ଦ୍ୱାରପାଳ ଓ ବୌଦ୍ଧ ଚିତ୍ରାଙ୍କନ ରହିଛି। ମୂର୍ତ୍ତିଗୁଡ଼ିକରେ ମୃଦୁ ମୁଖାକୃତି, ଧ୍ୟାନମଗ୍ନ ଭାବ ଓ ସୂକ୍ଷ୍ମ ଶିଳ୍ପକୌଶଳ ଦେଖାଯାଏ-ଯାହା ପୂର୍ବ ଭାରତୀୟ ବୌଦ୍ଧ କଳାର ଉଚ୍ଚ ସ୍ତରକୁ ପ୍ରତିପାଦନ କରେ। ଆଜିର ଦିନରେ ରତ୍ନଗିରି ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ। ଏଠାରେ ପ୍ରତିବର୍ଷ ଅନେକ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ଆସନ୍ତି। ପୁରାତତ୍ତ୍ୱ ସଂରକ୍ଷଣ ଓ ପର୍ଯ୍ୟଟନ ବିକାଶ ଦ୍ୱାରା ଏହାର ମହତ୍ତ୍ୱ ଆହୁରି ବୃଦ୍ଧି ପାଉଛି।

ଷଷ୍ଠରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ନିର୍ମିତ ଏହି ବିହାର ଓ ମୂର୍ତ୍ତିମାନେ ପ୍ରାଚୀନ ଓଡ଼ିଶାର କଳା, ସାହିତ୍ୟ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅପୂର୍ବ ସମନ୍ୱୟକୁ ପ୍ରତିବିମ୍ବିତ କରନ୍ତି। ଏହା ଥିଲା ଯୋଗାଚାର ଓ କାଳତନ୍ତ୍ର ଶିକ୍ଷାର ଏକ ମହାନ୍ ସାଧନାପୀଠ-ଯେଉଁଠାକୁ ଦେଶ-ବିଦେଶରୁ ଛାତ୍ରଛାତ୍ରୀମାନେ ଆସୁଥିଲେ। ଆଚାର୍ଯ୍ୟ ପିଟୋପା, ଧର୍ମକୀର୍ତ୍ତି ଓ ଗୁରୁ ପଦ୍ମସମ୍ଭବଙ୍କ ସହ ଏହି ପୀଠର ଗାଥା ଜଡ଼ିତ-ଯାହା ରତ୍ନଗିରିକୁ ଆଧ୍ୟାତ୍ମିକ ମହିମାର ଶିଖରରେ ପହଞ୍ଚାଇଛି। ୧୯୦୬ ମସିହାରେ ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଆବିଷ୍କୃତ ଓ ୧୯୫୮-୬୧ ମଧ୍ୟରେ ଡକ୍ଟର ଦେବଲା ମିତ୍ରଙ୍କ ତତ୍ତ୍ୱାବଧାନରେ ଖନନ ହୋଇଥିବା ରତ୍ନଗିରି, ଆଜି ପୁଣି ନୂତନ ଖନନ ସହ ଇତିହାସର ନୂଆ ପୃଷ୍ଠା ଖୋଲୁଛି। ରତ୍ନଗିରି ଯୋଗାଚାର ଓ କାଳତନ୍ତ୍ର ଶିକ୍ଷାର ଏକ ପ୍ରମୁଖ ସାଧନାପୀଠ ଥିଲା। ଆଚାର୍ଯ୍ୟ ପିଟୋପା, ଧର୍ମକୀର୍ତ୍ତି ଓ ଗୁରୁ ପଦ୍ମସମ୍ଭବଙ୍କ ସହ ଏହି ସ୍ଥାନର ଐତିହାସିକ ସମ୍ପର୍କ ଏହାର ଆନ୍ତର୍ଜାତୀୟ ମହତ୍ତ୍ୱକୁ ସ୍ପଷ୍ଟ କରେ। ଚୀନ, ତିବ୍ବତ, ଜାପାନ ଓ ଦକ୍ଷିଣ-ପୂର୍ବ ଏସିଆରୁ ଛାତ୍ରଛାତ୍ରୀମାନେ ଏଠାକୁ ଶିକ୍ଷା ଗ୍ରହଣ ପାଇଁ ଆସୁଥିଲେ। ଏଠାରେ ଅବଲୋକିତେଶ୍ୱର, ବଜ୍ରପାଣି, ପଦ୍ମପାଣି, ତାରା, ହେରୁକା, ଜାମ୍ଭଲ ଓ ଭୂମିସ୍ପର୍ଶ ମୁଦ୍ରାର ବୁଦ୍ଧ ମୂର୍ତ୍ତିମାନେ ଆଜି ମଧ ଦେଖିବାକୁ ମିଳେ। ଛୋଟ ଛୋଟ ବ୍ରୋଞ୍ଜ ମୂର୍ତ୍ତିଗୁଡ଼ିକୁ ସଂଗ୍ରହାଳୟରେ ସୁରକ୍ଷିତ ରଖାଯାଇଛି।

ଗୁପ୍ତବଂଶୀୟ ରାଜା ନରସିଂହ ବାଲାଦିତ୍ୟଙ୍କ ସମୟରେ ଏହି ପୀଠର ଭିତ୍ତି ନିର୍ମିତ ହୋଇଥିଲେ ମଧ, ଭୌମକର ବଂଶର ପୃଷ୍ଠପୋଷକତାରେ ଏହା ଏକ ମହାନ୍ ଶିକ୍ଷାକେନ୍ଦ୍ର-ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା। ହୀରକ ତ୍ରିଭୁଜ-ରତ୍ନଗିରି, ଉଦୟଗିରି ଓ ଲଳିତଗିରି-ଆଜି ବିଶ୍ୱ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ୧୯୦୬ ମସିହାରେ ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଆବିଷ୍କୃତ ଏହି ସ୍ଥଳ ୧୯୫୮-୬୧ ମଧ୍ୟରେ ଡକ୍ଟର ଦେବଲା ମିତ୍ରଙ୍କ ନେତୃତ୍ୱରେ ଖନନ ହୋଇ ଲୋକଲୋଚନକୁ ଆସିଥିଲା। ଦୀର୍ଘ ୬୨ ବର୍ଷ ପରେ ପୁଣି ଖନନ ଆରମ୍ଭ ହୋଇ ନୂତନ ରହସ୍ୟ ଉନ୍ମୋଚିତ ହେଉଛି। ସମ୍ପ୍ରତି ପୁନଃ ଆରମ୍ଭ ହୋଇଥିବା ଖନନରୁ ମିଳୁଥିବା ନୂତନ ତଥ୍ୟ ଭାରତୀୟ ବୌଦ୍ଧ ଇତିହାସକୁ ନୂଆ ଦିଗ ଦେବାର ସମ୍ଭାବନା ରଖେ।

ରତ୍ନଗିରି କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ; ଏହା ଭାରତୀୟ ବୌଦ୍ଧ ଜ୍ଞାନ, ସାଧନା, କଳା ଓ ଶିକ୍ଷା ପରମ୍ପରାର ଏକ ଜୀବନ୍ତ ଦଲିଲ। ଏହାର ସଂରକ୍ଷଣ, ଗବେଷଣା ଓ ବିଶ୍ୱସ୍ତରୀୟ ପ୍ରଚାର ଓଡ଼ିଶା ସହ ସମଗ୍ର ଭାରତର ସାଂସ୍କୃତିକ ପରିଚୟକୁ ଆହୁରି ସୁଦୃଢ଼ କରିବ। ଏହି ପୀଠର ସୁରକ୍ଷା ଓ ପ୍ରଚାର ଆମ ସମସ୍ତଙ୍କ ଦାୟିତ୍ୱ।

ସମ୍ପାଦକ, ଜାତୀୟ ଚେତନା, ଭୁବନେଶ୍ୱର
ମୋ: ୯୪୩୭୮୬୩୮୪୨



JSW JFE

JSW JFE Steel Limited

(Formerly Known as JSW Sambalpur Steel Limited)

ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ

# ଆଗକୁ ବଢୁଥିବା ପଦକ୍ଷେପ ସାଥିରେ ଅଧିକ ଶକ୍ତିଶାଳୀ




**ବାମରୁ ଡାହାଣ:** ଶ୍ରୀ ଜୟନାରାୟଣ ମିଶ୍ର, ମାନ୍ୟବର ବିଧାୟକ – ସମ୍ବଲପୁର, ଶ୍ରୀ ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ – ଝାରସୁଗୁଡା, ଶ୍ରୀ ରବି ନାରାୟଣ ନାୟକ, ମାନ୍ୟବର ଗ୍ରାମୀଣ ବିକାଶ, ପଞ୍ଚାୟତୀ ରାଜ ଓ ପାନୀୟ ଜଳ ମନ୍ତ୍ରୀ, ଓଡିଶା, ଶ୍ରୀ ସୁରେଶ ପୂଜାରୀ, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡିଶା, ମହାମହିମ ଶ୍ରୀ ଓନୋ କେଇଚି, ଭାରତରେ ଜାପାନର ରାଜଦୂତ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଭାରତ ସରକାର, ଶ୍ରୀ ମୋହନ ଚରଣ ମାଝି, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା, ଶ୍ରୀ ସଜ୍ଜନ ଜିନ୍ଦଲ, ଅଧ୍ୟକ୍ଷ, JSW Group, ଶ୍ରୀ ଯୋଶିହିସା କିତାନୋ, ପ୍ରେସିଡେଣ୍ଟ ଓ CFO, JFE Holdings, Inc., ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟ ଶାସନ ସଚିବ, ଓଡିଶା, ଶ୍ରୀ ପାର୍ଥ ଜିନ୍ଦଲ, MD, JSW Cement ଓ JSW Paints ଏବଂ ଅଧ୍ୟକ୍ଷ, JSW Dulux, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, JMD ଓ CEO, JSW Steel, ଶ୍ରୀ ହିରୋୟୁକି ଓଗାୱା, ବୋର୍ଡ ଅଫ ଡାଇରେକ୍ଟର, JFE Steel Corporation

## ଭାରତର ଇସ୍ପାତ ଭବିଷ୍ୟତକୁ ଶକ୍ତି ଦେବା ପାଇଁ JSW Steel ଏବଂ JFE Steel ଏକତ୍ର - ଓଡ଼ିଶାରେ 10 MTPA କ୍ଷମତା ର ଏକ ପରିକଳ୍ପନା

ବିଶ୍ୱର ଶ୍ରେଷ୍ଠ ଇସ୍ପାତ ନିର୍ମାତା ମାନଙ୍କ ମଧ୍ୟରୁ ଦୁଇଟି, JSW Steel ଏବଂ JFE Steel ମଧ୍ୟରେ ଏକ ଯୁଗାନ୍ତକାରୀ 50:50 ମିଳିତ ଉଦ୍ୟୋଗ ।

ଓଡ଼ିଶାର ସମ୍ବଲପୁର ରେ ଅବସ୍ଥିତ ଏହି କାରଖାନାର କ୍ଷମତା 4.5 MTPA ରୁ 10 MTPA ଓ ଅଧିକ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଯାହା ହଜାର ହଜାର ନିଯୁକ୍ତି ଓଡ଼ିଶାକୁ ଏକ ସମୃଦ୍ଧ ଶିଳ୍ପ ପରିସଂସ୍ଥାନ ଭାବେ ସୁଦୃଢ଼ କରିବ

**ଏକ ଅଧିକ ଶକ୍ତିଶାଳୀ ଆତ୍ମନିର୍ଭର ଭାରତ ଗଢିବା ଦିଗରେ ଆଉ ଏକ ପଦକ୍ଷେପ ।**



## ପ୍ରଥମ ପୃଷ୍ଠାରୁ

## ଆଜି ଓଡ଼ିଶା ଆସିବେ...

ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନୁମୋଦନ ପତ୍ର ପ୍ରଦାନ କରିବେ । ଏହାପରେ କେନ୍ଦ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମିଳିତ ଭାବରେ ପ୍ରକଳ୍ପଗୁଡ଼ିକରଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବ । ଏହି ଅବସରରେ ହିତାଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହିତ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ବରିଷ୍ଠ ଅଧିକାରୀ ଯୋଗଦେବେ ।

## ମହିଳା ସଶକ୍ତୀକରଣରେ...

ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ପଦରେ ଜଣେ ମହିଳାଙ୍କୁ ବସାନ୍ତୁ ବୋଲି ଦାବି କରିଥିଲାବେଳେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସିଏସ୍‌କେ ରାଜନ ଏକ୍କା, ଅଶୋକ କୁମାର ଦାସ ଏହାର ସମର୍ଥନ କରିଥିଲେ । ତେବେ ବିଜେଡିରୁ ପ୍ରମିଳା ମଲ୍ଲିକ ବିନା ମୋସନରେ କାହିଁକି ଅଧିବେଶନ ଡକାଯାଇଛି ବୋଲି ପ୍ରଶ୍ନ ଉତ୍‌ଥାପନ କରିଥିଲେ । ସେହିପରି ବିଜେଡି ସଭ୍ୟ ପ୍ରସନ୍ନ କୁମାର ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ ଏବଂ ଶାସକ ସଭ୍ୟ ବାବୁ ସିଂହ, ସୁରଜ ସୂର୍ଯ୍ୟବଂଶୀ, ଟଙ୍କଧର ତ୍ରିପାଠୀ ପ୍ରମୁଖ ମତ ରଖିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଙ୍କ ସବୁ ଅଭିଯୋଗକୁ ଅସ୍ୱୀକାର କରି ସେମାନଙ୍କୁ ଟାର୍ଗେଟ୍ କରି କହିଥିଲେ, ଆଜିର ଏହି ଅଧିବେଶନ କେବଳ ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂକ୍ରାନ୍ତରେ ନୁହେଁ । ଆଜିର ଅଧିବେଶନ ମହିଳା ସଶକ୍ତିକରଣ, ବିଶେଷଭାବେ ରାଜନୈତିକ ସଶକ୍ତିକରଣ ବିଷୟରେ ଆଲୋଚନା ପାଇଁ ଆହୁତ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତୀୟ ଗଣତନ୍ତ୍ରରେ ଆଜି ମହିଳାମାନେ କେବଳ ଭୋଟର ନୁହନ୍ତି, ବରଂ ସକ୍ରିୟ ଭାଗୀଦାର ହୋଇଛନ୍ତି । ଆମ ଦେଶର ତୃଣମୂଳ ସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରି ଦକ୍ଷତା ପ୍ରମାଣିତ କରୁଛନ୍ତି । ନାରୀ ଶକ୍ତି ବନ୍ଦନ ଅଧିନିୟମ ଏହି ପ୍ରତିନିଧିତ୍ୱକୁ ଅଧିକ ଗତି ଦେବା ପାଇଁ ଉଦ୍ଦିଷ୍ଟ । ତେଣୁ ଏହାକୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ପଦକ୍ଷେପ ନେଇଥିଲେ, ସେଥିରେ ବିରୋଧୀଦଳ ବ୍ରେକ୍ ଲଗାଇ ନିଜ ସଙ୍କୁଚିତ ମାନସିକତାର ପ୍ରମାଣ ଦେଇଛନ୍ତି । ହେଲେ, ଏହା ଏକ ସାମୟିକ ବିରତି । ମୋଦୀ ଜୀ ୨୦୨୯ରୁ ହିଁ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ନିଶ୍ଚିତ ଭାବେ ଅରକ୍ଷଣ ବ୍ୟବସ୍ଥା କରିବେ । ଏହିକାରଣରୁ ବିରୋଧୀଦଳ ନେତା ଏହି ବିଲ୍ ଉପରେ ବିଶଦ ଆଲୋଚନା କରିବା ପାଇଁ ବିଧାନସଭାର ଏକ ବିଶେଷ ଅଧିବେଶନ ଡାକିବା ପାଇଁ ମୋତେ ଚିଠି ଲେଖିଥିଲେ । ସେଥିରେ ସେ ତାଙ୍କର କିଛି ଉଦ୍‌ବେଗ ପ୍ରକାଶ କରିଥିଲେ ଅସନକୁ ନେଇ । ହେଲେ ଏଥିରେ ସଂଶୟ କରିବାର କିଛି କାରଣ ନାହିଁ । ତେଣୁ, ଆଜିର ଏହି ବିଶେଷ ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ନାରୀଶକ୍ତିର ଅବଦାନ ସମ୍ପର୍କରେ ବିଶଦ ଆଲୋଚନା ହେଉ ଏବଂ କିଛି ସାର୍ଥକ ନିଷ୍କର୍ଷ ବାହାରୁ ଯାହା ଫଳରେ ଦେଶର ନାରୀଶକ୍ତି ତାଙ୍କର ନ୍ୟାର୍ଯ୍ୟ ଓ ବହୁ ପ୍ରତିକ୍ଷିତ ଅଧିକାର ପ୍ରାପ୍ତ ହେବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶ ସ୍ୱାଧୀନ ହେବାର ପ୍ରାୟ ୮୦ ବର୍ଷ ହୋଇ ଗଲାଣି । ଏହି ଆଠ ଦଶକରେ ଆମ ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ପାରଙ୍ଗମ ହାସଲ କରିସାରିଛନ୍ତି । ସେମାନେ ଘର ଚଳାଇବା ସହିତ ଅଟୋ-ବସ୍ ଚଳାଇବା ଠୁ ଆରମ୍ଭ କରି ଫାଇଟର ଉଡ଼ାଯାହାଜ ଉଡ଼ାଉଛନ୍ତି । ବାଲାକୋଟ ଆକ୍ରମଣ ପରେ ଭରତ-ପାକିସ୍ତାନ ମଧ୍ୟରେ ଯେଉଁ ବିମାନ ଯୁଦ୍ଧ ହୋଇଥିଲା ପାକିସ୍ତାନର ଫାଇଟର ଜେଟ୍ ଏଫ -୧୬ ଖସାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଇଣ୍ଡିଆନ ଏୟାର ଫୋର୍ସର ଜଣେ ସାହସୀ ଓ ଦକ୍ଷ ରାଡ଼ାର ଇଞ୍ଜିନିୟର । ସେହିପରି ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନାର ଚେହେରା ଥିଲେ କୋଲୋନେଲ ସୋଫିଆ କୁରେଶୀ ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ । ଏହାହିଁ ହେଉଛି ଆଧୁନିକ ଭାରତର ନାରୀଶକ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ । ୨୦୨୩-୨୪ ବର୍ଷ ପାଇଁ ସ୍କୁଲ ଶିକ୍ଷାରେ ୫୩.୩ ପ୍ରତିଶତ ହେଉଛନ୍ତି ଶିକ୍ଷୟିତ୍ରୀ ଏବଂ ଉଚ୍ଚ ଶିକ୍ଷାରେ ଅଧାପିକାଙ୍କ ସଂଖ୍ୟା ହେଉଛି ୪୩ ପ୍ରତିଶତ । ଅର୍ଥାତ, ଦେଶର ଶିକ୍ଷାଦାନ ବ୍ୟବସ୍ଥା ଅଧିକାଂଶ ଭାବେ ମହିଳାଙ୍କ କାନ୍ଧ ଉପରେ ନ୍ୟସ୍ତ । ଯେଉଁମାନେ ଦେଶର ଭବିଷ୍ୟତ ଗଠନ କରୁଛନ୍ତି, ଯେଉଁମାନେ ଦେଶର ଭାବି ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ନେତା ବନେଇବାରେ ମୂଳଦୁଆ ରଖୁଛନ୍ତି ସେମାନେ କ'ଣ ଦେଶର ନେତୃତ୍ୱ ନେଇ ପାରିବେ ନାହିଁ ? ଆଜିର ନାରୀଶକ୍ତି ଅସାଧ ସାଧନ କରିବାରେ ସମର୍ଥ । ତାଙ୍କୁ କେବଳ ଆବଶ୍ୟକ ଏକ ସମାନ ସୁଯୋଗ । କିନ୍ତୁ, ଆମ ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାଙ୍କୁ ସୁଯୋଗ ଦେବା ପାଇଁ ସବୁବେଳେ କିଛି ନା କିଛି ଅନ୍ତରାୟ ସୃଷ୍ଟି କରାଯାଇଥାଏ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ ଗୃହର ସଦସ୍ୟ ଓ ସଦସ୍ୟାମାନେ ଜାଣିଛନ୍ତି ଯେ ଭାରତୀୟ ଜନତା ପାର୍ଟି ସବୁବେଳେ ସବୁ ସମୟରେ ମହିଳା ଆରକ୍ଷଣ ବିଲକୁ ସମର୍ଥନ କରି ଆସିଛି । କଂଗ୍ରେସ ଦଳର ବନ୍ଧୁଗଣ ଏଠାରେ ଉପସ୍ଥିତ ଅଛନ୍ତି । ତାଙ୍କ ଦଳର ୧୯୮୪ରେ ଲୋକସଭାରେ ୪୧୪ ସିଟ୍ ଏବଂ ରାଜ୍ୟ ସଭାରେ ୧୫୯ଟି ସିଟ ଥିଲା । ଦୁଇ ତୃତୀୟାଂଶ ନୁହେଁ, ତିନି-ଚତୁର୍ଥାଂଶ ଆସନ ଥିଲା କଂଗ୍ରେସର । କିନ୍ତୁ, କାହିଁକି ସେମାନେ ଏହି ମହତ୍ୱପୂର୍ଣ୍ଣ ବିଲକୁ ପାସ୍ କରି ନ ଥିଲେ । ଆଜି ଯେଉଁମାନେ ଆମ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି, ସେମାନେ ନିଜର ଇତିହାସ ଜାଣିବା ଆବଶ୍ୟକ । ଏଠାରେ ଆମର ବିଜୁ ଜନତା ଦଳର ସଦସ୍ୟ ସଦସ୍ୟାମାନେ ଅଛନ୍ତି । ସେମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବାହାବା ଲୁଟିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ, ଯେତେବେଳେ ବିଧାନସଭା ଓ ଲୋକସଭା ପାଇଁ ଆରକ୍ଷଣ କଥା ଉଠୁଛି ସେମାନେ କାହିଁକି ମହିଳା ବିରୋଧୀ ଆଭିମୁଖ୍ୟ ନେଉଛନ୍ତି ? ଏହାର ଉତ୍ତର ହେଉଛି ଏଠାରେ ବସିଥିବା ସଦସ୍ୟ ଓ ସଦସ୍ୟା କିମ୍ବା ତାଙ୍କ ଦଳର ଆଗାଧାଡ଼ିର ନେତାମାନେ ତ ଆଉ ସରପଞ୍ଚ କି ଜିଲ୍ଲା ପରିଷଦ ନିର୍ବାଚନ ଲଢ଼ିବେ ନାହିଁ, ତେଣୁ ତାଙ୍କର ପଞ୍ଚାୟତ ନିର୍ବାଚନରେ ୧୦୦ ପ୍ରତିଶତ ଆରକ୍ଷଣ ହେଲେ ବି ତାଙ୍କର କିଛି ଅସୁବିଧା ନାହିଁ, କାରଣ ତାଙ୍କର ସେଥିରେ ସ୍ୱାର୍ଥ ହାନି ହେଉନାହିଁ । କିନ୍ତୁ, ଯଦି ବିଧାନ ସଭା ଓ ଲୋକସଭା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁହୁଏ, ତେବେ ନିଶ୍ଚିତ ଭାବେ ତାଙ୍କର ସ୍ୱାର୍ଥ ବାଧିତ ହେବ । ତେଣୁ, କୌଣସି ନା କୌଣସି ବାହାନାରେ ଏହି ବିଲ୍ ବିରୋଧରେ ତାଙ୍କର ମତାମତ ଦେଉଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ରାଜନୀତିରେ ମହିଳାଙ୍କୁ ଆଗକୁ ଆଣିବା ପାଇଁ ଯେଉଁ ଯୋଗଦାନ ଦେଇଛନ୍ତି ସ୍ୱାଧୀନ ଭାରତରେ ତାହାର ପଟାନ୍ତର ନାହିଁ । ଆଜି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଛନ୍ତି ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ମହୋଦୟା । ଆଜି ଆମ ସରକାରଙ୍କ ଅମଳରେ ଓଡିଶା ବିଧାନସଭାର ଶୋଭା ବୃଦ୍ଧି କରୁଛନ୍ତି ରାଜ୍ୟର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡ଼ା । କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ଦେଶର ନାରୀଶକ୍ତିକୁ ସଶକ୍ତ କରିବାପାଇଁ ପ୍ରଥମ ଦିନରୁ ହିଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷରେ ମହିଳାଙ୍କ ଜୀବନଧାରଣର ମାନରେ ବ୍ୟାପକ ପରିବର୍ତ୍ତନ ଆସିଛି । ଏହାର ଅନେକ ଉଦାହରଣ ରହିଛି । ତେଣୁ ବିରୋଧୀ ତଥ୍ୟ ସମ୍ବଳିତ କଥା ନହି ମନଗଢ଼ା କଥା କହୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି ।

## କାର୍‌ରେ ନିଆଁ, ୫...

ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ମୃତକଙ୍କ ମଧ୍ୟରେ ୨ ଜଣ ମହିଳା, ଜଣେ ପୁରୁଷ ଏବଂ ୨ ଜଣ ଶିଶୁ ଅଛନ୍ତି । ସେପଟେ ଡ୍ରାଇଭର ବିନୋଦ କୁମାର ମେହେର ବହୁ କଷ୍ଟରେ କାରରୁ ବାହାରକୁ ବାହାରିବାରେ ସକ୍ଷମ ହୋଇଥିଲେ ମଧ୍ୟ ତାଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ଜଳିଯାଇଛି । ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି । ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ (ଡିଏସପି) କୈଳାସ ଜିନ୍ଦଲ କହିଛନ୍ତି ଯେ, ସର୍ଟ ସର୍କିଟ ଯୋଗୁଁ କାର୍‌ରେ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଗାଡ଼ିଟି ସିଏନଜି ଚାଳିତ ହୋଇଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା, ଯାହା ଫଳରେ ଯାତ୍ରୀମାନେ ଗାଡ଼ି ବାହରକୁ ବାହାରି ପାରିନଥିଲେ । ସେ କହିଛନ୍ତି, 'ଗାଡ଼ିରୁ କେବଳ କଙ୍କାଳର ଅବଶେଷ ଉଦ୍ଧାର କରାଯାଇଛି, ଯାହାକୁ ପୃଥକ ଭାବରେ ସଂରକ୍ଷିତ ରଖାଯାଇଛି । ସେମାନଙ୍କ ପରିଚୟ ଜାଣିବା ପାଇଁ ଡିଏନଏ ପରୀକ୍ଷା କରାଯିବ ।'

## ୨ରେ ମାଟ୍ରିକ୍ ରେଜଲ୍ଟ...

ଏସ୍‌ଏମ୍‌ଏସ୍ କରିବାକୁ ହେବ । ଚଳିତ ବର୍ଷ ପ୍ରଥମ ଥର ପାଇଁ ଯେଉଁ ସାର୍ଟିଫିକେଟ୍ ଓ ମାର୍କସିଟ୍ ଦିଆଯିବ ସେଗୁଡ଼ିକ ଇଂରାଜୀ ସହ ଓଡ଼ିଆରେ ଲିପିବଦ୍ଧ ହେବ । ଚଳିତ ଥର ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୧ ହଜାର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି । ସୂଚନାଯୋଗ୍ୟ, ମେ' ୨ ତାରିଖ ଅପରାହ୍ନ ୪ଟାରେ କଟକ ସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ମାଟ୍ରିକ ପରୀକ୍ଷା ଫଳ ଘୋଷଣା କରାଯିବ ।

## ସାମିଲ୍ ହେଲା ପରିସଂଖ୍ୟାନ...

ପରିସଂଖ୍ୟାନ ବିଭାଗର ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଶିକ୍ଷାବିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରି ଏହି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ । ଏହି ଐତିହାସିକ ନିଷ୍ପତ୍ତି ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ସମୟୋଚିତ ହସ୍ତକ୍ଷେପ ଏବଂ ମାର୍ଗଦର୍ଶନକୁ ବିଶ୍ୱବିଦ୍ୟାଳୟ ସମୁଦାୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

### କୋଲକାତାରେ ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌କୁ ନେଇ ହାଇଡ୍ରାମା

# ଧାରଣାରେ ବସିଲେ ଦୁଇ ଟିଏମ୍‌ସି ନେତା



**କୋଲକାତା, ୩୦।୪/ଏଜେନ୍ସି:** ଗୁରୁବାର କୋଲକାତାରେ ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିବା ସମ୍ପର୍କରେ ସୂଚନା ମିଳିଛି । ଦିନକ ପୂର୍ବେ ଏଠାରେ ୨ୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ହୋଇଥିବା ବେଳେ ଆଜି ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା କୁନାଲ ଘୋଷ୍ ଏବଂ ଶଶି ପଞ୍ଜା ବିଜେପି ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି । କେବଳ ଅଭିଯୋଗ ଆଣିନାହାନ୍ତି ରାଜନୈତିକ ଡ୍ରାମା ମଧ୍ୟ ଆରମ୍ଭ କରିଦେଇଛନ୍ତି । ରିପୋର୍ଟ ଅନୁସାରେ ଟିଏମ୍‌ସିର ଏହି ଦୁଇ ନେତା ଅଭିଯୋଗ କରିଛନ୍ତି ଯେ, "ବିଜେପି ନିର୍ଦ୍ଦେଶରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଥିବା ପୋଷ୍ଟାଲ ବାଲାଟ୍‌ଗୁଡ଼ିକୁ ଖୋଲାଯାଇଛି । ଏଠାରେ କୌଣସି ସ୍ୱଚ୍ଛତା ନାହିଁ ।" ଏପ୍ରକାର ଅଭିଯୋଗ କରିବା ସହ ଉଭୟ ଦଳର ଆଉ କିଛି କର୍ମୀଙ୍କ ସହ ଏବେ ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ଧାରଣାରେ ବସିଛନ୍ତି । ଟିଏମ୍‌ସିର ଏହି ଦୁଇ ନେତା ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିୟମକୁ ଉଲ୍ଲଂଘନ କରି କେତେକ ପୋଷ୍ଟାଲ ବାଲଟ୍‌କୁ ସମୟ ପୂର୍ବରୁ ଖୋଲାଯାଇ ଛେଡ଼ଛାଡ଼ କରାଯାଉଛି । କୁନାଲ ଘୋଷ କହିଛନ୍ତି ଯେ, 'ଆମେ ଦେଖିଲୁ କିଛି ଅଧିକାରୀ ପୋଷ୍ଟାଲ ବାଲଟ୍ ଖୋଲୁଛନ୍ତି, ଯାହାକି ସମ୍ପୂର୍ଣ୍ଣ ବେଆଇନ । ସେମାନେ କେଉଁ ଆଧାରରେ ଏହା କରୁଛନ୍ତି ତାହାର କୌଣସି ସ୍ପଷ୍ଟ ସୂଚନା ଦେଉନାହାନ୍ତି । ଶଶି ପାଞ୍ଜା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି । ସେ ଦାବି କରିଛନ୍ତି ଯେ ଯେପର୍ଯ୍ୟନ୍ତ ସନ୍ତୋଷଜନକ ଉତ୍ତର ନ ମିଳିଛି, ସେମାନେ ସେଠାରୁ ହଟିବେ ନାହିଁ । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୌଣସି ସ୍ପଷ୍ଟିକରଣ ଏପର୍ଯ୍ୟନ୍ତ ମିଳିନାହିଁ । ଅନ୍ୟପକ୍ଷେ ନିର୍ବାଚନ ପରବର୍ତ୍ତୀ ଏହି ସମୟରେ ଷ୍ଟ୍ରଙ୍ଗ ରୁମ୍‌ର ସୁରକ୍ଷା ଏବଂ ବାଲଟ୍ ପେପରର ଗୋପନୀୟତାକୁ ନେଇ ପଶ୍ଚିମବଙ୍ଗ ରାଜନୀତିରେ ପୁଣି ଥରେ ଉତ୍ତେଜନା ପ୍ରକାଶ ପାଇଛି ।

## ବ୍ୟକ୍ତିଗତ କାମ ପାଇଁ ଭାଙ୍ଗିଦେଲେ ସୁରକ୍ଷା ବାଡ଼



**କେନ୍ଦ୍ରାପଡା,୩୦।୪/ଏନ୍‌ଏନ୍‌ଏସ୍:** ଜାତୀୟ ରାଜପଥ ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ଜନସାଧାରଣଙ୍କ ସୁରକ୍ଷା ପାଇଁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲୁଥିବାବେଳେ ଏହି କାମକୁ କରୁଥିବା ଠିକାସଂସ୍ଥା ପିଏସ୍‌କେ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଥାନା ଓ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ବଳଭଦ୍ରପୁରଠାରୁ ଲକ୍ଷ୍ମୀନାରାୟଣପୁର ମଝିରେ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଜାତୀୟ ରାଜପଥ କଡରେ ଦିଆଯାଇଥିବା ସୁରକ୍ଷା ବାଡକୁ ସ୍ଥାନୀୟ ଅଂଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ପ୍ରାୟ ଦୁଇଶହ ମିଟରରୁ ଅଧିକ ନିଜର ବ୍ୟକ୍ତିଗତ କାମ ଓ ନିଜର ଜମିରେ ମାଟି ପକାଇବା ପାଇଁ ଏହି ସୁରକ୍ଷା ବାଡକୁ ସକାଳ ୬ଟା ସମୟରେ ଏକ କଟର୍ ମେସିନ୍ ସାହାଯ୍ୟରେ ବେଆଇନ୍ ଭାବେ କାଟି ଫୋପାଡି ଦେଇଛନ୍ତି । ଯାହାଫଳରେ ପିଏସ୍‌କେ କମ୍ପାନୀର ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିବା ଜଣାପଡିଛି । ଏହା ପୂର୍ବରୁ ଅନେକ ଥର ଏହି ସୁରକ୍ଷା ବାଡକୁ ରାତିରେ ଚୋରମାନେ କାଟି ବିକ୍ରି କରିଦେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା । ତୁରନ୍ତ ଏହି ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପିଏସ୍‌କେ କମ୍ପାନୀ ତରଫରୁ ଦାବି କରାଯାଇଛି ।

## ପିଏମ୍‌ଶ୍ରୀ ବିରଜା ହାଇସ୍କୁଲ୍ ପକ୍ଷରୁ ବୃକ୍ଷରୋପଣ



**ଯାଜପୁର,୩୦।୪/ଏନ୍‌ଏନ୍‌ଏସ୍:** ପିଏମ୍‌ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହରେ ଏକ୍ ପେଡ୍ ମାଆ'କେ ନାମ ଅଧିନରେ ବୃକ୍ଷ ରୋପଣ ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶରଥପୁର ବ୍ଲକର ପୂର୍ବତନ ମଣ୍ଡଳଶିକ୍ଷାଧିକାରୀ ଅନ୍ନଦାପ୍ରସାଦ ରଣା ଯୋଗଦେଇ ପ୍ରଥମେ ଏକ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରିବେଶ ସୁରକ୍ଷା ସକାଶେ ସମସ୍ତଙ୍କୁ ନିଜ ମାଆଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଆହ୍ୱାନ ଦେବା ସହ ସ୍ୱେଚ୍ଛାସେବୀଙ୍କର ଏହି ମହାନ୍ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଡିଏସ୍‌ଏସ୍ କୁମାର ସେନ୍ ସେନାପତି ଯୋଗଦାନ କରି ଚାରାରୋପଣ କରିଥିଲେ । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଅମୀୟ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଜମିଲୁର ରସିଦ୍ ଖାଁନ୍, ଦିଲ୍ଲୀପ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ହଟେଇ, ଶିକ୍ଷୟିତ୍ରୀ ରେଖାରାଣୀ ମଲ୍ଲିକ, ସୁପ୍ରଭା ସାହୁ, ହାରାମଣି ମୁର୍ମୁ, ମନସ୍ମିତା ଭଦ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉତରାୟ ଏବଂ ଛାତ୍ରଛାତ୍ରୀବୃନ୍ଦ ଯୋଗଦେଇ ଚାରାରୋପଣ କରିଥିଲେ ।

## ଡ୍ରେନ୍ ଉପରେ ଇଟା, ଗୋଡି, ବାଲି ରଖିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ



**କେନ୍ଦ୍ରାପଡା,୩୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ପୌରାଂଚଳର ୨୧ଗୋଟି ୱାର୍ଡରେ ଅଧିକାଂଶ ଯାଗାରେ ମୁଖ୍ୟ ରାସ୍ତା ଉପରେ ବାଲି, ଗୋଡି, ମାଟି, ରଡ୍ ପକାଇବା ଫଳରେ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୯ନମ୍ବର ୱାର୍ଡର ଗ୍ରାମର ଦୁଇପାର୍ଶ୍ୱରେ ଡ୍ରେନ୍ ଉପରେ ଇଟା, ଗୋଡି, ବାଲି, ସିମେଣ୍ଟ, ରଡ୍ ଏବଂ କେତେକ ଜାଗାରେ ଚଉରା ନିର୍ମାଣ କରିଥିବାରୁ ଯାତାୟତରେ ଅସୁବିଧା ହେବା ସହ ଡ୍ରେନ୍ ଦୀର୍ଘଦିନ ହେଲା ସଫା ହୋଇପାରୁନି । ଫଳରେ ସାମାନ୍ୟ ବର୍ଷା ହେଲେ ଦୁର୍ଗନ୍ଧ ହେଉଛି । ଏଥିସହିତ ଗ୍ରାମ ଭିତରେ ଥିବା ଜଳ ଯୋଗାଣ ପାଇପ୍‌କୁ କାଟି ବେଆଇନ୍ ଭାବେ ସଂଯୋଗ କରି ମଟର ଚଳାଇ ପାଣି ନେଉଥିବାରୁ ଅନ୍ୟ ବ୍ୟକ୍ତିମାନେ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଡ୍ରେନ୍ ଉପରେ ରଖାଯାଇଥିବା ଜିନିଷପତ୍ରକୁ ଉଠାଇବା ସହ ବେଆଇନ୍ ପାଇପ୍ କନେକ୍ସନକୁ କାଟି ଡ୍ରେନ୍ ସଫା କରିବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବଶ କରିଛନ୍ତି ।

## ତାତିରେ ଲାଗିଲା ବ୍ରେକ୍...

କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି । ସେହିପରି ଅନୁଗୋଳରେ ବେଶ୍ କିଛି ଦିନ ହେବ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଜି ତାପମାତ୍ରା ହ୍ରାସ ପାଇଥିବା ବେଳେ ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳକୁ ପବନ, ଘଡ଼ଘଡ଼ି ସହିତ ବର୍ଷା ଆରମ୍ଭ ହୋଇଯାଇଥିଲା । ଫଳରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ବିନିକା ସହର ସହିତ ଆଖପାଖ ଗ୍ରାମଞ୍ଚଳରେ କାଳବୈଶାଖୀ ବର୍ଷା ହୋଇଛି । ଭୁବନେଶ୍ୱର ଓ କଟକ ବିଜୁଳି, ଘଡ଼ଘଡ଼ି ଓ ପବନ ସହିତ ବର୍ଷା ହୋଇଛି । ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଅଞ୍ଚଳରେ କାଳବୈଶାଖୀ ବର୍ଷା ହୋଇଛି । ଏଠାରେ ପବନ ହେବା ସହ କୁଆପଥର ମାଡ଼ ମଧ୍ୟ ହୋଇଥିଲା । ନୟାଗଡ଼ର ଦଶପଲ୍ଲା ଅଞ୍ଚଳରେ ମଧ୍ୟ କାଳବୈଶାଖୀ ପ୍ରଭାବରେ ଜୋର୍ ବର୍ଷା ହୋଇଛି ।

## ୨୪ ସପ୍ତାହର ସମୟ...

ଏହା ସେହି ୧୫ବର୍ଷର କୋମଳମତୀ ନାବାଳିକା ପାଇଁ ସାରା ଜୀବନର ଏକ କଳଙ୍କ ଏବଂ ମାନସିକ ଆଘାତ ହୋଇ ରହିଯିବ । ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଗର୍ଭପାତ କରିବା କିମ୍ବା ନ କରିବାର ଅନ୍ତିମ ନିଷ୍ପତ୍ତି ପୀଡ଼ିତା ଏବଂ ତାଙ୍କ ପରିବାରର, ଏହା କୌଣସି ମେଡିକାଲ ବୋର୍ଡ କିମ୍ବା ସରକାରଙ୍କର ନୁହେଁ । କୋର୍ଟ ଏମ୍ସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ନାବାଳିକା ଏବଂ ତାଙ୍କ ପରିବାରକୁ ସମସ୍ତ ମେଡିକାଲ ବିପଦ ବିଷୟରେ ବୁଝାନ୍ତୁ । ଯଦି ସେମାନେ ତଥାପି ଗର୍ଭପାତ ଚାହାନ୍ତି, ତେବେ ତାହା କରାଯିବ । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ 'ମେଡିକାଲ ଟର୍ମିନେସନ୍ ଅଫ୍ ପ୍ରେଗ୍ନାନ୍ସି' ଆଇନରେ ସଂଶୋଧନ ଆଣିବାକୁ କହିଛନ୍ତି । ତେବେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଭାରତରେ ମହିଳାମାନଙ୍କର 'ପ୍ରଜନନ ସ୍ୱାଧୀନତା' ଏବଂ ନିଜ ଶରୀର ଉପରେ ନିଜର ଅଧିକାରକୁ ଅଧିକ ସୁଦୃଢ଼ କରିବ ବୋଲି ଅନୁମାନ କରାଯାଉଛି ।

## ୱାର୍ଡ ଆଣ୍ଡ ୱାର୍ଡ ହାଉସ୍‌କିପିଙ୍ଗ୍ ସେବା ସଂଘର ବୈଠକ



**କେନ୍ଦ୍ରାପଡା,୩୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଶ୍ରୀ ଜଗନ୍ନାଥ ୱାର୍ଡ ଆଣ୍ଡ ୱାର୍ଡ ହାଉସ୍‌କିପିଙ୍ଗ ସେବା ସଂଘର ଏକ ସମ୍ମିଳନୀ ସଭାପତି ପବିତ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଉପସଭାପତି ପବିତ୍ର କୁମାର ସାହୁ, ସମ୍ପାଦିକା ମିନତୀ ବିଶ୍ୱାଳ, ସହ ସମ୍ପାଦକ ଅଧୀର ମହାପାତ୍ର, କୋଷାଧ୍ୟକ୍ଷ ଜଗନ୍ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କର୍ମଚାରୀ ମାନଙ୍କର ସିଧାସଳଖଭାବେ ସେମାନଙ୍କ ଆକାଉଣ୍ଟକୁ ଦରମା ପଠାଇବା ବ୍ୟବସ୍ଥା କରାଯିବା, ଏଥିସହିତ ମହିଳା ପୁରୁଷ କର୍ମଚାରୀମାନଙ୍କୁ ପରିବାର ପ୍ରତିପୋଷଣ, ଭବିଷ୍ୟତ ପାଇଁ ସ୍ଥାୟୀ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରାଯାଇଛି । ଝରଣା ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀର ଶେଷରେ ଚିନ୍ମୟୀ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇଡ୍ ବାଡ଼ ଭାଙ୍ଗି ତଳକୁ ଖସିଲା ଟ୍ରକ୍, ବର୍ତ୍ତିଗଲେ ଡ୍ରାଇଭର୍



**କେନ୍ଦ୍ରାପଡା,୩୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଦୁହୁରିଆସ୍ଥିତ ଓଭରବ୍ରିଜ୍‌ରେ ଗଲାବେଳେ ଟ୍ରକ୍ ସାଇଡ୍ ବାଡ ଭାଙ୍ଗି ତଳକୁ ଖସି ଯାଇଥିବା ଜଣାପଡିଛି । ପାରାଦୀପଠାରୁ କୋଇଲା ନେଇ ଦ୍ରୁତଗତିରେ ଯାଉଥିବାବେଳେ ଅନ୍ୟ ଏକ ଟ୍ରକ୍‌କୁ ଓଭରଟେକ୍ କଲାବେଳେ ଡ୍ରାଇଭର୍ ବାମ ପଟକୁ କାଟିଦେବା ଫଳରେ ସାଇଟ୍ ବାଡ ଭାଙ୍ଗି ତଳକୁ ଖସି ଟ୍ରକ୍ ଭାଙ୍ଗିଯାଇଛି । ଭାଗ୍ୟବଶତଃ ତଳ ରାସ୍ତାରେ କେହି ଯାତାୟତ କରୁନଥିବାବେଳେ ଡ୍ରାଇଭର୍ ଜଣକ ବର୍ତ୍ତି ଯାଇଛନ୍ତି । ସଦରଥାନା ପୋଲିସ୍ ଘଟଣାସ୍ଥଳରେ ପହଁଚି ତଦନ୍ତ କରୁଥିବା ଜଣାପଡିଛି ।

## ଦିନେଶଙ୍କୁ ବିରଜା ଜ୍ୟୋତି ସମ୍ମାନ



**ଯାଜପୁର,୩୦।୪/ଏନ୍‌ଏନ୍‌ଏସ୍:** ଯାଜପୁର ବିରଜା ଚେତନା ଗବେଷଣା ପରିଷଦ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ସାଂସ୍କୃତିକ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଡଃ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ଡଃ ଅନ୍ତର୍ଯ୍ୟାମୀ ମିଶ୍ର, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରଭାତ କୁମାର ମହାପାତ୍ର, ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ଡଃ ସତ୍ୟ ନାରାୟଣ ଆଚାର୍ଯ୍ୟ, ଭାରତୀୟ ଇତିହାସ ଗବେଷଣା ପରିଷଦ ଦିଲ୍ଲୀର ସଦସ୍ୟ ହରିହର ପଣ୍ଡା, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ସଭାପତି ଡଃ ମଥୁରେନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମା'ବିରଜାଙ୍କ ପ୍ରଚାର ପ୍ରସାର ପାଇଁ ଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## ଆର୍‌ଆଇଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡା,୩୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ତହସିଲ୍ ସଦର ଅଞ୍ଚଳରେ କାର୍ଯ୍ୟ କରୁଥିବା ଆର୍‌ଆଇଙ୍କ ବିରୁଦ୍ଧରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ, ସଦର ଆର୍‌ଆଇ ଦୀର୍ଘଦିନ ହେଲା ଏଠାରେ ରହି ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଜନସାଧାରଣଙ୍କ ସହିତ ବାଲି ମାଫିଆ, ମାଟି ମାଫିଆ ଓ ସରକାରୀ ଜାଗାରୁ ବେଆଇନ୍ ଭାବେ ମାଟି ଉଠାଇବା ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଛି । ଏଥିସହିତ ଜମି କିସମ ପରିବର୍ତ୍ତନ, ଘରବାଡି ରିପୋର୍ଟ ବାବଦରେ ଟଙ୍କା ଦାବି କରୁଥିବା ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ବାସିନ୍ଦା ପ୍ରଫୁଲ୍ଲ କୁମାର ଜେନା, ଆରତୀ ସେଠୀ, ପିତାମ୍ବର ମଲ୍ଲ, ମୁରଲୀ ସେଠୀ ପ୍ରମୁଖ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ଆଜିର ଇତିହାସ

- ୧୮୯୭-ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ମିଶନର ସ୍ଥାପନା କରିଥିଲେ।
- ୧୯୦୮-ମୁଜଫରପୁରରେ ବୋମାକାଣ୍ଡ କରିବା ପରେ ପ୍ରଫୁଲ୍ଲ ଚାକୀ ନିଜକୁ ଗୁଳି ମାରିଥିଲେ।
- ୧୯୨୩-ଦେଶରେ ମେ’ ଦିବସ ପାଳନ ଆରମ୍ଭ ହେଲା।
- ୧୯୭୨-ଦେଶର କୋଇଲା ଖଣିଗୁଡ଼ିକ ରାଷ୍ଟ୍ରୀୟକରଣ ହୋଇଥିଲା।
- ୧୯୮୮-ଆଜିର ଦିନରେ ଅଭିନେତ୍ରୀ ଅନୁଷ୍କା ଶର୍ମା ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ସାବଧାନ ହୋଇ ଚାଲନ୍ତୁ। ବାହାରର ଖାଦ୍ୟପେୟ ସ୍ୱାସ୍ଥ୍ୟହାନି କରିପାରେ। ଅବହେଳା କରନ୍ତୁ ନାହିଁ। ବ୍ୟାପାରରେ ଲୋକମାନେ କ୍ଷତି ପହଞ୍ଚାଇବେ। ଛୋଟ ଭୁଲ୍ ଭାରି ପଡ଼ିପାରେ।

**ବୃଷ** – ଭଲ ଖବରରୁ ଦିନର ଆରମ୍ଭ ହେବ। ମୁଡ୍ ଖରାପ ହୋଇପାରେ। ବ୍ୟବସାୟରେ ପ୍ରତିବନ୍ଧ ଆସିବ। ସିନିୟର୍ସଙ୍କ ସହାଯ୍ୟ ନେଇପାରନ୍ତି। ପରିବାରରେ ଖୁସିର ପରିବେଶ ରହିବ।

**ମିଥୁନ** – ଅନ୍ୟକୁ ସାହାଯ୍ୟ କରିବେ। ନିଜର କ୍ଷତି କରିବେ ନାହିଁ। କ୍ୟାରିୟର୍ ଢ଼ିଲା ରହିବ। ପ୍ରତିଯୋଗିତାରେ ପରିଶ୍ରମ ଦୁଇ ଗୁଣ ହେବ। ପରିବାରର ସାଥ୍ ମିଳିବ। ବିବାଦ ଠାରୁ ଦୂରରେ ରୁହନ୍ତୁ।

**କର୍କଟ** – ପରିବାର ଓ ସମ୍ପର୍କ ଉପରେ ଧ୍ୟାନ ରହିବ। ପରିଶ୍ରମ ହିସାବରେ ଲାଭ ପାଇବେ। ସମ୍ପର୍କରେ ସୁଧାର ହେବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ। କିନ୍ତୁ ଚିନ୍ତାର କୌଣସି କାରଣ ନାହିଁ।

**ସିଂହ** – ଆଜି ପରିଶ୍ରମର ସିଧା ଫଳ ପାଇବେ। ସଠିକ୍ ଉପାୟରେ କାମ କରିଲେ ଲାଭରେ ରହିବେ। ପ୍ରପର୍ଟି ବା ନୂଆ କାମର ଆରମ୍ଭ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବାର ସଠିକ୍ ସମୟ।

**କନ୍ୟା** – ସବୁ ଘଟଣା ଆଜି ଆପଣଙ୍କ ପକ୍ଷରେ ଯିବ। ପ୍ରପର୍ଟି ବା ଅର୍ଥ ସହିତ ଜଡ଼ିତ ନିଷ୍ପତ୍ତି ଭାବିଚିନ୍ତି ନିଅନ୍ତୁ। ବିଦ୍ୟାର୍ଥୀ ଓ ପେସାଗତଙ୍କ ପାଇଁ ଭଲ ସମୟ। ଅର୍ଥ ଆସିବ କିନ୍ତୁ ଭୁଲ୍ ଜାଗାରେ ଲଗାନ୍ତୁ ନାହିଁ।

**ତୁଳା** – ଆଜି ଭାଗ୍ୟର ସହଯୋଗ ପାଇବେ। କିନ୍ତୁ କର୍ମ କରିବାକୁ ପଡ଼ିବ। ଅଟକିଥିବା କାମ ପୂରା କରିବେ। କାରବାରରେ ସୁଧାର ହେବ। ସମ୍ପର୍କରେ ମିଠାସ୍ ବଢ଼ିବ। ଖୁବ୍ ଭଲ ଅନୁଭବ ପାଇବେ।

**ବିଛା** – ଦିନଟି ବ୍ୟସ୍ତତାରେ ଭରି ରହିବ। ନୂଆ କାମ ଆରମ୍ଭ କରିବେ। ଅର୍ଥ ମାମଲାରେ ଅବହେଳା ନକଲେ ଭଲ। ନୂଆ ପ୍ରୋଜେକ୍ଟସ୍‌ରେ ବ୍ୟସ୍ତ ରହିବେ। ନେଣ-ଦେଣରେ ସାବଧାନ ଜରୁରୀ।

**ଧନୁ** – ଦିନଟି ସନ୍ତୁଳିତ ରହିବେ। ରାଜନୀତି ବା ପବ୍ଲିକ୍ ଡିଲିଂ ସହିତ ଜଡ଼ିତ ଲୋକମାନେ ଲାଭାନ୍ୱିତ ହେବେ। ବଡ଼ ଅବସର ମିଳିପାରେ। ଖର୍ଚ୍ଚ ଓ ସଞ୍ଚୟ ଉପରେ ଧ୍ୟାନ ଦିଅନ୍ତୁ। ଜୀବନସାଥିର ସହଯୋଗ ପାଇବେ।

**ମକର** – ଘରର ପରିବେଶ ପାଇଁ ଚାପଗ୍ରସ୍ତ ରହିବେ। ଭୟ କରି ପଳାୟନ କରିବା ଅନୁଚିତ। ବିରୋଧୀଙ୍କ ସହିତ ସାବଧାନ ରୁହନ୍ତୁ। ଅର୍ଥ ଆସିବ କିନ୍ତୁ ଖର୍ଚ୍ଚ ବଢ଼ିବ। ସମ୍ପର୍କରେ ଉତ୍ଥାନ-ପତନ ଆସିବ।

**କୁମ୍ଭ** – ଘରୋଇ କାମରେ ବ୍ୟସ୍ତ ରହିବେ। ପାଠପଢ଼ାରେ ଢ଼ିଲା ମାରିଲେ କ୍ଷତି ସହିବେ। ସମ୍ପତ୍ତିରୁ ଲାଭ ପାଇବେ। ପରିବାରରେ ଖୁସିର ପରିବେଶ ରହିବ। କିନ୍ତୁ ଅଳସୁଆମି କରନ୍ତୁ ନାହିଁ।

**ମୀନ** – ଦିନଟି ଭଲରେ ବିତିବ। କିନ୍ତୁ ଅଧିକ ଆତ୍ମ-ବିଶ୍ୱାସ ନଦେଖେଇଲେ ଭଲ। ନିବେଶରୁ ଲାଭ ମିଳିପାରେ। କାମରୁ ସଫଳତା ପାଇବେ। ସଠିକ୍ ନିବେଶରୁ ବଡ଼ ଲାଭ ପାଇବେ। ସମ୍ପର୍କ ମଜଭୁତ ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍।
ବ୍ରହ୍ମଚର୍ଯ୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ। (୧୭/୧୪)

ଦେବ, ଦ୍ୱିଜ, ଗୁରୁ ଓ ବିଦ୍ୱାନମାନଙ୍କର ପୂଜା ଶୌଚ, ସରଳତା, ବ୍ରାହ୍ମଚର୍ଯ୍ୟ ଓ ଅହିଂସା ଏ ସବୁକୁ ଶାରୀରିକ ତପସ୍ୟା କୁହାଯାଏ। ଅର୍ଥାତ ଅରଣ୍ୟରେ ବାସ କରି ଶରୀରକୁ କଷ୍ଟ ଦେଇ ଜପ କରିବା ଓ ଯୋଗ ଅଭ୍ୟାସ କରିବାକୁ ଗୀତାରେ ତପସ୍ୟା କୁହାଯାଇ ନାହିଁ। ଯଜ୍ଞ ଆଦି କର୍ମ, ବେଦ ଅଧ୍ୟୟନ, ବର୍ଣ୍ଣ ଆଶ୍ରମ କର୍ତ୍ତବ୍ୟକୁ ଭଗବାନ ଏଠାରେ ତପସ୍ୟା ବୋଲି କହିଛନ୍ତି।

# ଶ୍ରମିକ ଦିବସ

**ଶ୍ରମିକମାନଙ୍କ ବିନା ସମାଜର ଅସ୍ତିତ୍ୱ ନାହିଁ। ସମାଜର ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ ଭାବରେ ପରିଚିତ ଏହି ଶ୍ରମିକମାନେ ଦେଶ ପାଇଁ ନିରନ୍ତର ପରିଶ୍ରମ କରନ୍ତି। କୌଣସି ସମାଜ, ଦେଶ, ସଂସ୍ଥା ଓ ଉଦ୍ୟୋଗ ଶ୍ରମିକମାନଙ୍କ ବିନା ଅସମ୍ପୂର୍ଣ୍ଣ ବୋଲି କୁହାଯାଇପାରେ। ଏମାନେ ହେଉଛନ୍ତି ଦେଶର ମେରୁଦଣ୍ଡ।**



ଆମେରିକାର ପଶ୍ଚିମୀ ଦେଶଗୁଡ଼ିକରେ ୧୮୮୦ ଦଶକ ଥିଲା ଔଦ୍ୟୋଗୀକରଣର ସମୟ। ସେ ସମୟରେ ଶ୍ରମିକମାନେ ୧୫-୧୫ ଘଣ୍ଟା ଧରି କାମ କରୁଥିଲେ। ସୂର୍ଯ୍ୟୋଦୟରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେମାନଙ୍କୁ କାମ କରିବା ପାଇଁ ବାଧ କରାଯାଉଥିଲା। ଆମେରିକା ଓ କାନାଡ଼ାର ଟ୍ରେଡ୍ ୟୁନିଅନ୍‌ର ସଂଗଠନ ଫେଡେରେସନ ଅଫ୍ ଅର୍ଗାନାଇଜେସନ୍ ଟ୍ରେଡ୍‌ସ ଆଣ୍ଡ୍ ଲେବର୍ ୟୁନିଅନ ସ୍ଥିର କରିଥିଲା ଯେ ୧ ମେ’, ୧୮୮୬ ପରେ ପ୍ରତିଦିନ ଆଠ ଘଣ୍ଟାରୁ ଅଧିକ ସମୟ ଶ୍ରମିକମାନେ କାମ କରିବେ ନାହିଁ। ୧୮୮୬ରେ ଆମେରିକାରେ ହୋଇଥିବା ଏକ ଶ୍ରମିକ ସଂଘ ଆନ୍ଦୋଳନ ଭାବରେ ଶ୍ରମିକ ଦିବସର ଆରମ୍ଭ ହୋଇଥିଲା। ମାର୍କସ୍‌ବାଦୀ ଅନ୍ତଃରାଷ୍ଟ୍ରୀୟ ସମାଜବାଦୀ କଂଗ୍ରେସ ଏକ ପ୍ରସ୍ତାବ ପାରିତ କରିଥିଲା ଯେଉଁଥିରେ କୁହାଯାଇଥିଲା ଯେ ଶ୍ରମିକମାନଙ୍କୁ ଆଠ ଘଣ୍ଟାରୁ ଅଧିକ କାମ କରିବାକୁ ଯେପରି ନପଡ଼େ। ସେବେଠାରୁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ହୋଇଗଲା। ୧୪ ଜୁଲାଇ, ୧୮୮୯ରେ ୟୁରୋପ୍ ଠାରେ ସମାଜବାଦୀ ଦଳଗୁଡ଼ିକର ଅନ୍ତଃରାଷ୍ଟ୍ରୀୟ କଂଗ୍ରେସ ପ୍ୟାରିସ୍ ଶ୍ରମିକମାନଙ୍କ ପାଇଁ ଅନ୍ତଃରାଷ୍ଟ୍ରୀୟ ଏକତା ଓ ଏକଜୁଟତା ଦିବସ ଭାବରେ ୧ ମେ’ ଦିନଟିକୁ ପାଳନ କରିବା ପାଇଁ ଘୋଷଣା କରିଥିଲା ଓ ୧୮୯୦ରୁ ପ୍ରଥମ ଥର ମେ’ ଦିବସ ଭାବରେ ପାଳନ କରାଯାଇଥିଲା। ଆମ ଦେଶରେ ପ୍ରଥମ ଶ୍ରମିକ ଦିବସ ପାଳନ ହୋଇଥିଲା ୧୯୨୩ରେ। ଏହାର ଆରମ୍ଭ ହୋଇଥିଲା ଚେନ୍ନାଇ ଠାରେ। ଲାଲ୍ ପତାକାର ପ୍ରୟୋଗ ମଧ୍ୟ ସେହି ସମୟରେ ଆମ ଦେଶରେ ପ୍ରଥମ ଥର ବ୍ୟବହାର କରାଯାଇଥିଲା। ହିନ୍ଦୁସ୍ତାନର ଶ୍ରମିକ କୃଷକ ପାର୍ଟି ଦ୍ୱାରା ପାଳନ କରାଯାଉଥିବା ଏହି ଦିନଟିକୁ କମ୍ୟୁନିଷ୍ଟ ନେତା ମଲୟାପୁରମ୍ ସିଙ୍ଗାରାଭେଲୁ ଚେଟ୍ଟିୟାର ସରକାର ରାଷ୍ଟ୍ରୀୟ ଅବକାଶ ଘୋଷିତ କରିବା ପାଇଁ ଅନୁରୋଧ କରିଥିଲେ। ଏହା ଶ୍ରମିକମାନଙ୍କର ପ୍ରୟାସ ଓ କାର୍ଯ୍ୟଗୁଡ଼ିକୁ ସମ୍ମାନ ଦେବାର ପ୍ରତୀକ ଥିଲା। ତେବେ ଆମେରିକା ଓ କାନାଡ଼ାରେ ଶ୍ରମିକ ଦିବସ ସେପ୍ଟେମ୍ବର ମାସର ପ୍ରଥମ ସୋମବାର ଦିନ ପାଳନ କରାଯାଏ।

# ବ୍ରହ୍ମାଣ୍ଡର
## ରଚନା କେବେ ହୋଇଥିଲା !



ଆଧୁନିକ ବିଜ୍ଞାନର ସଂସ୍ଥାପକ ଓ ଜଣାଶୁଣା ଜର୍ମାନ ଗଣିତଜ୍ଞ, ଆଷ୍ଟ୍ରୋନୋମର ଜୋହାନେସ୍ କେପ୍ଲରଙ୍କ ଅନୁସାରେ ଖ୍ରୀ.ପୂ ୪୯୭୭, ୨୭ ଏପ୍ରିଲ୍‌ରେ ବ୍ରହ୍ମାଣ୍ଡର ରଚନା ହୋଇଥିଲା। କେପ୍ଲର୍ ଗ୍ରହଗୁଡ଼ିକର ଗତିର ବ୍ୟାଖ୍ୟା କରୁଥିବା ନିଜ ସିଦ୍ଧାନ୍ତଗୁଡ଼ିକ ପାଇଁ ବେଶ୍ ଜଣାଶୁଣା। ଗ୍ରହଗୁଡ଼ିକର ଗତିର ବ୍ୟାଖ୍ୟା କରି ସେ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ୨୭ ଏପ୍ରିଲ୍ ଦିନ ବ୍ରହ୍ମାଣ୍ଡର ରଚନା ହୋଇଥିଲା। କିନ୍ତୁ ଶହ ଶହ ବର୍ଷ ପରେ ଊନବିଂଶ ଶତାବ୍ଦୀରେ କେପ୍ଲରଙ୍କ ଏହି ଗଣନା ଭୁଲ୍ ସାବ୍ୟସ୍ତ ହୋଇଥିଲା। ସେ ଗ୍ରହଗୁଡ଼ିକର ବ୍ୟବସ୍ଥା ସମ୍ବନ୍ଧୀୟ କୋପର୍‌ନିକସ୍‌ଙ୍କ ସିଦ୍ଧାନ୍ତଗୁଡ଼ିକର ଅଧ୍ୟୟନ କରିଥିଲେ। କୋପର୍‌ନିକସ୍‌ଙ୍କ କହିବା ଅନୁସାରେ ସୌରମଣ୍ଡଳର କେନ୍ଦ୍ର ପୃଥିବୀ ନୁହେଁ, ସୂର୍ଯ୍ୟ। ଏହି ସିଦ୍ଧାନ୍ତ ସେ ସମୟରେ ପ୍ରଚଳିତ ମତର ବିପରୀତରେ ଥିଲା ଯେଉଁଥିରେ ସୂର୍ଯ୍ୟ, ପୃଥିବୀର ଚତୁଃପାର୍ଶ୍ୱରେ ଘୂରି ବୁଲୁଛନ୍ତି ବୋଲି କୁହାଯାଉଥିଲା। କେପ୍ଲର୍ ନିଜ ସମୟର ମହାନ ଖଗୋଳୀୟ ବୈଜ୍ଞାନିକ ଥିଲେ। ସେ ନିଜର ଗଣନା ଅନୁସାରେ ବ୍ରହ୍ମାଣ୍ଡର ଉତ୍ପତ୍ତି ସମୟ ବିଷୟରେ ସନ୍ଧାନ ନେଇଥିଲେ। ସେ ବ୍ରହ୍ମାଣ୍ଡ ରଚନାର ଏକ ତାରିଖ ମଧ୍ୟ ସ୍ଥିର କରିଥିଲେ। ଏହି ସିଦ୍ଧାନ୍ତ ବିରୁଦ୍ଧରେ ବୈଜ୍ଞାନିକମାନେ ବିଗ୍ ବ୍ୟାଙ୍ଗ ସିଦ୍ଧାନ୍ତ ବିକଶିତ କରିଥିଲେ ଯେଉଁଥିରେ ଜଣାପଡ଼ିଥିଲା ଯେ ଏହି ଗଣନା ଭୁଲ୍ ଥିଲା। ୧୬୦୯ରେ କେପ୍ଲର୍ ଗ୍ରହଗୁଡ଼ିକର ଗତି ବିଷୟରେ ନିଜର ତିନୋଟି ନିୟମଗୁଡ଼ିକ ମଧ୍ୟରୁ ପ୍ରଥମ ଦୁଇଟି ନିୟମ ପ୍ରକାଶିତ କରିଥିଲେ। ସେଥିରେ କୁହାଯାଇଥିଲା ଯେ ଗ୍ରହମାନେ, ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ବୃତ୍ତାକାର ଭାବରେ ନୁହେଁ, ଦୀର୍ଘ ବୃତ୍ତାକାର ଭାବରେ ଘୂରି ବୁଲୁଛନ୍ତି ଓ ସୂର୍ଯ୍ୟଙ୍କ ନିକଟକୁ ଆସିବା ପରେ ଗ୍ରହଗୁଡ଼ିକର ଗତି ବୃଦ୍ଧି ହୋଇଯାଉଛି ଓ ସୂର୍ଯ୍ୟଙ୍କ ଠାରୁ ଦୂରକୁ ଯିବା ପରେ ଧୀମା ହୋଇଯାଉଛି। ତାଙ୍କର ତୃତୀୟ ନିୟମ ଅନୁସାରେ ଗଣିତୀୟ ସିଦ୍ଧାନ୍ତଗୁଡ଼ିକର ଉପଯୋଗ କରି ସୂର୍ଯ୍ୟଙ୍କୁ ପରିକ୍ରମା କରିବାରେ ଗ୍ରହଗୁଡ଼ିକରୁ ନିଆଯାଇଥିବା ସମୟ ଓ ସୂର୍ଯ୍ୟଙ୍କ ଠାରୁ ଗ୍ରହଗୁଡ଼ିକର ହାରାହାରି ଦୂରତା ମଧ୍ୟରେ ସମ୍ବନ୍ଧ ସ୍ଥାପିତ କରାଯାଇଥିଲା।

# ପ୍ରଶିକ୍ଷଣ ନେବେ ବିକି







ଅଭିନେତା ବିକି କୌଶଲ ତାଙ୍କର ୧୧ ବର୍ଷର କ୍ୟାରିୟର୍ ମଧ୍ୟରେ ଅନେକଗୁଡ଼ିଏ ବଡ଼ ବଡ଼ ଫିଲ୍ମରେ କାମ କରିଛନ୍ତି। ତାଙ୍କ ପାଖରେ ଏପରି ଏକ ପ୍ରୋଜେକ୍ଟ ରହିଛି ଯେଉଁଥି ପାଇଁ ସେ ନିଜ ସମୟରୁ ଖର୍ଚ୍ଚ କରିବେ ୧୮ ମାସ। ପ୍ରଥମ ଛଅ ମାସରେ ସେ ନିଜକୁ ପ୍ରସ୍ତୁତ କରିବେ ଓ ଏକ ବର୍ଷ ଧରି ଫିଲ୍ମର ସୁଟିଂ କାମ କରିବେ। ଏହି ଫିଲ୍ମଟି ହେଉଛି ମ୍ୟାଡକ୍ ବ୍ୟାନର ଅନ୍ତର୍ଗତରେ ନିର୍ମିତ ହେଉଥିବା ଫିଲ୍ମ ‘ମହାବତାର’ ଯେଉଁଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଅମର କୌଶିକ। ତେବେ ଜୁନ୍ ମାସରୁ ପ୍ରସ୍ତୁତି ଆରମ୍ଭ କରିବେ ବିକି। ଏ ସମୟରେ ସଂଜୟ ଲୀଲା ଭଂସାଲୀଙ୍କ ଫିଲ୍ମ ‘ଲଭ୍ ଆଣ୍ଡ ୱାର୍’ରେ କାମ କରୁଛନ୍ତି ବିକି। ଏଥିରେ ତାଙ୍କ ସହିତ ଅଛନ୍ତି ଆଲିଆ ଭଟ୍ଟ ଓ ରନ୍‌ବୀର କପୁର। ଆସନ୍ତା ବର୍ଷ ଜାନୁଆରୀ ୨୧ରେ ଫିଲ୍ମଟି ସିନେମା ଘରଗୁଡ଼ିକରେ ରିଲିଜ ହେବାର ଅଛି। ମେ’ ମାସରେ ଫିଲ୍ମ ‘ଲଭ୍ ଆଣ୍ଡ ୱାର୍’ର ସିଡ୍ୟୁଲ୍ ଆରମ୍ଭ ହେବ ଓ ଜୁନ୍ ଶେଷ ଆଡ଼କୁ ଏହା ଶେଷ ହେବ। ଏହା ମଧ୍ୟରେ ବିକି ଛଅ ମାସର ଟ୍ରେନିଂ ପ୍ରୋଗ୍ରାମର ଅଂଶବିଶେଷ ହେବେ। ଏଥିରେ ତାଙ୍କର ଫିଜିକାଲ୍ ଟ୍ରାନ୍ସଫର୍ମେସନ୍ ଓ ଫିଲ୍ମ ହିସାବରେ ଅଭିନୟର ୱାର୍କସପ୍ ଆରମ୍ଭ ହେବ। ଏହି ପ୍ରଶିକ୍ଷଣ ସମୟରେ ବିକିଙ୍କୁ ତାଙ୍କ ଚରିତ୍ର ଅନୁସାରେ ମନୋବୈଜ୍ଞାନିକ ଓ ଭାବନାତ୍ମକ ଦିଗଗୁଡ଼ିକ ହିସାବରେ ପ୍ରସ୍ତୁତ କରାଯିବ। ଏହି ପ୍ରସ୍ତୁତି ସମୟରେ ଶରୀରକୁ ମଜଭୁତ କରିବା, ଓଜନ ବୃଦ୍ଧି କରିବା ଓ ଖାସ୍ ଅଭିନୟର ୱାର୍କସପ୍ ସାମିଲ ଅଛି। ତେବେ ଏହା ମଧ୍ୟରେ ଯଦି ସମୟ ମିଳିବ ତେବେ ବିକି କୌଣସି ଛୋଟ ପ୍ରୋଜେକ୍ଟ ଉପରେ ମଧ୍ୟ କାମ କରିପାରନ୍ତି।

# ଜନ୍ମରୁ ଗର୍ଭବତୀ ଏଫିଡ୍ସ କୀଟ



ଅଧିକାଂଶ ଜୀବଜଗତରେ ମାଦା ଓ ନର ଜୀବଙ୍କର ମିଳନ ହେଲେ ମାଦା ଜୀବ ଗର୍ଭବତୀ ହେବା ବିଷୟରେ ସମସ୍ତେ ଜାଣନ୍ତି। କିନ୍ତୁ ପ୍ରକୃତିରେ ରହିଛି ଏପରି ଏକ ଜୀବ ଯେଉଁଟି ଏକ ଛୋଟ କୀଟ। ଏହି କୀଟଟି ନିୟମର ଓଲଟା ଦିଗରେ ଚାଲେ। ଏଫିଡ୍ସ ନାମକ ଏହି ଜୀବର ବିଶେଷତା ଏତେ ଅନୋଖା ଯେ ଏହି ଜୀବଟି ଯେକୌଣସି ଲୋକକୁ ଆଶ୍ଚର୍ଯ୍ୟ କରିଦେବ। କାରଣ ଏହି କୀଟ ଜନ୍ମରୁ ଗର୍ଭବତୀ ଥାଏ ଓ ସନ୍ତାନ ଜନ୍ମ କରିବା ପାଇଁ ଏହାକୁ ନର ଜୀବର ଆବଶ୍ୟକ ହୁଏ ନାହିଁ। ଏଫିଡ୍ସ ମଧ୍ୟରେ ଥିବା ଏହି ରୋଚକପୂର୍ଣ୍ଣ ଜୈବିକ ପ୍ରକ୍ରିୟାକୁ ବୈଜ୍ଞାନିକମାନେ ଟେଲିସ୍କୋପିଂ ଜେନେରେସନ୍ ବୋଲି କହନ୍ତି। ଏହାର ଅର୍ଥ ଗୋଟିଏ ଶରୀରରେ କେତେ ପିଢ଼ି ଏକା ସହିତ ଉପସ୍ଥିତ ଥାଆନ୍ତି। ତେଣୁ ଯେତେବେଳେ ଏକ ମାଦା ଏଫିଡ୍ସ ଜନ୍ମ ନିଏ ତା’ ଭିତରେ ପୂର୍ବରୁ ହିଁ ଶିଶୁ କୀଟଟିଏ ଥାଏ। କେବଳ ଏତିକି ନୁହେଁ ସେହି ଶିଶୁ କୀଟ ମଧ୍ୟରେ ବି ପରବର୍ତ୍ତୀ ପିଢ଼ିର ଅଣ୍ଡାର ନିର୍ମାଣ ଆରମ୍ଭ ହୋଇସାରିଥାଏ। ଅର୍ଥାତ ତିନି ପିଢ଼ି ଏକ ସମୟରେ ଗୋଟିଏ ଶରୀର ମଧ୍ୟରେ ରହିଥାନ୍ତି। ଏଫିଡ୍ସର ଆକାର ବହୁତ ଛୋଟ ହୋଇଥାଏ। ଏହି ଜୀବଟି ୧-୨ ମି.ଲି ଲମ୍ବା। ଏହାର ଶରୀର ନରମ ଥାଏ ଓ ମୁଖ୍ୟତଃ ଏହି ଜୀବ ଗଛମାନଙ୍କର ରସ ଶୋଷି ଜୀବିତ ରହେ। ସେଥିପାଇଁ ଫସଲ ଓ ବଗିଚାଗୁଡ଼ିକ ପାଇଁ ଏହା ଖୁବ୍ କ୍ଷତିକାରକ। ଗରମ ଦିନେ ଏମାନଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଏ। ଏମାନଙ୍କର ପ୍ରଜନନ ପ୍ରକ୍ରିୟାକୁ ପାର୍ଥେନୋଜେନେସିସ୍ ବୋଲି କୁହାଯାଏ। ଏହି ପ୍ରକ୍ରିୟା କାରଣରୁ ମାଦା ଏଫିଡ୍ସ ବିନା କୌଣସି ନିଷେଚନରେ ସିଧା ଜୀବିତ ପିଲା ଜନ୍ମ ଦେଇଥାଏ। ଏଥିରେ ବାହ୍ୟ ସ୍ତରରୁ ଅଣ୍ଡାଗୁଡ଼ିକର ନିଷେଚନ ହୁଏ ନାହିଁ, ମାଦା ନିଜ ପିଢ଼ିକୁ ନିଜେ ଜନ୍ମ ଦେବାର କ୍ଷମତା ରଖିଥାଏ। ଏହି କାରଣରୁ ଏମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ। ଏମାନେ ନିଜ ଜୀବନକାଳ ମଧ୍ୟରେ ୫୦-୧୦୦ ପର୍ଯ୍ୟନ୍ତ ପିଲା ଜନ୍ମ କରିପାରନ୍ତି। ପରିସ୍ଥିତି ଯଦି ଅନୁକୂଳ ରହେ ଯଥା-ପର୍ଯ୍ୟାପ୍ତ ଭୋଜନ ଓ ଉପଯୁକ୍ତ ତାପମାତ୍ରା ଆଦି ମିଳିଯାଏ ତେବେ ମାତ୍ର ୩୦ ଦିନ ଭିତରେ ଗୋଟିଏ ଏଫିଡ୍ସ ହଜାର ହଜାର ନୁହେଁ ଲକ୍ଷାଧିକ ସଂଖ୍ୟାରେ ନୂଆ ଏଫିଡ୍ସ ସୃଷ୍ଟି କରାଇପାରେ। କିଛି ବୈଜ୍ଞାନିକ ଅଧ୍ୟୟନ କହୁଛି ଯେ ଏହି ସଂଖ୍ୟା କୋଟିଏରେ ବି ପହଞ୍ଚିପାରେ।

## ଦେଶର ବିଶ୍ୱକର୍ମା



ଚିତ୍ତରଞ୍ଜନ ମହାନ୍ତି

ମୋ ଦେଶର ସେବକ ଶ୍ରମିକ
ସୁନା ହୁଏ ତା’ ହାତର ସ୍ପର୍ଶ
ଆମରି ଦେଶର ବିଶ୍ୱକର୍ମା
କୁଶଳୀ କର୍ମୀ କରିତ୍‌କର୍ମା।
ନିଜ ହାତରେ ଗଢେ ସହର
ସୁରମ୍ୟ ପ୍ରାସାଦ, ଉଦ୍ୟାନ, ପଥ
ନିଜେ ରହେ ଉପାନ୍ତ ଅଞ୍ଚଳ
ଭଙ୍ଗା ଘରେ ଦୃଶ୍ୟ ତାରା ଚନ୍ଦ୍ର।
ରକତ ନିଗାଡ଼ି ଗଢେ ଦେଶ
ସମାଜରେ ସେ’ ଅବହେଳିତ
ଆଜି ଚିନ୍ତା କରିବାର ବେଳ
ନଚେତ୍ ବିପ୍ଳବ ସୂତ୍ରପାତ।
ବିକଶିତ ଭାରତ ସପନ
୨୦୪୭ ଆଉ କେତେଦିନ
ଶ୍ରମିକ ଭାଇରେ ! ଲାଗିରହ
ରାମରାଇଜ ସପନ ସତ।
ଶ୍ରମିକ ଏକତା ଜିନ୍ଦାବାଦ
ଦେଶ ପ୍ରଗତି ଛୁଇଁବ ଶୀର୍ଷ
ଦେଶପ୍ରେମ ଭାବ ହୃଦେ ଥିବ
ପାରିବେନି କେହି ରୋକି ପଥ।
ଆଜିର ଦିନେ ନେବା ଶପଥ
ଶ୍ରମିକ ଭାଇ ହୁଅରେ ଠୁଳ
ଆମରି ଭାଗ୍ୟ ଆମରି ହାତେ
ଅସମାନ, ପଛୁଆ ନୁହେଁ କେବେ।

**ରାଣୀତାଳ, ଭଦ୍ରକ**
**ମୋ : ୯୪୩୮୬୭୦୧୫୦**





# ବୁଦ୍ଧ ପୂର୍ଣ୍ଣିମା

ହିନ୍ଦୁ ମାନ୍ୟତା ଅନୁସାରେ ବୈଶାଖ ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁ, ଗୌତମ ବୁଦ୍ଧଙ୍କ ରୂପରେ ନବମ ଅବତାର ନେଇଥିଲେ। ସେଥିପାଇଁ ଏହି ଦିନଟିକୁ ବୁଦ୍ଧ ଜୟନ୍ତୀ ଭାବରେ ପାଳନ କରାଯାଏ। ବୁଦ୍ଧ ପୂର୍ଣ୍ଣିମାକୁ ଭଗବାନ ବୁଦ୍ଧଙ୍କ ଜନ୍ମୋତ୍ସବ ଭାବରେ ବୌଦ୍ଧ ଧର୍ମାବଲମ୍ବୀମାନେ ଶ୍ରଦ୍ଧା ଓ ଆସ୍ଥାର ସହିତ ପାଳନ କରିଥାନ୍ତି। ଏହି ଦିନଟି କେବଳ ତାଙ୍କ ଜନ୍ମର ପ୍ରତୀକ ନୁହେଁ, ଜ୍ଞାନ ପ୍ରାପ୍ତି ଓ ମହାପରିନିର୍ବାଣ ସହିତ ମଧ୍ୟ ଜଡ଼ିତ। ଏଥିପାଇଁ ବୌଦ୍ଧ ଧର୍ମର ଅନୁଗାମୀମାନଙ୍କ ପାଇଁ ଏହି ତିଥି ଅତ୍ୟନ୍ତ ପବିତ୍ର ବୋଲି କୁହାଯାଏ। ଶ୍ରଦ୍ଧାଳୁମାନେ ଏହି ଦିନ ଭଗବାନ ବୁଦ୍ଧଦେବ କହିଥିବା ମାର୍ଗରେ ଯାଇ ମୋକ୍ଷ ଓ ଶାନ୍ତିର କାମନା କରନ୍ତି। ହିନ୍ଦୁମାନେ ଏହି ଦିନଟିକୁ ବୈଶାଖ ପୂର୍ଣ୍ଣିମା ଭାବରେ ପାଳନ କରିବା ସହିତ ସ୍ନାନ-ଦାନ କରିବାକୁ ଶୁଭ ବୋଲି ମାନନ୍ତି। ବୁଦ୍ଧ ପୂର୍ଣ୍ଣିମା ଦିନ ସ୍ନାନ-ଦାନର ଶୁଭ ମୁହୂର୍ତ୍ତ ଭୋର୍ ୪.୧୫ ମିନିଟ୍‌ରୁ ଆରମ୍ଭ ହୋଇ ୪.୫୮ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଏ ସମୟରେ କରାଯାଇଥିବା ସ୍ନାନ-ଦାନକୁ ଶାସ୍ତ୍ରଗୁଡ଼ିକରେ ବହୁତ ଶକ୍ତିଶାଳୀ ବୋଲି କୁହାଯାଇଛି। ଏହାପରେ ଯେଉଁ ସ୍ନାନ କରାଯାଏ ତାକୁ ରାକ୍ଷସ ସ୍ନାନ ବୋଲି କୁହାଯାଏ। ସେଥିପାଇଁ ପୂର୍ଣ୍ଣିମା ଦିନ ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରିବା ପାଇଁ କୁହାଯାଇଛି। ଭଗବାନ ବୁଦ୍ଧଦେବଙ୍କୁ ଏହି ଦିନ ବୋଧି ପ୍ରାପ୍ତ ହୋଇଥିବାରୁ ଏହାକୁ ଆଧ୍ୟାତ୍ମିକ ପୁନର୍ଜନ୍ମ ବୋଲି କୁହାଯାଏ। ପୌରାଣିକ କଥା ଅନୁସାରେ ଭଗବାନ ବୁଦ୍ଧ ଏକ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ। ରାଜସୀ ଜୀବନ ତ୍ୟାଗ କରି ସେ ସତ୍ୟର ଅନ୍ୱେଷଣ ପାଇଁ କଠିନ ତପସ୍ୟା କରିଥିଲେ। ବର୍ଷ ବର୍ଷର ସାଧନା ପରେ ବୈଶାଖ ପୂର୍ଣ୍ଣିମା ଦିନ ତାଙ୍କର ଜ୍ଞାନ ପ୍ରାପ୍ତି ହୋଇଥିଲା ଓ ସେ ‘ବୁଦ୍ଧଦେବ’ ନାମରେ ପ୍ରସିଦ୍ଧ ହୋଇଥିଲେ।

**ସନ୍ଦେଶ-ଭଗବାନ ବୁଦ୍ଧଦେବଙ୍କ ମୁଖ୍ୟ ସନ୍ଦେଶ ଶାନ୍ତି, କରୁଣା, ଅହିଂସା ଓ ଆତ୍ମ-ଜ୍ଞାନ ଉପରେ ଆଧାରିତ। ଶାନ୍ତି ମନୁଷ୍ୟ ଭିତରେ ରହିଛି, ଏହାକୁ ବାହାରେ ଖୋଜିବାର ଆବଶ୍ୟକତା ନାହିଁ ବୋଲି ସେ ଶିକ୍ଷା ଦେଇଥିଲେ। ମଧ୍ୟମ ମାର୍ଗକୁ ଆପଣାଇବା ଓ ଅଷ୍ଟାଙ୍ଗିକ ମାର୍ଗ ଦ୍ୱାରା ଦୁଃଖଗୁଡ଼ିକରୁ ମୁକ୍ତି ଓ ନିର୍ବାଣ ପ୍ରାପ୍ତ କରିବା ପାଇଁ ସେ ସନ୍ଦେଶ ଦେଇଛନ୍ତି। ତାଙ୍କର ପ୍ରମୁଖ ସନ୍ଦେଶ ଓ ସିଦ୍ଧାନ୍ତଗୁଡ଼ିକ ମଧ୍ୟରେ ରହିଛି ଚାରୋଟି ଆର୍ଯ୍ୟ ସତ୍ୟ। ତାଙ୍କର ମୂଳ ସନ୍ଦେଶ ହେଉଛି-**

**ଆତ୍ମ**-ବିଜୟ-ସବୁଠାରୁ ବଡ଼ ବିଜୟ ସ୍ୱୟଂ ଉପରେ ନିୟନ୍ତ୍ରଣ କରିବା।

ପ୍ରେମ ଓ କରୁଣା-କ୍ରୋଧକୁ ପ୍ରେମ ଦ୍ୱାରା ଓ ପାପକୁ ସଦାଚାର ଦ୍ୱାରା ବିଜୟ ପ୍ରାପ୍ତ କର।

**ବର୍ତ୍ତମାନରେ ବଞ୍ଚିବା**-ଅତୀତ କଥାରେ ଘାଣ୍ଟି ନହୋଇ, ଭବିଷ୍ୟତର ସ୍ୱପ୍ନ ନଦେଖି, କେବଳ ବର୍ତ୍ତମାନ ଉପରେ ଧ୍ୟାନ କେନ୍ଦ୍ରିତ କର।

**ଆଚରଣର ଶୁଦ୍ଧତା**- ଉଚ୍ଚ ଜୀବନ ସ୍ତର ନୁହେଁ, ଉଚ୍ଚ ଆଚରଣ (ନୈତିକତା) ସୁଖର ମୂଳ ମନ୍ତ୍ର ଅଟେ।

**ଅହିଂସା**- ସମସ୍ତ ପ୍ରାଣୀମାନଙ୍କ ପ୍ରତି ଦୟାଭାବ ରଖିବା ଉଚିତ।

# ମହାରାଷ୍ଟ୍ର ଓ ଗୁଜରାଟ ସ୍ଥାପନା ଦିବସ





‘ବମ୍ବେ ପୁନର୍ଗଠନ ଅଧିନିୟମ ୧୯୬୦’ ଦ୍ୱାରା ବମ୍ବେ ରାଜ୍ୟକୁ ବିଭାଜିତ କରି ମହାରାଷ୍ଟ୍ର ଓ ଗୁଜରାଟ ନାମକ ଦୁଇଟି ରାଜ୍ୟର ଗଠନ କରାଗଲା। ଆଜି ଏହି ଦୁଇଟି ରାଜ୍ୟର ସ୍ଥାପନା ଦିବସ। ଦେଶ ସ୍ୱାଧୀନ ହେବା ସମୟରେ ଏ ଦୁଇଟି ରାଜ୍ୟ ବମ୍ବେ ପ୍ରଦେଶର ଅଂଶବିଶେଷ ଥିଲେ। ଏମାନଙ୍କର ଅଲଗା ଅସ୍ତିତ୍ୱ ନଥିଲା। ସେ ସମୟରେ ବମ୍ବେ ପ୍ରଦେଶରେ ମରାଠୀ ଓ ଗୁଜରାଟୀ ଭାଷା କହୁଥିବା ଲୋକମାନଙ୍କର ସଂଖ୍ୟା ଅଧିକ ଥିବାରୁ ପରେ ଏହି ଭାଷାଗୁଡ଼ିକ ଆଧାରରେ ଅଲଗା ଅଲଗା ରାଜ୍ୟ ପାଇଁ ଦାବି କରାଗଲା। ରାଜ୍ୟଗୁଡ଼ିକର ପୁନର୍ଗଠନ ଅଧିନିୟମ ୧୯୫୬ ଅନ୍ତର୍ଗତ କେତେକ ରାଜ୍ୟର ଗଠନ କରାଯାଇଥିଲା। ଏହି ଅଧିନିୟମ ଅନ୍ତର୍ଗତ କନ୍ନଡ଼ ଭାଷୀ ଲୋକମାନଙ୍କୁ କର୍ଣ୍ଣାଟକ ରାଜ୍ୟ, ତେଲୁଗୁ ଭାଷା କହୁଥିବା ଲୋକମାନଙ୍କୁ ଆନ୍ଧ୍ରପ୍ରଦେଶ ରାଜ୍ୟ ମିଳିଥିଲା। ସେହିପରି ମାଲାୟାଲମ୍ ଭାଷୀଙ୍କ ପାଇଁ କେରଳ ଓ ତାମିଲ୍ କହୁଥିବା ଲୋକମାନଙ୍କ ପାଇଁ ତାମିଲନାଡୁ ରାଜ୍ୟର ସ୍ଥାପନା କରାଯାଇଥିଲା। କିନ୍ତୁ ମରାଠୀ ଓ ଗୁଜରାଟୀ ଭାଷାଭାଷୀଙ୍କୁ ଅଲଗା ରାଜ୍ୟ ମିଳି ନଥିବାରୁ ସେଠିକାର ଅଧିବାସୀମାନେ ଆନ୍ଦୋଳନ କରୁଥିଲେ। ୧୯୬୦ରେ ପୃଥକ୍ ଗୁଜରାଟ ରାଜ୍ୟର ଦାବିକୁ ନେଇ ମହାଗୁଜରାଟ ଆନ୍ଦୋଳନ ଆରମ୍ଭ ହୋଇଥିଲା ଓ ସଂଯୁକ୍ତ ମହାରାଷ୍ଟ୍ର ସମିତିର ଗଠନ କରି ମହାରାଷ୍ଟ୍ର ରାଜ୍ୟ ଦାବି କରାଗଲା। ଏହାପରେ ୧ ମେ’, ୧୯୬୦ରେ ଦେଶର ତତ୍କାଳୀନ ନେହେରୁ ସରକାର ବମ୍ବେ ପ୍ରଦେଶକୁ ଦୁଇଟି ରାଜ୍ୟରେ ମହାରାଷ୍ଟ୍ର ଓ ଗୁଜରାଟ ଭାବରେ ବିଭାଜିତ କରିଦେଇଥିଲେ। କିନ୍ତୁ ଦୁଇ ରାଜ୍ୟ ବମ୍ବେକୁ ନେଇ ଲଢ଼ିବା ଆରମ୍ଭ କଲେ। ଶେଷରେ ବମ୍ବେକୁ ମହାରାଷ୍ଟ୍ରର ରାଜଧାନୀ ଭାବରେ ମାନ୍ୟତା ମିଳିଲା। ମହାରାଷ୍ଟ୍ର ସରକାର ଏହିଦିନ ଶିବାଜୀ ପାର୍କରେ ପ୍ୟାରେଡ୍‌ର ଆୟୋଜନ କରନ୍ତି। କେବଳ ଏତିକି ନୁହେଁ ରାଜ୍ୟର ମୁଖ୍ୟମନ୍ତ୍ରୀ ‘ହୁତାତ୍ମା ଚୌକ’ ଠାରେ ମହାରାଷ୍ଟ୍ର ରାଜ୍ୟର ସ୍ଥାପନା ପାଇଁ ପ୍ରାଣବଳି ଦେଇଥିବା ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ବିଧି ରହି ଆସିଛି।



**ଆଜିର ମ୍ୟାଚ୍**

ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଜୟପୁର

### ଡ୍ରେସିଂ ରୁମ୍‌ରେ ଇ-ସିଗାରେଟ୍ ଟାଣିବା ମାମଲା

## ରିୟାନ୍‌ଙ୍କୁ ୨୫% ମ୍ୟାଚ୍ ଫି' ଜୋରିମାନା



**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:** ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ଚଳିତ ଆଇପିଏଲ୍‌ର ୪୦ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ କ୍ୟାପ୍ଟେନ୍ ରିୟାନ୍ ପରାଗ ଆଇପିଏଲ୍ ଆଚାର ସଂହିତା ଉଲ୍ଲଂଘନରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମ୍ୟାଚ୍ ରେଫରି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜୋରିମାନା ଓ ପେନାଲ୍ଟି ପଏଣ୍ଟ ଲଗାଇଛନ୍ତି। ମ୍ୟାଚ୍‌ର ରାଜସ୍ଥାନ ଇନିଂସ୍ ଅବସରରେ ପରାଗ ଡ୍ରେସିଂ ରୁମ୍‌ରେ ଇ-ସିଗାରେଟ୍ ଟାଣୁଥିବା ଦେଖିବାକୁ ମିଳିଥିଲା। ସେ ଆଚାର ସଂହିତାର ଲେଭଲ୍-୧ ଉଲ୍ଲଂଘନରେ ଦୋଷୀ ହୋଇଛନ୍ତି। ଖେଳକୁ ବଦନାମ କରିବା ଆଚରଣ ସମ୍ବନ୍ଧିତ ଧାରା ୨.୨୧ର ସେ ଉଲ୍ଲଂଘନ କରିଛନ୍ତି। ମ୍ୟାଚ୍ ରେଫରି ଅମିତ୍ ଶର୍ମା ଏହି ମାମଲାରେ ପରାଗଙ୍କୁ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜୋରିମାନା କରିବା ସହିତ ତାଙ୍କ ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଡ଼ିଛନ୍ତି। ପରାଗ ନିଜ ଭୁଲ ସ୍ୱୀକାର କରିବା ସହିତ ଦଣ୍ଡ ଗ୍ରହଣ କରିଛନ୍ତି।

## ରୋହିତଙ୍କ ଜନ୍ମଦିନରେ ପତ୍ନୀ ରିତିକାଙ୍କ ଭାବୁକ ପୋଷ୍ଟ



**ମୁମ୍ବାଇ,୩୦।୪/ଏଜେନ୍ସି:** ମହାନ୍ ଭାରତୀୟ କ୍ରିକେଟର୍ ତଥା ମୁମ୍ବାଇ ଇଣ୍ଡିଆନ୍ସକୁ ପାଞ୍ଚଥର ଆଇପିଏଲ୍ ଟ୍ରଫି ଜିତାଇଥିବା କ୍ୟାପ୍ଟେନ୍ ରୋହିତ ଶର୍ମା ଆଜି (ଗୁରୁବାର) ନିଜର ୩୯ତମ ଜନ୍ମଦିନ ପାଳିଛନ୍ତି। ଏହି ସ୍ୱତନ୍ତ୍ର ଅବସରରେ ସୋସିଆଲ୍ ମିଡିଆରୁ ଆରମ୍ଭ କରି ଖେଳ ଜଗତ ହିଟ୍‌ମ୍ୟାନ୍‌ଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରଶଂସକ ଏବଂ ଟିମ୍ ସାଥୀଙ୍କ ସହିତ ନିକଟତମ ବନ୍ଧୁଙ୍କ ପକ୍ଷରୁ ତାଙ୍କୁ ଖୁବ୍ ଶୁଭେଚ୍ଛା ବାର୍ତ୍ତା ମିଳିଥିବା ବେଳେ ଏହା ମଧ୍ୟରେ ତାଙ୍କ ପତ୍ନୀ ରିତିକା ସଜଦେହଙ୍କ ବାର୍ତ୍ତା ସବୁଠୁ ସ୍ୱତନ୍ତ୍ର। ରିତିକା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭାବୁକ ନୋଟ୍ ଶେୟାର୍ କରି ରୋହିତଙ୍କ ସହିତ ନିଜ ସୁନ୍ଦର ସମ୍ପର୍କର ଝଲକ ଉପସ୍ଥାପନ କରିଛନ୍ତି। ସେ ଲେଖିଛନ୍ତି, 'ମୋ ରୋ ତୁମକୁ ଜନ୍ମଦିନର ବହୁତ ଶୁଭକାମନା। ମୁଁ ପ୍ରତି ବର୍ଷ ଏହା କହି ଆସୁଛି ଯେ ତୁମେ ମୋର ସବୁଠୁ ଭଲ ବନ୍ଧୁ, ମୋ ପ୍ରାଣର ଅଂଶବିଶେଷ ଏବଂ ଆମ ସମ୍ପର୍କର ସୁନ୍ଦର ସ୍ୱରୂପ। ଏ ବର୍ଷ ମଧ୍ୟ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ଜନ୍ମରେ ଆମ ପାଖରେ ଯାହା କିଛି ବି ରହିଛି ତାହା ଆମକୁ ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ମିଳୁଥାଉ।'

# ବେଙ୍ଗାଲୁରୁକୁ ୪ ୱିକେଟ୍‌ରେ ହରାଇଲା ଗୁଜରାଟ

**ଅହମଦାବାଦ,୩୦।୪/ଏଜେନ୍ସି:** ଚଳିତ ଆଇପିଏଲ୍‌ର ୪୨ତମ ମ୍ୟାଚ୍‌ରେ ଗୁରୁବାର ଗୁଜରାଟ ଟାଇଟନ୍ସ ୪ ୱିକେଟ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ହରାଇ ଦେଇଛି। ଏହା ସିଜନ୍‌ରେ ଗୁଜରାଟର ପଞ୍ଚମ ବିଜୟ ହୋଇଥିବା ବେଳେ ବେଙ୍ଗାଲୁରୁର ତୃତୀୟ ପରାଜୟ। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ବେଙ୍ଗାଲୁରୁ ପ୍ରଥମେ ୧୯.୨ ଓଭର୍‌ରେ ୧୫୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଗୁଜରାଟ ୧୫.୫ ଓଭର୍‌ରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ସୁୟଶ ଶର୍ମାଙ୍କ ବଲ୍‌ରେ ଚୌକା ମାରି ରଶିଦ୍ ଖାନ୍ ଟିମ୍‌କୁ ବିଜୟୀ କରାଇଛନ୍ତି। ଏହି ମ୍ୟାଚ୍‌ରେ କୌଣସି ବ୍ୟାଟର୍ ଅର୍ଦ୍ଧଶତକ ମଧ୍ୟ ହାସଲ କରିପାରି ନାହାନ୍ତି। ଗୁଜରାଟ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ସର୍ବାଧିକ ୪୩ ରନ୍ କରିଥିବା ବେଳେ ବେଙ୍ଗାଲୁରୁର ଦେବଦତ୍ତ ପାଡିକ୍କଲ୍ ୪୦ ରନ୍‌ର ଇନିଂସ୍ ଖେଳିଥିଲେ।



ଲକ୍ଷ୍ୟର ପିଛା କରୁଥିବା ଗୁଜରାଟ ତୃତୀୟ ଓଭର୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ସାଇ ସୁଦର୍ଶନ ୬ ରନ୍ କରି ଭୁବନେଶ୍ୱର କୁମାରଙ୍କ ଶିକାର ହୋଇଥିଲେ। ଏହାପରେ ଗିଲ୍ (୪୩) ଏବଂ ଜୋସ୍ ବଟ୍‌ଲର୍ (୩୯)ଙ୍କୁ ମଧ୍ୟ ଆଉଟ୍ କରିଥିଲେ। ଶାହରୁଖ୍ ଖାନ୍ ମାତ୍ର ୮ ରନ୍ କରିଥିବା

**ଅର୍ଶଦଙ୍କୁ ୩, ହୋଲ୍ଡର୍‌ଙ୍କୁ ୨ ୱିକେଟ୍; ଶୁଭମନ୍ ଗିଲ୍‌ଙ୍କ ୪୩ ରନ୍**

**ମ୍ୟାଚ୍‌ରେ ହୋଇପାରିଲାନି ଗୋଟିଏ ବି ଅର୍ଦ୍ଧଶତକ**

ବେଳେ ୱାଶିଂଟନ୍ ସୁନ୍ଦର ଓ ଜେସନ୍ ହୋଲ୍ଡର ୧୨-୧୨ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ରାହୁଲ ତେୱତିଆ (୨୭*) ଓ ରଶିଦ୍ ଖାନ୍ (୭*) ଟିମ୍‌କୁ ୨୫ ବଲ୍ ପୂର୍ବରୁ ବିଜୟ ଦେଇଥିଲେ। ବେଙ୍ଗାଲୁରୁ ପକ୍ଷରୁ ଭୁବନେଶ୍ୱର କୁମାର ୩ଟି, ରୋମାରିଓ ଶେଫର୍ଡ ୨ଟି ଏବଂ ସୁୟଶ ଶର୍ମା ଗୋଟିଏ ୱିକେଟ୍ ନେଇଥିଲେ।

ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ବେଙ୍ଗାଲୁରୁ ୧୯.୨ ଓଭର୍‌ରେ ୧୫୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦେବଦତ୍ତ ପାଡିକ୍କଲ୍ ୨୪ ବଲ୍‌ରେ ୫ ଚୌକା ଓ ଦୁଇ ଛକା ସହାୟତାରେ ସର୍ବାଧିକ ୪୦ ରନ୍ କରିଥିଲେ। ବିରାଟ କୋହଲି ୨୮ ରନ୍‌ର ଯୋଗଦାନ ଦେଇଥିଲେ। ସେ କାଗିସୋ ରବାଡାଙ୍କ ପ୍ରଥମ ଓଭର୍‌ରେ ଲଗାତାର ୫ ଚୌକା ମାରିଥିଲେ। ତେବେ ରବାଡ଼ାଙ୍କ ପରବର୍ତ୍ତୀ ଓଭର୍‌ରେ ଆଉଟ୍ ହୋଇଥିଲେ। କ୍ୟାପ୍ଟେନ୍ ରଜତ ପାଟିଦାର ମାତ୍ର ୧୯ ରନ୍ କରି ଆଉଟ୍ ହୋଇଥିଲେ। ରୋମାରିଓ ଶେଫର୍ଡ ୧୭, ଭେଙ୍କଟେଶ ଆୟର୍ ୧୨ ରନ୍ କରିଥିଲେ। ଭୁବନେଶ୍ୱର କୁମାର ୧୫ ରନ୍ କରି ଅପରାଜିତ ଫେରିଥିଲେ। ଗୁଜରାଟ ପକ୍ଷରୁ ଅର୍ଶଦ୍ ଖାନ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଜେସନ୍ ହୋଲ୍ଡର ଓ ରଶିଦ୍ ଖାନ୍‌ଙ୍କୁ ୨-୨ ସଫଳତା ମିଳିଥିଲା। ମହମ୍ମଦ ସିରାଜ୍ ଓ କାଗିସୋ ରବାଡା ୧-୧ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ।

**ରଘୁବଂଶୀଙ୍କ ଅବ୍‌ଷ୍ଟ୍ରକ୍ଟିଂ ଦ ଫିଲ୍ଡ ଆଉଟ୍**

## ତୃତୀୟ ଅମ୍ପାୟାର୍‌ଙ୍କ ନିଷ୍ପତ୍ତିକୁ ଏମ୍‌ସିସିର ସମର୍ଥନ

**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:** ଚଳିତ ଆଇପିଏଲ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ବ୍ୟାଟର୍ ଅଙ୍ଗକୃଷ ରଘୁବଂଶୀଙ୍କ ଆଉଟ୍‌କୁ ନେଇ ସୋସିଆଲ୍ ମିଡିଆରେ ନୂଆ ଚର୍ଚ୍ଚା ଆରମ୍ଭ କରିଛି। ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ରଘୁବଂଶୀ ଯେଉଁ ପ୍ରକାର ଆଉଟ୍ ହେଲେ, ତାକୁ ନେଇ ବହୁ ପ୍ରଶ୍ନ ଉଠିଥିଲା। ଏବେ କ୍ରିକେଟ୍ ନିୟମର ସଂରକ୍ଷକ ଏମ୍‌ସିସି ସ୍ପଷ୍ଟ କରିଛି ଯେ ଅମ୍ପାୟାର୍‌ଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍ ଏବଂ ରଘୁବଂଶୀ ନିଜ ରାସ୍ତା ବଦଳାଇବା ହିଁ ତାଙ୍କ ବିରୋଧରେ ଯାଇଛି। ଏମ୍‌ସିସି ନିୟମ ୩୭ର ଦୃଷ୍ଟାନ୍ତ ଦେଇ ସ୍ପଷ୍ଟ କରିଛି ଯେ ଯେତେବେଳେ କୌଣସି ବି ବ୍ୟାଟର୍ ଜାଣିଶୁଣି ଫିଲ୍ଡିଂ ଟିମ୍‌ର କାମରେ ବାଧା ସୃଷ୍ଟି କରିଥାନ୍ତି, ସେତେବେଳେ ତାଙ୍କୁ ଆଉଟ୍ ଭାବେ ଧରାଯିବ। ରଘୁବଂଶୀଙ୍କ ମାମଲାରେ ଏମ୍‌ସିସି କହିଛି, ଯେତେବେଳେ କୌଣସି ବ୍ୟାଟର୍ ଦୌଡୁଥିବା ବେଳେ ନିଜ ରାସ୍ତା ବଦଳାଇଥାନ୍ତି କିମ୍ବା ଏପରି ରାସ୍ତା ଚୟନ କରିଥାନ୍ତି, ଯାହା କ୍ରିଜ୍‌ରେ ପହଞ୍ଚିବା ପାଇଁ ସବୁଠୁ ଛୋଟ ରାସ୍ତା ହୋଇନଥାଏ, ସେତେବେଳେ ଏହି ନିୟମ ଅନୁସାରେ ତାହା ଜାଣିଶୁଣି କରାଯାଇଥିବା କାର୍ଯ୍ୟ ବୋଲି କୁହାଯିବ। ରଘୁବଂଶୀ ପ୍ରଥମେ ଅଫ୍ ସାଇଡ୍‌ରେ ଥିଲେ ଏବଂ ପୁଣି ଅଚାନକ ପିଚ୍ ମଝିକୁ ଆସି ଲେଗ୍ ସାଇଡ୍ ଆଡ଼କୁ ବୁଲିଥିଲେ। ଯାହା ଫଳରେ ସେ ବଲ୍ ଏବଂ ୱିକେଟ୍ ମଝିକୁ ଚାଲିଆସିଥିଲେ। କ୍ରିକେଟ୍ ନିୟମ ଅନୁସାରେ ରଘୁବଂଶୀ ଯଦି କେବଳ ଅଫ୍ ସାଇଡ୍‌ରେ ଦୌଡ଼ିଥାନ୍ତେ ଏବଂ ବଲ୍ ତାଙ୍କୁ ବାଜିଥାନ୍ତି, ତେବେ ତାଙ୍କୁ ଆଉଟ୍ ଦିଆଯାଇପାରି ନଥାନ୍ତା। ସେହିପରି ପ୍ରଥମରୁ ଲେଗ୍ ସାଇଡ୍‌ରେ ରହି ସିଧା ଫେରିଥାନ୍ତେ, ତେବେ ତାଙ୍କୁ ଆଉଟ୍ ଦିଆଯାଇନଥାନ୍ତା। କିନ୍ତୁ ତାଙ୍କର ପିଚ୍ ମଝିରେ ରାସ୍ତା ବଦଳାଇବା ଥ୍ରୋ ରୋକିବା କିମ୍ବା ଏଥିରେ ବାଧା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିବା ସାବ୍ୟସ୍ତ କରୁଛି। ଏହି କାରଣରୁ ତାଙ୍କୁ ପଡ଼ିଆରେ ବାଧା ସୃଷ୍ଟି କରିବାରେ ଦୋଷୀ ଭାବେ ଗ୍ରହଣ କରାଯାଇଛି।

## ଇଟିପିଏଲ୍‌ରେ ଟିମ୍ କିଣିଲେ ଜଣ୍ଟି ରୋଡ୍ସ, ଡୁ ପ୍ଲେସିସ୍ ଓ କ୍ଲାସେନ୍

**ନୂଆଦିଲ୍ଲୀ,୩୦।୪/ଏଜେନ୍ସି:** ସାଉଥ୍ ଆଫ୍ରିକାର ତିନି ମହାନ୍ କ୍ରିକେଟର୍ ଜଣ୍ଟି ରୋଡ୍ସ, ଫାଫ୍ ଡୁ ପ୍ଲେସିସ୍ ଏବଂ ହେନ୍‌ରିକ୍ କ୍ଲାସେନ୍ ୟୁରୋପିଆନ୍ ଟି-୨୦ ପ୍ରିମିୟର୍ ଲିଗ୍ (ଇଟିପିଏଲ୍)ରେ ରୋଟରଡାମ୍ ଟିମ୍ କିଣିଛନ୍ତି। ଡୁପ୍ଲେସିସ୍ ଫ୍ରାଞ୍ଚାଇଜିର ସହମାଲିକ ସହିତ ଉଦ୍‌ଘାଟନ ସିଜନ୍‌ରେ ଟିମ୍‌ର ନେତୃତ୍ୱ ମଧ୍ୟ କରିବେ। ଇଟିପିଏଲ୍ ୟୁରୋପର ପ୍ରଥମ ଆଇସିସି ମାନ୍ୟତାପ୍ରାପ୍ତ ଟି-୨୦ ଲିଗ୍। ଏହାର ପ୍ରଥମ ସିଜନ୍ ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ କରାଯିବ। ଲିଗ୍‌ର ମ୍ୟାଚ୍ ୟୁରୋପର ଛଅ ପ୍ରମୁଖ ସହରରେ ଖେଳାଯିବ। ରୋଟରଡାମ୍ ଫ୍ରାଞ୍ଚାଇଜି ଉଦ୍‌ଘାଟନୀ ସିଜନ୍‌ର ପ୍ରଥମ ଛଅ ଟିମ୍ ମଧ୍ୟରୁ ଅନ୍ୟତମ। ଅନ୍ୟ ଟିମ୍‌ଗୁଡ଼ିକ ହେଲେ ଗ୍ଲାସ୍‌ଗୋ, ଆମଷ୍ଟରଡାମ୍, ଏଡିନ୍‌ବର, ଡବ୍ଲିନ୍ ଏବଂ ବେଲ୍‌ଫାଷ୍ଟ। ଏହି ଲିଗ୍‌ରେ ପୂର୍ବତନ ଅଷ୍ଟ୍ରେଲୀୟ କ୍ୟାପ୍ଟେନ୍ ଷ୍ଟିଭ୍ ୱା, ସ୍ୱଦେଶର ଗ୍ଲେନ୍ ମାକ୍ସଲେୱ, ନ୍ୟୁଜିଲାଣ୍ଡର କାଇଲ ମିଲ୍ସ ଓ ନାଥନ୍ ମ୍ୟାକୁଲମ୍ ଏବଂ ୱେଷ୍ଟଇଣ୍ଡିଜ୍‌ର କ୍ରିସ୍ ଗେଲ୍ ମଧ୍ୟ ସହ-ମାଲିକ ଅଛନ୍ତି।



### ଆମେରିକାକୁ ଇରାନ୍‌ର ଦୃଢ଼ ଜବାବ

# 'କୌଣସି ପରିସ୍ଥିତିରେ ଆଣବିକ କାର୍ଯ୍ୟ ବନ୍ଦ କରିବୁ ନାହିଁ'

**ତେହେରାନ,ୱାଶିଂଟନ ଡିସି, ୩୦।୪/ଏଜେନ୍ସି:** ଆମେରିକା-ଇରାନ୍ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି। କୌଣସି ପରିସ୍ଥିତିରେ ମଧ୍ୟ ଏହା ଆଣବିକ କାର୍ଯ୍ୟ ବନ୍ଦ କରିବ ନାହିଁ ବୋଲି ଇରାନ୍ ସ୍ପଷ୍ଟ କରିଛି।

**ଦୁଇ ମାସରେ ରାଜକୋଷରୁ ୨୭.୭୩ ଟ୍ରିଲିଅନ୍ ଟଙ୍କା ଖର୍ଚ୍ଚ କରିସାରିଲେଣି ଟ୍ରମ୍ପ**

ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇ ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ, ତାଙ୍କ ଦେଶ ନିଜର ପରମାଣୁ ଏବଂ କ୍ଷେପଣାସ୍ତ୍ର କ୍ଷମତା ପ୍ରୟୋଗରୁ କୌଣସି ପରିସ୍ଥିତିରେ ବି ଓହରିବ ନାହିଁ। ଇରାନର ସରକାରୀ ଟିଭିରେ ତାଙ୍କର ଏହି ଲିଖିତ ବିବୃତ୍ତି ପଢ଼ି ଶୁଣାଯାଇଛି। ଖାମେନେଇ ଆମେରିକାକୁ କଟାକ୍ଷ କରି କହିଛନ୍ତି ଯେ ଆମେରିକାର ସାମରିକ ଶିବିରଗୁଡ଼ିକ ଏତେ ଦୁର୍ବଳ ଯେ ସେଗୁଡ଼ିକ ନିଜର ସୁରକ୍ଷା ମଧ୍ୟ ଠିକ୍ ଭାବେ କରିପାରୁନାହାନ୍ତି। ଏଭଳି ସ୍ଥିତିରେ ସେମାନେ ଏହି ଅଞ୍ଚଳର ଅନ୍ୟ ଦେଶମାନଙ୍କୁ ସୁରକ୍ଷା ଦେବାର ଦାବି କିପରି କରିପାରୁଛନ୍ତି?

ଖାମେନେଇଙ୍କ କହିବାନୁସାରେ ଇରାନ ନିଜର 'ପରମାଣୁ ଏବଂ କ୍ଷେପଣାସ୍ତ୍ର ଶକ୍ତି'କୁ ଦେଶର ସମ୍ପତ୍ତି ବୋଲି ମନେ କରେ ଏବଂ ସବୁ ପରିସ୍ଥିତିରେ ଏହାର ସୁରକ୍ଷା କରିବ। ଆମେରିକା କିମ୍ବା ଅନ୍ୟ କୌଣସି ଦେଶ ବା ସଂଗଠନର ଚାପ ଦ୍ୱାରା ଏହା ପ୍ରଭାବିତ ହେବନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ, ହର୍ମୁଜ ପ୍ରଣାଳୀରେ ଏବେ ଏକ ନୂତନ ଯୁଗ ଆରମ୍ଭ ହୋଇଛି, ଯାହା ଆଗାମୀ ଦିନରେ ଏହି ଅଞ୍ଚଳରେ ଶାନ୍ତି, ପ୍ରଗତି ଏବଂ ଆର୍ଥିକ ଉନ୍ନତି ଆଣିବ। ଇରାନ୍‌ର ଏପ୍ରକାର ସ୍ପଷ୍ଟୀକରଣ ସେତେବେଳେ ସାମ୍ନାକୁ ଆସିଛି ଯେତେବେଳେ ଦିନକ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ



ଟ୍ରମ୍ପଙ୍କ ଏକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ଏହି ଫଟୋରେ ଟ୍ରମ୍ପ ନିଜ ହାତରେ ଏକ ରାଇଫଲ୍ ଧରି ଇରାନ୍‌କୁ ତୁରନ୍ତ ସ୍ମାର୍ଟ ନିଷ୍ପତ୍ତି ନେବାକୁ ତଥା ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାକୁ ଚେତାବନୀ ଦେଉଥିବାର ଦେଖିବାକୁ ମିଳିଥିଲା।

ଗତ ୨୪ ଘଣ୍ଟା ମଧ୍ୟରେ ଅନେକ କିଛି ନୂଆ ଘଟଣା ଘଟିଥିବା ସୂଚନା ମିଳିଛି। ସଦ୍ୟ ସାମ୍ନାକୁ ଆସିଥିବା ସୂଚନାନୁସାରେ ଇରାନ୍ ସହ ଯୁଦ୍ଧରେ ଅର୍ଥାତ୍ ଗତ ୨ ମାସ ମଧ୍ୟରେ ଆମେରିକାର ପ୍ରାୟ ୨୫ ବିଲିୟନ ଡଲାର (୨୩.୭୩ ଟ୍ରିଲିଅନ୍ ଟଙ୍କା) ଖର୍ଚ୍ଚ ହୋଇସାରିଲାଣି। ଏହାପୂର୍ବରୁ ଆମେରିକା ଏତେ ପରିମାଣର ଅର୍ଥ କୌଣସି ଯୁଦ୍ଧ କିମ୍ବା ସାମରିକ ଅପରେସନ୍ ପାଇଁ ଖର୍ଚ୍ଚ କରିନଥିଲା। ପ୍ରଥମ ଥର ପାଇଁ ଆମେରିକା ଯୁଦ୍ଧରେ ହୋଇଥିବା ଖର୍ଚ୍ଚ ବିଷୟରେ ସୂଚନା ପ୍ରଦାନ କରିଛି। ତେବେ ଏହାରି ମଧ୍ୟରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚିଙ୍କ ମଧ୍ୟରେ ଫୋନ୍ ମାଧ୍ୟମରେ ଆଲୋଚନା ହୋଇଛି। ଏହି ବାର୍ତ୍ତାଳାପରେ ଯୁଦ୍ଧବିରତି, ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ପରିସ୍ଥିତି ଉପରେ ଗୁରୁତ୍ୱ ଦିଆଯାଇଛି।

### ସ୍ପଷ୍ଟୀକରଣ ଦେବାକୁ ଆଗକୁ ଆସିଲେ ମମତା

# ବିଜେପି ସପକ୍ଷରେ ଏକ୍‌ଜିଟ୍ ପୋଲ୍ ଫଳାଫଳ ଦର୍ଶାଯାଇଛି

**ନୂଆଦିଲ୍ଲୀ,କୋଲକାତା, ୩୦।୪/ଏଜେନ୍ସି:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସନ୍ଧ୍ୟାରେ ଏକ ଭିଡିଓ ବାର୍ତ୍ତା ଜାରି କରି ଦାବି କରିଛନ୍ତି ଯେ ରାଜ୍ୟରେ ପୁଣିଥରେ ତାଙ୍କ ଦଳ ଅର୍ଥାତ୍ ଟିଏମ୍‌ସି ସରକାର ଗଠନ ହେବ। ମମତା କହିଛନ୍ତି, ଟିଏମ୍‌ସି ବଙ୍ଗଳାର ୨୯୪ଟି ଆସନ ମଧ୍ୟରୁ ୨୨୬ରୁ ଅଧିକ ଆସନ ଜିତି ପୁଣି କ୍ଷମତାକୁ ଫେରିବ। ଏକ୍‌ଜିଟ୍ ପୋଲ୍ ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ମମତା କହିଛନ୍ତି, 'ବିଜେପିର ନିର୍ଦ୍ଦେଶରେ ହିଁ ଏକ୍‌ଜିଟ୍ ପୋଲ୍ ଫଳାଫଳକୁ ଏହାର ସପକ୍ଷରେ ଥିବା ଦେଖାଯାଇଛି, ଯାହାଦ୍ୱାରା ଟିଏମ୍‌ସି କର୍ମୀଙ୍କ ମନୋବଳ ଭଙ୍ଗାଯାଇପାରିବ। ତେବେ ବିଜେପି ଭଲଭାବେ ଜାଣି ରଖିବା ଉଚିତ୍ ଯେ, ଟିଏମ୍‌ସି ଏପରି ଏକ ଦଳ ଯାହାର ମନୋବଳ ଭାଙ୍ଗିବା ଏତେ ସହଜ ନୁହେଁ। ମମତା ଏହି ପରିପ୍ରେକ୍ଷୀରେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ସମୟରେ କେନ୍ଦ୍ରୀୟ ବାହିନୀ ବିଜେପିର ଏଜେଣ୍ଟ ଭାବରେ କାର୍ଯ୍ୟ କରିଛି।



ପଶ୍ଚିମବଙ୍ଗର ସମସ୍ତ ୨୯୪ଟି ଆସନରେ ଏପ୍ରିଲ ୨୩ ଏବଂ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ରେକର୍ଡ ୯୨.୮୪% ମତଦାନ ହୋଇଛି। ସେହିପରି ତାମିଲନାଡୁରେ ଏପ୍ରିଲ ୨୩, କେରଳ, ଆସାମ ଏବଂ ପୁଡୁଚେରୀରେ ଏପ୍ରିଲ ୯ ତାରିଖରେ ମତଦାନ ହୋଇଥିଲା। ମେ' ୪ ତାରିଖରେ ଏ ସମସ୍ତ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ବୁଧବାର ସନ୍ଧ୍ୟାରେ ଏକ୍‌ଜିଟ୍ ପୋଲ୍ ଜାରି ହୋଇଛି। ବଙ୍ଗଳାର ୭ଟି ଏକ୍‌ଜିଟ୍ ପୋଲ୍ ମଧ୍ୟରୁ ୫ଟିରେ ବିଜେପି ଏବଂ ୨ଟିରେ ଟିଏମ୍‌ସି ସରକାର ଗଠନ କରିବାର ଅନୁମାନ କରାଯାଇଛି। ତେବ ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଥିବା ବେଳେ ମମତାଙ୍କ ଏପ୍ରକାର ବୟାନ ସାମ୍ନାକୁ ଆସିଛି।

ସୂଚନାଯୋଗ୍ୟ, ବଙ୍ଗଳାର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି ଯେ ୨୯ ଏପ୍ରିଲରେ ବଙ୍ଗଳାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ୭୭ଟି ଇଭିଏମ୍ ସହ ଛେଡ଼ଛାଡ଼ (ଟାମ୍ପରିଂ) ମାମଲା ସାମ୍ନାକୁ ଆସିଛି। ମେ' ୨ ତାରିଖ ସୁଦ୍ଧା ସେହି ବୁଥ୍‌ଗୁଡ଼ିକରେ ପୁନଃ ମତଦାନ ହେବାର ସଙ୍କେତ ସେ ଦେଇଛନ୍ତି। ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ କହିଛନ୍ତି ଯେ ନିର୍ବାଚନ ଫଳାଫଳ ପରେ ବଙ୍ଗଳାରେ ଟିଏମ୍‌ସି ସହ ମେଣ୍ଟ କରିବା ନେଇ ନିଷ୍ପତ୍ତି ନିଆଯିବ। ଖର୍ଗେ କହିଛନ୍ତି, 'ଏବେ କିଛି କହିବା ଶୀଘ୍ର ହୋଇଯିବ। କଂଗ୍ରେସ ବଙ୍ଗଳାରେ ନିଜକୁ ମଜବୁତ କରିବା ପାଇଁ ଏକାକୀ ଲଢ଼ିଛି।

### ୟୁପି ଓ ବିହାରରେ କାଳବୈଶାଖୀ ବର୍ଷାର କରାଳ ରୂପ

# ପୃଥକ୍ ଘଟଣାରେ ୧୮ ମୃତ, ଅନେକ ଆହତ

**ଲକ୍ଷ୍ନୌ, ପାଟନା, ୩୦।୪/ଏଜେନ୍ସି:** ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ପାଣିପାଗର ଭିନ୍ନ ଭିନ୍ନ ରୂପ ଦେଖିବାକୁ ମିଳିଛି। ପଞ୍ଜାବ, ହରିଆଣା, ଚଣ୍ଡିଗଡ଼, ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଗୁଜରାଟର ଅନେକ ସ୍ଥାନରେ ତାପମାତ୍ରା ୪୦ରୁ ୪୬ ଡିଗ୍ରୀ ମଧ୍ୟରେ ରହିଥିଲା। ତେବେ, ଝଡ଼ ପବନ ଏବଂ ସାମାନ୍ୟ ବର୍ଷା ଯୋଗୁଁ କେତେକ ଅଞ୍ଚଳରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ତେବେ ଉତ୍ତର ପ୍ରଦେଶ ଓ ବିହାର ପ୍ରାନ୍ତରେ ଝଡ ବର୍ଷା ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ଭଳି ଦୁର୍ଭାଗ୍ୟପୂର୍ଣ୍ଣ ସମ୍ବାଦ ସାମ୍ନାକୁ ଆସିଛି। କେବଳ ଉତ୍ତର ପ୍ରଦେଶରେ ଝଡ଼-ବର୍ଷା ଯୋଗୁଁ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସୁଲତାନପୁରରେ ସର୍ବାଧିକ ୭ ଜଣ ପ୍ରାଣ ହରାଇଛନ୍ତି। ସେହିପରି ବିହାରରେ ମଧ୍ୟ ୫ ଜଣଙ୍କର ମୃତ୍ୟୁ ହୋଇଛି। ପାଟନାରେ ପ୍ରବଳ ପବନ ଯୋଗୁଁ କାନ୍ଥ ପଡ଼ିଯିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଜିଲ୍ଲାରେ ଗଛ ଉପୁଡ଼ି ପଡ଼ିଛି। ସେହିପରି ଦିଲ୍ଲୀ,



ଏନ୍‌ସିଆର ଅଞ୍ଚଳ ସହ ଓ ଉତ୍ତରାଖଣ୍ଡର ମସୁରୀ ଏବଂ ଡେରାଡୁନ୍‌ରେ ବର୍ଷା ସହିତ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି। ଏତଦ୍‌ବ୍ୟତୀତ ରାଜସ୍ଥାନର ଅନେକ ଜିଲ୍ଲାରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବର୍ଷା ଜାରି ରହିଛି। କୋଟାରେ ଏକ ଘର ଉପରେ ବଜ୍ରପାତ ହୋଇଛି।

ଉତ୍ତର ପ୍ରଦେଶର ବାନ୍ଦା କ୍ରମାଗତ ତୃତୀୟ ଦିନ ପାଇଁ ୪୫.୮ ଡିଗ୍ରୀ ତାପମାତ୍ରା ସହ ସବୁଠାରୁ ଗରମ ସହର ହୋଇ ରହିଛି। ରାଜସ୍ଥାନ ଏବଂ ମଧ୍ୟପ୍ରଦେଶର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ମଧ୍ୟପ୍ରଦେଶର ଭୋପାଳ ଏବଂ ସିଧିରେ ପାରଦ ୪୩ଡ଼ିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି।

### ବେଙ୍ଗାଲୁରୁରେ ପ୍ରାଣଘାତୀ ସାଜିଛି ବର୍ଷା

# ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି, ୧୪ ଲକ୍ଷ ଟଙ୍କାର ବହି ନଷ୍ଟ

**ବେଙ୍ଗାଲୁରୁ, ୩୦।୪/ଏଜେନ୍ସି:** ବୁଧବାର ସନ୍ଧ୍ୟାରୁ ବେଙ୍ଗାଲୁରୁରେ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଗୁରୁବାର ସକାଳୁ ପ୍ରାଣଘାତୀ ସାବ୍ୟସ୍ତ ହୋଇଛି। ରିପୋର୍ଟ ଅନୁସାରେ ରାତି ତମାମ ବେଙ୍ଗାଲୁରୁରେ ହୋଇଥିବା ପ୍ରବଳ ବର୍ଷା ଏବଂ କୁଆପଥର ମାଡ଼ ସହରର ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି। ଲଗାଣ ବର୍ଷା ଯୋଗୁ ବେଙ୍ଗାଲୁରୁ ସହରର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ଜମି ଯାଇଥିଲା। ଶାନ୍ତିନଗର ଏବଂ ରିଚ୍‌ୟମଣ୍ଡ ଟାଉନ୍ ପରି ଅଞ୍ଚଳରେ ରାସ୍ତାଗୁଡ଼ିକ କୃତ୍ରିମ ନଦୀରେ ପରିଣତ ହୋଇଥିଲା। ଏପରିକି ବିଧାନ ସୌଧ (କର୍ଣ୍ଣାଟକ ସରକାରଙ୍କ ସଚିବାଳୟ) ଭିତରେ ମଧ୍ୟ ବର୍ଷା ପାଣି ପଶିଯାଇଥିଲା। ତେବେ ଏପ୍ରକାର ଏହି ପ୍ରାକୃତିକ ବିପର୍ଯ୍ୟୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏପର୍ଯ୍ୟନ୍ତ ମୋଟ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଗତକାଲି ବିଳମ୍ବିତ ରାତିରେ 'ବୋରିଂ ଆଣ୍ଡ ଲେଡି କର୍ଜନ' ହସ୍ପିଟାଲର କମ୍ପାଉଣ୍ଡ ୱାଲ୍ (ପାଚେରୀ) ଭୁଶୁଡ଼ି ପଡ଼ିବାରୁ ଜଣେ ଶିଶୁ ସମେତ ୭



ଜଣଙ୍କର ମୃତ୍ୟୁ ହୋଇଛି। ଏହା ବ୍ୟତୀତ ବିଦ୍ୟୁତ ଆଘାତ ଏବଂ ଘରର ଛାତ ପଡ଼ିଯିବା ତଥା ଅନ୍ୟାନ୍ୟ ଅଘଟଣ ଯୋଗୁଁ ଅନ୍ୟ ୫ ଜଣ ପ୍ରାଣ ହରାଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୮୭ଟି ଗଛ ଉପୁଡ଼ି ପଡ଼ିଛି ଏବଂ ୧୩୧ଟି ଶାଖା ଭାଙ୍ଗି ଯାଇଛି।

ରାଜ୍ୟ ସରକାର ପରିସ୍ଥିତି ଉପରେ ସତର୍କ ନଜର ରଖିବା ସହ ପ୍ରଶାସନକୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ମଧ୍ୟରେ ସହରର ଚର୍ଚ୍ଚ ଷ୍ଟ୍ରିଟ୍‌ରେ ଥିବା ପ୍ରସିଦ୍ଧ ବହି ଦୋକାନ 'ଦି ବୁକ୍‌ୱର୍ମ' ମଧ୍ୟ ଜଳମଗ୍ନ ହୋଇଯିବାରୁ ବା ଦୋକାନ ଭିତରେ ବର୍ଷା ପାଣି ପଶିଯିବା ଯୋଗୁଁ ପ୍ରାୟ ୪,୦୦୦ ରୁ ୫,୦୦୦ ମୂଲ୍ୟବାନ ବହି ନଷ୍ଟ ହୋଇଯାଇଥିବା ଜଣାପଡିଛି। ଏହି ବହିଗୁଡ଼ିକର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା ହେବ ବୋଲି ବହି ଦୋକାନୀ ଦର୍ଶାଇଛନ୍ତି। ସୋସିଆଲ ମିଡିଆରେ ଏହାର ଫଟୋ ଦେଖି ବହି ପ୍ରେମୀମାନେ ଦୁଃଖ ପ୍ରକାଶ କରିବା ସହ ସାହାଯ୍ୟର ହାତ ବଢ଼ାଇଛନ୍ତି।

## ଭାରତକୁ ୧୪୦ ଲକ୍ଷ ଡଲାର ମୂଲ୍ୟର ୬୫୭ ଚୋରି କଳାକୃତି ଫେରାଇଲା ଆମେରିକା

**ନୂଆଦିଲ୍ଲୀ, ନ୍ୟୁୟର୍କ, ୩୦।୪/ଏଜେନ୍ସି:** ଆମେରିକା ଭାରତରୁ ଚୋରି ହୋଇଥିବା ୬୫୭ଟି ମୂଲ୍ୟବାନ କଳାକୃତି ଓ ପ୍ରାଚୀନ ସାମଗ୍ରୀକୁ ଫେରାଇ ଦେଇଛି। ଏହି ସମସ୍ତ କଳାକୃତିର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୧୪୦ ଲକ୍ଷ ଡଲାର (ପ୍ରାୟ ୧୪ ନିୟୁତ ଡଲାର) ବୋଲି ଜଣାପଡ଼ିଛି। ନ୍ୟୁୟର୍କରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସାମଗ୍ରୀଗୁଡ଼ିକୁ ଭାରତୀୟ ଦୂତାବାସକୁ ହସ୍ତାନ୍ତର କରାଯାଇଛି। ଏହି କଳାକୃତିଗୁଡ଼ିକ ଅନ୍ତର୍ଜାତୀୟ ଚୋରା ଚାଲାଣକାରୀ ସୁଭାଷ କପୁର ଏବଂ ନାନସୀ ୱାଇନରଙ୍କ ନେଟ୍‌ୱାର୍କରୁ ଜବତ କରାଯାଇଥିଲା। ତେବେ ଏହି ୬୫୭ଟି ସାମଗ୍ରୀ ତିନୋଟି ପର୍ଯ୍ୟାୟରେ ଫେରସ୍ତ କରାଯାଇଛି। ମାନହାଟନ ଜିଲ୍ଲା ଆଟର୍ଣ୍ଣିଙ୍କ କାର୍ଯ୍ୟାଳୟ ଏବଂ ହୋମଲ୍ୟାଣ୍ଡ



ସିକ୍ୟୁରିଟି ଇନ୍‌ଭେଷ୍ଟିଗେସନ (ଏଚ୍‌ଏସ୍‌ଆଇ) ଦ୍ୱାରା ଦୀର୍ଘ ବର୍ଷର ତଦନ୍ତ ପରେ ଏହି ସଫଳତା ମିଳିଛି। ପ୍ରତ୍ୟାହୃତ ସାମଗ୍ରୀ ମଧ୍ୟରେ ବ୍ରୋଞ୍ଜ ନିର୍ମିତ ଅବଲୋକିତେଶ୍ୱର ମୂର୍ତ୍ତି ଯାହାର ମୂଲ୍ୟ ୨ ନିୟୁତ ଡଲାର ହେବ ବୋଲି ଅନୁମାନ କରାଯାଉଛି ସାମିଲ ରହିଛି। ସେହିପରି ଲାଲ ବାଲୁଆ ପଥରରେ ନିର୍ମିତ ଭଗବାନ ବୁଦ୍ଧଙ୍କ ପ୍ରତିମା ଯାହାର ମୂଲ୍ୟ ୭.୫ ନିୟୁତ ଡଲାର ହେବ ମଧ୍ୟ ସାମିଲ ରହିଛି। ଏହି ମୂର୍ତ୍ତି 'ଅଭୟ ମୁଦ୍ରା'ରେ ଅଛି ଏବଂ ଏହା ଉତ୍ତର ଭାରତରୁ ଚୋରି ହୋଇଥିଲା। ଏତଦ୍‌ବ୍ୟତୀତ ଏକ ନୃତ୍ୟରତ ଗଣେଶ ମୂର୍ତ୍ତି ଯାହାକି ମଧ୍ୟପ୍ରଦେଶର ଏକ ମନ୍ଦିରରୁ ୨୦୦୦ ମସିହାରେ ଚୋରି ହୋଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra